ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୮/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, November 18/2025 Page 12 ₹ 7.00 | DHENKANAL
୫୧ଶ ଭାଗ ୩୫୨ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 352 ମୂଲ୍ୟ ₹୭/-

# ଆମେରିକାରୁ ଏଲ୍‌ପିଜି ଆମଦାନୀ କରିବ ଭାରତ

ଭାରତ ୨୦୨୬ ମସିହାରୁ ଆମେରିକାଠାରୁ ପ୍ରାୟ ୨.୨ ଏମ୍‌ଟିପିଏ ଘରୋଇ ରନ୍ଧନ ଗ୍ୟାସ (ଏଲ୍‌ପିଜି) କିଣିବା ଏନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ସୋମବାର ସୂଚନା ଦେଇଛନ୍ତି । ଏହା ଭାରତର ବାର୍ଷିକ ଏଲ୍‌ପିଜି ଆମଦାନୀର ପ୍ରାୟ ୧୦% ହେବ। ତେବେ ଭାରତ ପ୍ରାୟ ୯୦% ଏଲ୍‌ପିଜି ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଯଥା- ୟୁଏଇ, କାତାର, କୁଏଟ, ସାଉଦି ଆରବଠାରୁ କ୍ରୟ କରୁଛି। ମାତ୍ର ଏହି ଦେଶଗୁଡ଼ିକଠାରୁ ଆମେରିକାର ଏଲ୍‌ପିଜି ଶସ୍ତା ହେବ ବୋଲି କୁହାଯାଉଛି।

**ନୂଆଦିଲ୍ଲୀ,୧୭।୧୧**

ଭାରତୀୟ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ୨୦୨୬ ଚୁକ୍ତି ବର୍ଷ ପାଇଁ ଆମେରିକା ଗଲ୍ଫ କୋଷ୍ଟରୁ ପ୍ରାୟ ୨.୨ ଏମଟିପିଏ ଏଲପିଜି ଆମଦାନୀ କରିବା ପାଇଁ ଏକବର୍ଷିଆ ସଂରଚିତ ଚୁକ୍ତି ହୋଇଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ସୋମବାର ଏହି ଘୋଷଣା କରିଛନ୍ତି। ଏହା ଭାରତର ବାର୍ଷିକ ଏଲପିଜି ଆମଦାନୀର ପ୍ରାୟ ୧୦% ହୋଇଥିବାବେଳେ ଭାରତୀୟ ବଜାର ପାଇଁ ଏହା ପ୍ରଥମ ସଂରଚିତ ଆମେରିକୀୟ ଏଲପିଜି ଚୁକ୍ତି। ମନ୍ତ୍ରୀ ଏହି ନିଷ୍ପତ୍ତିକୁ ଏକ ଐତିହାସିକ ବିକାଶ କହିବା ସହ ବିଶ୍ୱର ସର୍ବବୃହତ୍ ଏବଂ ଦ୍ରୁତ ବୃଦ୍ଧି ପାଉଥିବା ଏଲ୍‌ପିଜି ବଜାର ମଧ୍ୟରୁ ଗୋଟିଏ ଏବେ ☞ପୃଷ୍ଠା-୪

## ରିଲାଏନ୍ସ ନାଁରେ ଗ୍ୟାସ୍ ଚୋରି ଅଭିଯୋଗ

**ମୁମ୍ବାଇ,୧୭।୧୧**

ରାଷ୍ଟ୍ରାୟତ୍ତ ତୈଳ ଉଦ୍ୟୋଗ ଅଏଲ୍ ଆଣ୍ଡ୍ ଗ୍ୟାସ୍ କର୍ପୋରେଶନ (ଓଏନ୍‌ଜିସି)ରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ (ଆର୍‌ଆଇଏଲ୍) ୧.୫୫ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରାକୃତିକ ଗ୍ୟାସ୍ ଚୋରି କରିଥିବା ଅଭିଯୋଗ ହୋଇଛି। ଏନେଇ ଆର୍‌ଆଇଏଲ୍ ଏବଂ ଏହାର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ବିରୋଧରେ ସିବିଆଇ ତଦନ୍ତ ପାଇଁ ଆବେଦନ ହୋଇଥିବାବେଳେ ବମ୍ବେ ହାଇକୋର୍ଟ ଏହା ଉପରେ ନୋଟିସ୍ ଜାରି କରିଛନ୍ତି। ଜିତେନ୍ଦ୍ର ପି. ମାରୁ ଆର୍‌ଆଇଏଲ୍ ଏବଂ ଏହାର ନିର୍ଦ୍ଦେଶକମାନଙ୍କ ବିରୋଧରେ ସିବିଆଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ କରିଥିଲେ। ଜଷ୍ଟିସ୍ ଏ.ଏସ୍. ଗଡକରୀ ଏବଂ ରଞ୍ଜିତ୍ ସିହ୍ନା ରାଜା ଭୋଁସଲେଙ୍କ ଖଣ୍ଡପୀଠ ସିବିଆଇ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଉକ୍ତ ପିଟିଶନ୍‌ର ଶୁଣାଣି ମଙ୍ଗଳବାର ହେବାକୁ ଯାଉଛି। ଗ୍ୟାସ୍ ଚୋରି, ଅସାଧୁ ଦୁରୁପଯୋଗ ଏବଂ ବିଶ୍ୱାସ ଭଙ୍ଗ ଅଭିଯୋଗ ନେଇ ଆର୍‌ଆଇଏଲ୍ ଏବଂ ଏହାର ☞ପୃଷ୍ଠା-୪

## ଶେଖ୍ ହାସିନାଙ୍କୁ ମୃତ୍ୟୁ ଦଣ୍ଡାଦେଶ

### ମାନବୀୟତା ବିରୋଧରେ ଅପରାଧ ପାଇଁ ଦୋଷୀସାବ୍ୟସ୍ତ କଲା ବାଂଲାଦେଶର ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲ




**ଢାକା,୧୭।୧୧**

ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବାଂଲାଦେଶର ଅନ୍ତର୍ଜାତୀୟ କ୍ରାଇମ୍ସ ଟ୍ରିବ୍ୟୁନାଲ (ଆଇସିଟି) ସୋମବାର ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଅନେକ ମାସ ଧରି ତାଙ୍କ ବିରୋଧରେ ଚାଲିଥିବା ମାମଲାରେ ଅଦାଲତ ତାଙ୍କୁ ମାନବତା ବିରୋଧୀ ଅପରାଧ ପାଇଁ ଦୋଷୀସାବ୍ୟସ୍ତ କରିଛନ୍ତି। ୨୦୨୪ ଜୁଲାଇ-ଅଗଷ୍ଟରେ ହାସିନା ସରକାର ବିରୋଧରେ ଛାତ୍ରୀଛାତ୍ରଙ୍କ ନେତୃତ୍ୱରେ ଜୋର୍‌ଦାର ଆନ୍ଦୋଳନ ଚାଲିଥିବାବେଳେ ଏହାକୁ କଠୋର ହସ୍ତରେ ଦମନ କରିବାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଅନେକ ଦଶନ୍ଧିମଧ୍ୟରେ ବାଂଲାଦେଶର ଜଣେ ପୂର୍ବତନ ନେତ୍ରୀଙ୍କ ବିରୋଧରେ ଏହା ସବୁଠୁ ☞ପୃଷ୍ଠା-୪

## କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପରଲୋକ

**ଭୁବନେଶ୍ୱର,୧୭।୧୧(ବନ୍ଦନା ସେଠୀ)**



ସୁପରିଚିତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କର ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୩୬ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି କିଡ୍‌ନୀ ଏବଂ ଲିଭର ଜନିତ ରୋଗରେ ପୀଡ଼ିତ ଥିଲେ। ପୂର୍ବରୁ ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ସ୍ୱାସ୍ଥ୍ୟରେ ଅବନତି ହେବା ପରେ ଗତ ଶୁକ୍ରବାର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର ☞ପୃଷ୍ଠା-୪

## ମାଟିରେ ମିଶିଲା ସନ୍ଦିଗ୍ଧ ବାଂଲାଦେଶୀଙ୍କ ଘର

### ଅନୁପ୍ରବେଶ ପ୍ରମାଣ ପରେ କଠୋର କାର୍ଯ୍ୟାନୁଷ୍ଠାନ

**ଜଗତ୍‌ସିଂହପୁର,୧୭।୧୧ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଧନିପୁର ନିକଟ ବେହେରାମପୁରସ୍ଥିତ ଏକ ନିରୋଳା ସ୍ଥାନରେ ସନ୍ଦେହଜନକ ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀ ଥିବା ନେଇ ରବିବାର ରାତିରେ ସୂଚନା ମିଳିଥିଲା। ଏହି ଆଧାରରେ ଜଗତ୍‌ସିଂହପୁର ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ଉକ୍ତ ବସ୍ତିରେ ରହୁଥିବା ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଛି। ଏଥିରେ ଅତିରିକ୍ତ ଏସ୍‌ପି ଓ ୨ ଜଣ କନଷ୍ଟେବଲ ଆହତ ହୋଇଛନ୍ତି। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଆବଶ୍ୟକ ସଂଖ୍ୟକ ପୋଲିସ ଓ ଫୋର୍ସ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ହାସିନାଙ୍କୁ ମୃତ୍ୟୁଦଣ୍ଡ






## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ୪୪ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ୨୦୨୫ ଓଡ଼ିଶା ମଞ୍ଚରେ ସୋମବାର ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗ ଦେଇଛନ୍ତି। (ଫଟୋ– ଚମନ ଗୌତମ)

# ୧୦ ଦିନିଆ ଏନ୍ଆଇଏ ହାଜତକୁ ଗଲେ ଅଭିଯୁକ୍ତ

### ଦିଲ୍ଲୀ ବିସ୍ଫୋରଣ

**ନୂଆଦିଲ୍ଲୀ,୧୭।୧୧(ପି.ଟି.)**

ଦିଲ୍ଲୀର ଲାଲ୍‌କିଲ୍ଲା ନିକଟ ବିସ୍ଫୋରଣ ଘଟଣାର ଅଭିଯୁକ୍ତ ଅମିର ରଶିଦ ଅଲିଙ୍କୁ ଦିଲ୍ଲୀର ଏକ ଅଦାଲତ ସୋମବାର ୧୦ ଦିନ ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ହାଜତକୁ ପଠାଇ ଦେଇଛନ୍ତି। ସୋମବାର ସକାଳ ୧୧ଟା ୩୦ ମିନିଟ୍ ସମୟରେ ଅଭିଯୁକ୍ତଙ୍କୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପଟିଆଲା ହାଉସ୍ କୋର୍ଟ କମ୍ପ୍ଲେକ୍ସରେ ଥିବା ନୂଆଦିଲ୍ଲୀ ଡିଷ୍ଟ୍ରିକ୍ଟ ପ୍ରିନ୍ସିପାଲ ଆଣ୍ଡ ସେସନ୍ସ ବିଚାରପତି ଅନୁଜ ବଜାଜ ଚନ୍ଦନଙ୍କ ଅଦାଲତରେ ହାଜର କରାଯାଇଥିଲା। କ୍ୟାମେରା ଆଗରେ ଶୁଣାଣି ଚାଲିଥିଲାବେଳେ ଗଣମାଧ୍ୟମ ଲୋକଙ୍କୁ କୋର୍ଟରେ ପଶିବା ପାଇଁ ଅନୁମତି ଦିଆଯାଇ ନ ଥିଲା। ଅଭିଯୁକ୍ତ ଅଲିଙ୍କୁ ଅଧିକ ଜେରା ପାଇଁ ତାଙ୍କୁ ରିମାଣ୍ଡରେ ନେବା ନିମନ୍ତେ ଏନ୍ଆଇଏ ନିବେଦନ କରିଥିଲା। ଦିଲ୍ଲୀ ପୋଲିସ ସମେତ ରାପିଡ୍ ଆକ୍ସନ ଫୋର୍ସ (ଆର୍ଏଏଫ୍) ଯବାନମାନଙ୍କୁ କୋର୍ଟ କମ୍ପ୍ଲେକ୍ସ ଚାରିପଟେ ନିୟୋଜିତ କରାଯାଇଥିଲା।

ସୂଚନାଯୋଗ୍ୟ, ଏନ୍ଆଇଏ ରବିବାର କଶ୍ମୀର ନିବାସୀ ଅଲିଙ୍କୁ ଦିଲ୍ଲୀଙ୍କୁ ଗିରଫ କରିବା ପରେ ମାମଲା ନୂଆ ମୋଡ଼ ନେଇଛି। ସୁଇସାଇଡ୍ ବମ୍ବର ଡା. ଉମର ଉନ୍ ନବୀ ଲାଲ୍‌କିଲ୍ଲା ନିକଟରେ ଆତ୍ମଘାତୀ ଆକ୍ରମଣ କରିଥିବାବେଳେ ଅଲି ଏଥିପାଇଁ ତାଙ୍କ ସହ ଷଡ଼ଯନ୍ତ୍ରରେ



ସାମିଲ ଥିଲା । ବିସ୍ଫୋରଣରେ ବ୍ୟବହୃତ କାର୍ କିଣିବରେ ସହାୟତା ପାଇଁ ଅଲି ଦିଲ୍ଲୀ ଆସିଥିଲା। ଏଥିରେ ଖଞ୍ଜାଯାଇଥିବା ବିସ୍ଫୋରକ ସାମଗ୍ରୀ ଫୁଟିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଉମର ଉକ୍ତ କାର୍ ଚଳାଉଥିଲେ, ଯାହାଙ୍କର ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ସହ ସମ୍ପୃକ୍ତି ରହିଛି।

# କେରଳ ବିଏଲ୍ଓଙ୍କ ଆତ୍ମହତ୍ୟା: ଏସ୍ଆଇଆର୍ କାର୍ଯ୍ୟ ଚାପକୁ ଦାୟୀ କଲା ପରିବାର

**ନୂଆଦିଲ୍ଲୀ,୧୭।୧୧**

କେରଳର କନ୍ନୁରରେ ଜଣେ ବୁଥ୍‌ସ୍ତରୀୟ ଅଫିସର (ବିଏଲ୍ଓ) ଆତ୍ମହତ୍ୟା କରିଥିବାବେଳେ ତାଙ୍କ ପରିବାର ଓ ସହକର୍ମୀମାନେ ଏଥିପାଇଁ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ଜନିତ କାର୍ଯ୍ୟଚାପକୁ ଦାୟୀ କରିଛନ୍ତି। ଏହି ଘଟଣା ପରେ ରାଜ୍ୟର ବିଏଲ୍ଓମାନେ ସୋମବାର କାର୍ଯ୍ୟ ବର୍ଜନ କରିଛନ୍ତି। ରାଜ୍ୟ ସରକାରୀ କର୍ମଚାରୀ ଓ ଶିକ୍ଷକ କ୍ରିୟାନୁଷ୍ଠାନ ପରିଷଦ, ଶିକ୍ଷକ ସେବା ସଂଗଠନ ମିଳିତ କମିଟି ଏବଂ କେରଳ ଏନ୍‌ଜିଓ ଆସୋସିଏଶନର କୌଣସି କର୍ମଚାରୀ କାର୍ଯ୍ୟରେ ଯୋଗଦେଇ ନାହାନ୍ତି। ଏକନ୍ନୁର ଜିଲାର ପୟାନ୍ନୁର ବିଏଲ୍ଓ ଅନୀଶ ଜର୍ଜ(୪୪) ରବିବାର ତାଙ୍କ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ପରିବାର ଲୋକେ ଏସ୍ଆଇଆର୍ କାର୍ଯ୍ୟଚାପକୁ ଦାୟୀ କରିଛନ୍ତି।

### ସାଉଦିରେ ବସ୍-ଟ୍ୟାଙ୍କର ଧକ୍କା

# ଜଳିଗଲେ ୪୫ ଭାରତୀୟ ତୀର୍ଥଯାତ୍ରୀ

**ନୂଆଦିଲ୍ଲୀ/ହାଇଦ୍ରାବାଦ,୧୭।୧୧**

ସାଉଦି ଆରବର ପବିତ୍ର ମଦିନା ସହରରେ ରବିବାର ବିଳମ୍ବିତ ରାତିରେ ଉମ୍ରାହ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ତୈଳବାହୀ ଟ୍ୟାଙ୍କରକୁ ଧକ୍କାଦେବାରୁ ୪୫ ଜଣ ଭାରତୀୟ ଜୀବନ୍ତ ଜଳିଯାଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ତେଲଙ୍ଗାନାରୁ ଯାଇଥିବା ତୀର୍ଥଯାତ୍ରୀ। ବସ୍‌ଟି ୪୬ ଭାରତୀୟ ଯାତ୍ରୀଙ୍କୁ ନେଇ ମକ୍କାରୁ ମଦିନା ଯାଉଥିଲା। ଦୁର୍ଘଟଣା ପରେ ବସ୍ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ମାତ୍ର ଜଣେ ଜୀବିତ ଅଛନ୍ତି। ମୃତକଙ୍କ ମଧ୍ୟରୁ ୨୦ ଜଣ ମହିଳା ହୋଇଥିବାବେଳେ ୧୧ ଜଣ ପିଲା। ସେମାନଙ୍କ ମଧ୍ୟରୁ ହାଇଦ୍ରାବାଦର ଗୋଟିଏ ପରିବାରର ୩ ପିଢ଼ିର ୧୮ ଜଣ ରହିଥିବା ସେମାନଙ୍କ ସମ୍ପର୍କୀୟ କହିଛନ୍ତି। ସେମାନେ ୮ ଦିନ ପୂର୍ବରୁ ତୀର୍ଥଯାତ୍ରାରେ ଯାଇ ଉମ୍ରାହ ପରେ ମକ୍କାରୁ ମଦିନା ଫେରୁଥିବାବେଳେ ରାତି ୧ଟା ୩୦ ମିନିଟ୍ ସମୟରେ ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରୁ ଉକ୍ତ ପରିବାରର ୯ ଜଣ ବୟସ୍କ ଓ ୯ ଜଣ ପିଲା ଥିବା ଜଣାପଡ଼ିଛି। ଦୁର୍ଘଟଣା ସମୟରେ ଅଧିକାଂଶ ଯାତ୍ରୀ ଶୋଇଥିବାରୁ ବସ୍‌ରୁ ବାହାରିପାରି ନ ଥିଲେ। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରଗୁଡ଼ିକୁ ସମବେଦନା ଜଣାଇଛନ୍ତି। ଏଥିସହିତ ସେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ରିୟାଧସ୍ଥିତ ଭାରତୀୟ ଦୂତାବାସ ଏବଂ ଜେଦ୍ଦାହରେ ଥିବା କନ୍‌ସୁଲେଟ୍ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେଇଛନ୍ତି। ଭାରତୀୟ ଅଧିକାରୀମାନେ ସାଉଦି କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରଖିଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଦୁଃଖପ୍ରକାଶ କରିଛନ୍ତି। ସେ ମୁଖ୍ୟ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କଠାରୁ ଦୁର୍ଘଟଣାର ସବିଶେଷ ତଥ୍ୟ ମାଗିଛନ୍ତି। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ହାଇଦ୍ରାବାଦର ୨୪ ବର୍ଷୀୟ ମହମ୍ମଦ ଅବଦୁଲ ସୋଏବ୍ ବସ୍ ଡ୍ରାଇଭରଙ୍କ ପାଖରେ ବସିଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଜଣାପଡ଼ି ନାହିଁ।



ଦୁର୍ଘଟଣା ପରେ ତୀର୍ଥଯାତ୍ରୀ ବସ୍‌ଟି ଜଳୁଛି।

# ଫେବୃଆରୀ ୧ରୁ ଚାଇନାକୁ ପୁଣି ବିମାନସେବା ଆରମ୍ଭ କରିବ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୧୭।୧୧**

ଚାଇନା ମୁଖ୍ୟ ଭୂଖଣ୍ଡକୁ ୬ ବର୍ଷ ହେଲା ଏୟାର ଇଣ୍ଡିଆର ବିମାନ ସେବା ବନ୍ଦ ରହିଥିବାବେଳେ ଆସନ୍ତାବର୍ଷ ଫେବୃଆରୀ ୧ରୁ ତାହା ପୁଣିଥରେ ଆରମ୍ଭ ହେବାକୁ ଯାଉଛି। ଦିଲ୍ଲୀ ଏବଂ ସାଂଘାଇ ମଧ୍ୟରେ ଫେବୃଆରୀ ୧ରୁ ନିରବଚ୍ଛିନ୍ନ ବିମାନ ସେବା ଆରମ୍ଭ ହେବ ବୋଲି ଏୟାର ଇଣ୍ଡିଆ ସୋମବାର ଘୋଷଣା କରିଛି। ଆସନ୍ତାବର୍ଷରୁ ମୁମ୍ବାଇ ଏବଂ ସାଂଘାଇ ମଧ୍ୟରେ ବିମାନ ସେବା ଆରମ୍ଭ କରିବାକୁ ଏୟାରଲାଇନ୍ସ ଆଗ୍ରହୀ ଥିବାବେଳେ ଏଥିପାଇଁ ନିୟାମକ ଅନୁମୋଦନକୁ ଅପେକ୍ଷା କରାଯାଇଛି। ଏୟାର ଇଣ୍ଡିଆ ଦିଲ୍ଲୀରୁ ସାଂଘାଇ ମଧ୍ୟରେ ସପ୍ତାହକୁ ୪ ଥର ବିମାନ ଚଳାଚଳ କରିବ। ୨୦୨୦ ପ୍ରଥମ ଭାଗରୁ ଏହି ସେବା ବନ୍ଦ ଥିଲା। ନିକଟରେ ଭାରତ ଓ ଚାଇନା ମଧ୍ୟରେ କୂଟନୈତିକ ଚୁକ୍ତିନାମା ପରେ ବିମାନସେବା ପୁନର୍ବାର ଆରମ୍ଭ ହେବାକୁ ଯାଉଛି।

# ଦକ୍ଷିଣ ଚାଇନା ସାଗରରେ ପିଏଲ୍ଏର ବମ୍ବର ପାଟ୍ରୋଲ

**ବେଜିଂ,୧୭।୧୧**

ଚାଇନା ସେନା ପ୍ରଥମ ଥର ପାଇଁ ବିବାଦୀୟ ଦକ୍ଷିଣ ଚାଇନା ସାଗର ଉପରେ ରବିବାର ବମ୍ବର ପାଟ୍ରୋଲିଂ କରିଛି। ଉକ୍ତ ଅଞ୍ଚଳରେ ଆମେରିକା ଓ ଜାପାନ ସହ ଫିଲାପାଇନ୍ସ ନୌସେନା ମିଳିତ ପାଟ୍ରୋଲିଂ ଚଳାଇଥିବାବେଳେ ମାନିଲାକୁ ଚେତାବନୀ ଦେବା ପାଇଁ ଚାଇନା ସମୁଦ୍ର ଉପରେ ବହୁସଂଖ୍ୟାରେ ଯୁଦ୍ଧବିମାନ ଉଡ଼ାଇଥିଲା। ଚାଇନା ପିପୁଲ୍ସ ଲବରେଶନ ଆର୍ମି (ପିଏଲ୍ଏ)ର ସଦର୍ନ ଥିଏଟର କମାଣ୍ଡ ବମ୍ବର ଫର୍ମେଶନ ପାଟ୍ରୋଲ ଚଳାଇବାକୁ ଘୋଷଣା କରିଛି।

# ଅଲ୍-ଫଲାହ ୟୁନିଭର୍ସିଟି ଅଧ୍ୟକ୍ଷଙ୍କୁ ପୋଲିସ ସମନ

**ଚଣ୍ଡିଗଡ଼,୧୭।୧୧**

ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ର ପଛର କେନ୍ଦ୍ର କୁହାଯାଉଥିବା ହରିୟାଣାର ଫରିଦାବାଦସ୍ଥିତ ଅଲ୍-ଫଲାହ ୟୁନିର୍ଭର୍ସିଟି ବିଭିନ୍ନ ତଦନ୍ତକାରୀ ସଂସ୍ଥାର ନଜରରେ ରହିଛି। ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ ସମ୍ପର୍କରେ ତଦନ୍ତ ପାଇଁ ଦିଲ୍ଲୀ ପୋଲିସ ସୋମବାର ୟୁନିଭର୍ସିଟିର ଅଧ୍ୟକ୍ଷଙ୍କୁ ସମନ ଜାରି କରିଛି। ଏଥିସହିତ ବିଶ୍ୱବିଦ୍ୟାଳୟ ଚଳାଇଥିବା ଜାଲିଆତି ଓ ଠକେଇ ଅଭିଯୋଗରେ ୨ଟି ମାମଲା ରୁଜୁ ହୋଇଛି। ବିଶ୍ୱବିଦ୍ୟାଳୟ ପରିଚାଳନା ଏବଂ ଏହାସହ ଜଡିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକଳାପ ଓ ଅସଙ୍ଗତି ସମ୍ପର୍କରେ ଅଧ୍ୟକ୍ଷ ଜାଭେଦ ଅହମଦ ସିଦ୍ଦିକିଙ୍କ ବୟାନ ଗୁରୁତ୍ୱପୂର୍ଣ୍ଣ ବୋଲି ତଦନ୍ତକାରୀମାନେ ଜାଣିବାକୁ ପାଇଛନ୍ତି। ଦିଲ୍ଲୀ ବିସ୍ଫୋରଣ ସହ ଜଡ଼ିତ ଅନେକ ସନ୍ଦିଗ୍ଧଙ୍କର ଅଲ୍-ଫଲାହ ୟୁନିଭର୍ସିଟି ସହ ସମ୍ପୃକ୍ତି ଥିବା ବିଶ୍ୱାସ କରାଯାଉଛି। ସେଥିପାଇଁ ତଦନ୍ତକାରୀମାନେ ଉକ୍ତ ଶିକ୍ଷାନୁଷ୍ଠାନର ରେକର୍ଡ, ଆର୍ଥିକ କାରବାର ଏବଂ ପ୍ରଶାସନିକ ମଞ୍ଜୁରୀଗୁଡ଼ିକୁ ଯାଞ୍ଚ କରୁଛନ୍ତି।

ଉକ୍ତ ୟୁନିଭର୍ସିଟିରେ ବ୍ୟାପକ ଅନିୟମିତତା ହୋଇଥିବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଶନ କାଉନ୍‌ସିଲ୍ (ଏନ୍ଏଏସି) ଅଭିଯୋଗ ଆଣିବା ପରେ ୨ଟି ମାମଲା ରୁଜୁ ହୋଇଛି।

# ୨୦ରେ ବିହାରର ନୂଆ ସରକାରଙ୍କ ଶପଥ ଗ୍ରହଣ

### ବିଧାନସଭା ଭଙ୍ଗ ପାଇଁ ସୁପାରିସ କଲେ ନୀତୀଶ

**ପାଟନା,୧୭।୧୧(ପି.ଟି.)**

ବିହାରର ନୂଆ ସରକାର ଆସନ୍ତା ୨୦ ତାରିଖରେ ଶପଥ ଗ୍ରହଣ କରିପାରନ୍ତି ବୋଲି ଆନୁଷ୍ଠାନିକ ସୂତ୍ରରୁ ଜଣାପଡ଼ିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ଏନ୍‌ଡିଏର ବହୁ ଶୀର୍ଷ ନେତା ଯୋଗଦେବା ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବୁଧବାର ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେଇପାରନ୍ତି। ଭାଜପା ରାଜ୍ୟ ସଭାପତି ଦିଲୀପ ଜୟସ୍ୱାଲ୍‌ଙ୍କ କହିବା ଅନୁଯାୟୀ, ମଙ୍ଗଳବାର ନବନିର୍ବାଚିତ ବିଧାୟକମାନଙ୍କ ବୈଠକରେ ବିଧାୟକ ଦଳ ନେତା ନିର୍ବାଚନ କରାଯିବ। ଶପଥ ଗ୍ରହଣ ପାଇଁ ପାଟନାରେ ଗାନ୍ଧୀ ମଇଦାନରେ ଜୋର୍‌ଦାର ପ୍ରସ୍ତୁତ ଜାରି ରହିଛି।

ବିହାରର ବିଦାୟୀ ଏନ୍‌ଡିଏ ସରକାରର ପ୍ରଥମ କ୍ୟାବିନେଟ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏହାପରେ ନୀତୀଶ ରାଜଭବନ ଯାଇ ବିଧାନସଭା ଭଙ୍ଗ କରିବା ନିମନ୍ତେ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍‌ଙ୍କୁ ସୁପାରିସ କରିଛନ୍ତି।



ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍‌ଙ୍କୁ ଭେଟୁଛନ୍ତି।

## ଫୁର୍‌ସତ୍

# ସେନା ନ ଥିବା ଦେଶ

**ନୂଆଦିଲ୍ଲୀ**

ବିଶ୍ୱର ସୁରକ୍ଷା ପାଇଁ ଅଧିକାଂଶ ଲୋକ ସାମରିକ ଶକ୍ତି, ଅସ୍ତ୍ରଶସ୍ତ୍ର ଭଣ୍ଡାର ଏବଂ ସାମରିକ ପ୍ରସ୍ତୁତି ବିଷୟରେ ଚିନ୍ତା କରନ୍ତି। ତଥାପି କେତେକ ଦେଶ ବର୍ଷ ବର୍ଷ ଧରି ବିନା ସେନାରେ ସୁରକ୍ଷିତ ଅଛନ୍ତି। ଏହି ଦେଶଗୁଡ଼ିକ ସେମାନଙ୍କର ପ୍ରତିରକ୍ଷା ପାଇଁ ସେନା ଉପରେ ନୁହେଁ ବରଂ କୂଟନୀତି, ଅନ୍ତର୍ଜାତୀୟ ମେଣ୍ଟ ଏବଂ ପୋଲିସ ବାହିନୀ ଉପରେ ନିର୍ଭର କରନ୍ତି। ଏଭଳି ଏକ ଦେଶ ହେଉଛି ମରିସସ୍ । ଭାରତ ମହାସାଗରରେ ଥିବା ଏହି ସୁନ୍ଦର ଦ୍ୱୀପରାଷ୍ଟ୍ରର କୌଣସି ସେନା ନାହିଁ। ଏଠାରେ ସୁରକ୍ଷା ପୋଲିସ ଏବଂ ଏକ ସ୍ୱତନ୍ତ୍ର ଅର୍ଦ୍ଧସାମରିକ ବାହିନୀ, ସ୍ପେଶାଲ ମୋବାଇଲ ଫୋର୍ସ ଦ୍ୱାରା ପରିଚାଳିତ ହୁଏ। ଆବଶ୍ୟକ ହେଲେ ଏହି ବାହିନୀ ଜାତୀୟ ପ୍ରତିରକ୍ଷାର ଦାୟିତ୍ୱ ମଧ୍ୟ ଗ୍ରହଣ କରେ। ମରିସସ୍ ଶାନ୍ତିପୂର୍ଣ୍ଣ କୂଟନୀତିରେ ବିଶ୍ୱାସକରେ। ଏହାର ଭୌଗୋଳିକ ସ୍ଥିତି ଏହାକୁ ସିଧାସଳଖ ସଂଘର୍ଷରୁ ଦୂରେଇ ରଖେ।



ଅନ୍ୟ ଏକ ଦେଶ ହେଉଛି ଆଇସ୍‌ଲାଣ୍ଡ। ଏହି ଦେଶ ୟୁରୋପର ଦ୍ୱିତୀୟ ବୃହତ୍ତମ ଦ୍ୱୀପ ଏବଂ ସୌନ୍ଦର୍ଯ୍ୟ ପାଇଁ ବିଶ୍ୱରେ ପ୍ରସିଦ୍ଧ। ୧୮୬୯ ପରଠାରୁ ଏହାର କୌଣସି ସାମରିକ ବାହିନୀ ନାହିଁ। ଆଇସ୍‌ଲାଣ୍ଡ 'ନାଟୋ'ର ସଦସ୍ୟ। କୌଣସି ବଡ଼ ବିପଦର ସମ୍ମୁଖୀନ ହେଲେ ଆମେରିକା, ନରୱେ ଏବଂ ଅନ୍ୟାନ୍ୟ ନାଟୋ ଦେଶ ଏହାକୁ ସୁରକ୍ଷା ଦିଅନ୍ତି। ଲିଚେନ୍‌ଷ୍ଟାଇନ୍ ଏକ ଛୋଟ କିନ୍ତୁ ଅତ୍ୟନ୍ତ ସୁରକ୍ଷିତ ଦେଶ। ଏହି ୟୁରୋପୀୟ ଦେଶ ୧୮୬୮ରେ ଏହାର ସାମରିକ ବାହିନୀକୁ ବନ୍ଦ କରିଦେଇଥିଲା। ସେବେଠାରୁ ଦେଶ ଏକ ଶାନ୍ତିପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଛି ଏବଂ ସୁଇଜରଲାଣ୍ଡ ଓ ଅଷ୍ଟ୍ରିଆ ଭଳି ପଡ଼ୋଶୀ ଦେଶ ଉପରେ ନିର୍ଭର କରିଛି। ଏହାର ପୋଲିସ ଦୈନନ୍ଦିନ ସୁରକ୍ଷା ପରିଚାଳନା କରେ ଏବଂ ଆବଶ୍ୟକ ହେଲେ ସୁଇଜରଲାଣ୍ଡ ତୁରନ୍ତ ସହାୟତା ପ୍ରଦାନକରେ।

ଚତୁର୍ଥ ଦେଶ ହେଉଛି କୋଷ୍ଟାରିକା। ଏହା ୧୯୪୮ରେ ଏକ ଭୟଙ୍କର ଗୃହଯୁଦ୍ଧ ପରେ ଏହାର ସାମରିକ ବାହିନୀକୁ ସ୍ଥାୟୀ ଭାବରେ ବନ୍ଦ କରିଦେଇଥିଲା।

# ରାଜମୌଳିଙ୍କ ଫିଲ୍ମରେ ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ**

ଏସ୍‌ଏସ୍ ରାଜମୌଳିଙ୍କ ଆଗାମୀ ଫିଲ୍ମ 'ବାରାଣସୀ'ର ନିର୍ମାତା ନିକଟରେ ପ୍ରଥମ ଲୁକ୍ ରିଲିଜ କରିଛନ୍ତି, ଯାହା ପ୍ରଶଂସକଙ୍କୁ ବହୁ ଉତ୍ସାହିତ କରିଛି। ଏହି ଫିଲ୍ମରେ ପ୍ରଥମ ଥର ପାଇଁ ପ୍ରିୟଙ୍କା ଚୋପ୍ରା ଏବଂ ମହେଶ ବାବୁ ଏକାଠି ସ୍କ୍ରିନ୍ ଶେୟାର କରିବାର ଦେଖାଯିବେ। ସୋମବାର ଅଭିନେତ୍ରୀଙ୍କ ସ୍ୱାମୀ ନିକ୍ ଜୋନ୍ସ ଏହି ଫିଲ୍ମ ବିଷୟରେ ଏକ ପୋଷ୍ଟ ଶେୟାର କରିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଫିଲ୍ମଟି ଶେୟାରକରି ଲେଖିଛନ୍ତି, 'ବାରାଣସୀର ଚମତ୍କାର ଟିମ୍‌କୁ ଅଭିନନ୍ଦନ।

ପ୍ରଥମ ଲୁକ୍‌ରେ ଜଙ୍ଗଲ, ପଶୁପକ୍ଷୀ ଏବଂ ଏକ ରହସ୍ୟମୟ ଗୁମ୍ଫାର ଦୃଶ୍ୟ ରହିଛି, ମହେଶ ବାବୁ ନନ୍ଦୀଙ୍କ ଉପରେ ବସି ହାତରେ ତ୍ରିଶୂଳ ଧରିଛନ୍ତି, ଯାହା ପ୍ରଶଂସକଙ୍କୁ ବହୁ ଉତ୍ସାହିତ କରିଛି। ସେମାନେ ଏହାକୁ ଏସ୍‌ଏସ୍ ରାଜମୌଳିଙ୍କ ଐତିହାସିକ ଏବଂ ପୌରାଣିକ ଚଳଚ୍ଚିତ୍ରର ପରବର୍ତ୍ତୀ ବଡ଼ ପଦକ୍ଷେପ ବୋଲି କହୁଛନ୍ତି।

ପ୍ରିୟଙ୍କା ଚୋପ୍ରା ଏବଂ ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ଖଳନାୟକ ଅବତାର ଫିଲ୍ମକୁ ବେଶ୍ ଆକର୍ଷଣ କରିବ। ଏହି ଫିଲ୍ମ ସହ ରାଜମୌଳି ପୁଣି ଥରେ ଦର୍ଶକଙ୍କୁ ପାରମ୍ପରିକ ଐତିହାସିକ କାଳ୍ପନିକ ଜଗତକୁ ଫେରାଇ ଆଣିବା ପାଇଁ ପ୍ରସ୍ତୁତ ହେଉଛନ୍ତି।



# ବଜେଟ ଛୁଇଁବ ୫୦୦ ବିଲିୟନ ଡଲାର

## ସରକାରଙ୍କ ଭିଜନ-୨୦୩୬

ଭୁବନେଶ୍ୱର,୧୭।୧୧ (ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ ଭାଜପା ସରକାର ଦେଇଥିବା ପ୍ରତିଶ୍ରୁତି କିଭଳି ପୂରଣ ହେବ ଏବଂ ଓଡ଼ିଶା ବିକାଶର ଶୀର୍ଷକୁ ଛୁଇଁବ ତାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ରାଜ୍ୟର ରାଜସ୍ୱ ବୃଦ୍ଧି କରିବା ଏବଂ ଏହାକୁ ଜନହିତକର କାର୍ଯ୍ୟକ୍ରମରେ ବିନିଯୋଗ କରିବା ପାଇଁ ଅର୍ଥ ବିଭାଗ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଅର୍ଥ ବିଭାଗର ରଣନୀତି ଆଧାରରେ ଆସନ୍ତା ୨୦୩୬ ବେଳକୁ ଓଡ଼ିଶା ଯେତେବେଳେ ବିକାଶର ଶୀର୍ଷ ଛୁଇଁବ, ସେତେବେଳେ ଏହାର ବଜେଟ ଆକାର ୫୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ। ଏହାକୁ ଦୃଷ୍ଟିରେ ରଖି ଏବେଠାରୁ ବଜେଟ ପ୍ରସ୍ତୁତ କରିବା ଲାଗି ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗକୁ କୁହାଯାଇଛି।

ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ନଭେମ୍ବର ୧୧ରେ ସବୁ ବିଭାଗକୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ସମସ୍ତ ବିଭାଗ ଡିସେମ୍ବର ୨୦ ସୁଦ୍ଧା ବଜେଟ ପ୍ରସ୍ତାବମାନ ଦେବେ। ଡିସେମ୍ବର ୨୧ ତାରିଖରୁ ୨୦୨୬ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ପ୍ରଶାସନିକ ବିଭାଗ ସହିତ ବଜେଟ ପ୍ରସ୍ତାବ ସଂକ୍ରାନ୍ତରେ ପ୍ରାକ୍ ପରାମର୍ଶ ବୈଠକ ଅନୁଷ୍ଠିତ ହେବ। ଯଦି କୌଣସି ବିଭାଗର ବଜେଟ ପ୍ରସ୍ତାବରେ ସଂଶୋଧନ ଆବଶ୍ୟକ ହେଲା ତାହା ୩ ଫେବୃଆରୀ ସୁଦ୍ଧା ଶେଷ ହେବା ଆବଶ୍ୟକ। ଫେବୃଆରୀ ୬ ତାରିଖରେ ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ ଆୟୁକ୍ତ ସବୁ ବିଭାଗର ସଚିବଙ୍କ ସହିତ ବଜେଟ ସଂକ୍ରାନ୍ତରେ ଆଲୋଚନା କରି ସୁଚିନ୍ତିତ ପରାମର୍ଶ ଦେବେ। ଫେବୃଆରୀ ୭ରୁ ୧୦ ତାରିଖ ମଧ୍ୟରେ ମନ୍ତ୍ରୀ ପରିଷଦରେ ୨୦୨୬-୨୭ ଆର୍ଥିକବର୍ଷ ଲାଗି ବଜେଟ ପ୍ରସ୍ତାବକୁ ପ୍ରଥମେ ଅନୁମୋଦନ ମିଳିବା ଆବଶ୍ୟକ। ଦ୍ୱିତୀୟ ସପ୍ତାହରେ ବଜେଟ ଦସ୍ତାବିଜ୍ ପ୍ରସ୍ତୁତ ହେବାକୁ ରହିଥିବାବେଳେ ତୃତୀୟ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ବଜେଟ ଉପସ୍ଥାପନ କରିବେ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଆର୍ଥିକବର୍ଷ ଲାଗି ବଜେଟ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି।

ସେ ଦର୍ଶାଇଛନ୍ତି, ରାଜ୍ୟରେ ଏବେ ଯେଉଁ ପରିମାଣର ଟିକସ ଆଦାୟ କରାଯାଉଛି ବା ରାଜସ୍ୱ ଆୟ ସ୍ଥିତି ଯାହା ରହିଛି ତାହା ଆସନ୍ତା ୨୦୨୬-୨୭ ଆର୍ଥିକବର୍ଷରେ ପ୍ରାୟ ୧୦ ପ୍ରତିଶତ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ବିଭାଗଗୁଡ଼ିକ ସେମାନଙ୍କୁ ପ୍ରସ୍ତାବ ଦେବା ଆବଶ୍ୟକ। ତେବେ ବଜେଟ ଆକଳନ ପ୍ରସ୍ତୁତି ସମୟରେ ଓଡ଼ିଶା ବଜେଟ ନିୟମାବଳୀର ଅଧ୍ୟାୟ-୩ରେ ଥିବା ସାଧାରଣ ନିର୍ଦ୍ଦେଶନାମା ଓ ଅତିରିକ୍ତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ହେବ।

ସେହିପରି ବର୍ତ୍ତମାନ ଓଡ଼ିଶା ସରକାରଙ୍କ ବଜେଟ ଆକାର ଯାହା ରହିଛି, ୨୦୪୭ ବେଳକୁ ଏହା ପ୍ରାୟ ୧୫ଗୁଣ ବଢ଼ିଯିବ। ସେତେବେଳକୁ ରାଜ୍ୟରେ ପ୍ରାୟ ୧କୋଟିରୁ ଅଧିକ ନୂତନ କର୍ମ ନିଯୁକ୍ତି ସୃଷ୍ଟି ହୋଇ ସାରିଥିବ। ଏହାସହିତ ସମସ୍ତଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ସୁନିଶ୍ଚିତ ହେବା ସହିତ ସବୁଜ ଶକ୍ତି, ପର୍ଯ୍ୟଟନ, ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇ ଉଭା ହେବ।

ଅନ୍ୟପକ୍ଷରେ ଓଡ଼ିଶା ବିତ୍ତୀୟ ଉତ୍ତରଦାୟିତ୍ୱ ଏବଂ ବଜେଟ ପରିଚାଳନା ଅଧିନିୟମ(ଏଫ୍ଆର୍ବିଏମ୍)-୨୦୦୫ ଅନୁଯାୟୀ ରାଜସ୍ୱ ବଳକା ବଜାୟ ରଖିବା ଏବଂ ବିତ୍ତୀୟ ନିଅଣ୍ଟକୁ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍ଡିପି)ର ୩% ମଧ୍ୟରେ ସୀମିତ ରଖିବାକୁ ପଡ଼ିବ। ପଞ୍ଚଦଶ ଅର୍ଥଆୟୋଗଙ୍କ ସୁପାରିସ ଅନୁଯାୟୀ, ୨୦୨୬-୨୭ରେ ଜିଏସ୍ଡିପିର ୦.୫% ଅତିରିକ୍ତ ବାର୍ଷିକ ଋଣ ସରକାର କରିପାରିବେ। ତେଣୁ ପୁଞ୍ଜି ଖର୍ଚ୍ଚର ଆବଶ୍ୟକତା ପୂରଣ ନିମନ୍ତେ ଯୁକ୍ତିଯୁକ୍ତ ରାଜସ୍ୱ ବ୍ୟୟ ଉପରେ ପ୍ରାଥମିକତା ଦେବା ସହିତ ଅଧିକ ରାଜସ୍ୱ ବଳକା ବଜାୟ ରଖିବା ଲାଗି ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି।




# ଖେଳୁଥିବା ବେଳେ ପୋଖରୀରେ ପଡ଼ି ୨ ଶିଶୁ ମୃତ

ତିହିଡ଼ି,୧୭।୧୧(ସଞ୍ଜିତ ବଳ)

ଖେଳୁଥିବା ବେଳେ ପୋଖରୀରେ ପଡ଼ି ଚାଲିଗଲା ୨ ଶିଶୁଙ୍କ ଜୀବନ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତର ଜାଫରାବାଦ ଗ୍ରାମରେ ସୋମବାର ଅପରାହ୍ନରେ ଏଭଳି ଘଟଣା ଘଟିଛି। ମୃତ ୨ ଶିଶୁ ହେଲେ ଉକ୍ତ ଗ୍ରାମର ବୁଲୁ ବାରିକଙ୍କ ପୁଅ ଅନନ୍ତଦେବ(୩) ଏବଂ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ଫୁଲଗ ଗ୍ରାମର ଜୟନ୍ତ ସାହୁଙ୍କ ପୁଅ ହିମାଂଶୁ(୪)। ସୂଚନା ଅନୁଯାୟୀ, ହିମାଂଶୁ ତାଙ୍କ ବାପାଙ୍କ ସହ ଜାଫରାବାଦ ଗ୍ରାମର ବନ୍ଧୁଘରକୁ ଆସିଥିଲେ। ଅପରାହ୍ନ ୧ଟା ବେଳେ ହିମାଂଶୁ ଏବଂ ଅନନ୍ତ ସାଙ୍ଗ ହୋଇ ଘର ପାଖରେ ଖେଳୁଥିବା ସମୟରେ ସେମାନେ ନିକଟସ୍ଥ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ସେମାନଙ୍କୁ ପୋଖରୀରୁ ଉଦ୍ଧାର କରି ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନା ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ।

# ଆଧ୍ୟାତ୍ମିକ ଜୀବନଶୈଳୀ ନିରାଡମ୍ବର ହେବାକୁ ପ୍ରେରଣା ଦିଏ: ମୁଖ୍ୟମନ୍ତ୍ରୀ

## ବ୍ରହ୍ମାକୁମାରୀ ଅନୁଷ୍ଠାନର 'ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କଲେ ମୋହନ

ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)

ଭୁବନେଶ୍ୱର ବ୍ରହ୍ମାକୁମାରୀ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅନୁଷ୍ଠାନର 'ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବ୍ରହ୍ମାକୁମାରୀ ଅନୁଷ୍ଠାନର ୫୦ ବର୍ଷର ଯାତ୍ରା କେବଳ ସମୟର ଯାତ୍ରା ନହେଁ, ଏହା ମାନବତାର ଜାଗରଣ, ଆଧ୍ୟାତ୍ମିକ ଉନ୍ନତି ଏବଂ ଦିବ୍ୟ ସେବାର ଯାତ୍ରା। ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡମ୍ବର ଏବଂ ମିତବ୍ୟୟୀ ହେବାକୁ ପ୍ରେରଣା ଦିଏ। ଏହାଦ୍ୱାରା ଆମେ ପ୍ରକୃତିର ସମ୍ପଦକୁ ବିଚାରଯୋଗ୍ୟ ବ୍ୟବହାର କରିଥାଉ। ଆଧ୍ୟାତ୍ମିକ ଜୀବନଶୈଳୀ ଆମର ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ ଏବଂ ଏହି ଶିକ୍ଷା ବ୍ରହ୍ମାକୁମାରୀ ସିଷ୍ଟର ଶିବାନୀ, ଜଣେ ଆଧ୍ୟାତ୍ମିକ ଶିକ୍ଷକ ଭାବେ ସାରା ବିଶ୍ୱକୁ ଶିଖାଇ ଆସୁଛନ୍ତି। ତାଙ୍କର ତ୍ୟାଗ ଓ ସେବା ମନୋବୃତ୍ତି ପାଇଁ ସେ ଆଜି ଦେଶର ଆଧ୍ୟାତ୍ମିକ ଜଗତରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଭୁବନେଶ୍ୱର ବ୍ରହ୍ମାକୁମାରୀ ଅନୁଷ୍ଠାନର ସୋମବାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂ, ବ୍ରହ୍ମାକୁମାରୀ ଭଉଣୀ ଶିବାନୀ, ଡକ୍ଟର ବନାରସୀ ଭାଇ ଓ ଅନ୍ୟମାନେ।

ସେ ଆହୁରି କହିଛନ୍ତି, ବ୍ରହ୍ମାକୁମାରୀ ଅନୁଷ୍ଠାନ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ଏବଂ ଇମୋଶନ ୱେଲବିଙ୍ଗ ବିଷୟକୁ ଗୁରୁତ୍ୱର ସହ ନେଇ ଲକ୍ଷ ଲକ୍ଷ ଲୋକଙ୍କ ଡିପ୍ରେସନ, ଆଡିକ୍ସନ ଏବଂ ଅନ୍ୟ ବ୍ୟକ୍ତିଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରୁଛନ୍ତି। ନାରୀ ସଶକ୍ତୀକରଣ ଓ ସାମାଜିକ ମୂଲ୍ୟବୋଧ ଉପରେ ମଧ୍ୟ କାମ କରୁଛନ୍ତି। ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହଠାରୁ ଆରମ୍ଭ କରି ଆଗାମୀ ଦିନଗୁଡ଼ିକରେ ଏହି ଅନୁଷ୍ଠାନ ଏକ ବିଶ୍ୱ ଆନ୍ଦୋଳନର ରୂପନେଉ, ମାଉଣ୍ଟଆବୁରୁ ନ୍ୟୁୟର୍କ ଏବଂ ନାଇରୋବିଠାରୁ ଆରମ୍ଭ କରି ଲଣ୍ଡନ ପର୍ଯ୍ୟନ୍ତ ବିଶ୍ୱ ଶାନ୍ତିର ବାର୍ତ୍ତା ପହଞ୍ଚାଉ। ବର୍ତ୍ତମାନ ଯେଉଁଭଳି ବ୍ରହ୍ମାକୁମାରୀ ଅନୁଷ୍ଠାନ ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା ଅଭିଯାନ ଆରମ୍ଭ କରିଛି, ସେହିଭଳି ଆମେ ମଧ୍ୟ ଲକ୍ଷ୍ୟ ରଖିଛୁ ୨୦୩୬ ସୁଦ୍ଧା ଆମ ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା ଭାବେ ଗଢିତୋଳିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବ୍ରହ୍ମାକୁମାରୀ ଅନୁଷ୍ଠାନ ସମାଜକୁ ସଜାଡ଼ିବାର ଓ ମଣିଷକୁ ସୁଧାରିବାର କାର୍ଯ୍ୟ କରୁଛି। ୫୦ ବର୍ଷ ଧରି ଏହି ଅନୁଷ୍ଠାନ ଆମ ସମସ୍ତଙ୍କୁ ଶାନ୍ତି ଏବଂ ମୈତ୍ରୀର ମାର୍ଗ ଦେଖାଉଛି। କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବ୍ରହ୍ମାକୁମାରୀ ସିଷ୍ଟର ଶିବାନୀ, ଡକ୍ଟର ବନାରସୀ ଭାଇ, ଶକ୍ତିରାଜ ଭାଇ, ବ୍ରହ୍ମାକୁମାରୀ, ଭୁବନେଶ୍ୱର ଶାଖାରୁ ଗୀତା ଦିଦି ପ୍ରମୁଖ ମଞ୍ଚାସୀନ ଥିଲେ।

# ଡିସେମ୍ବର ପହିଲାରୁ ବସ୍ ଧର୍ମଘଟ

## ମୁଖ୍ୟମନ୍ତ୍ରୀଙ୍କୁ ବସ୍ ମାଲିକ ସଂଘର ସ୍ମାରକପତ୍ର

ଭୁବନେଶ୍ୱର,୧୭।୧୧ (ରବିନାରାୟଣ ଜେନା)

ରାଜ୍ୟ ପୋଲିସ ନିଜର କର୍ତ୍ତବ୍ୟ ଠିକଣା ଭାବେ ସମ୍ପାଦନା କରିପାରୁ ନ ଥିବାରୁ ଅପରାଧ ବଢୁଛି। ଏହି ପରିପ୍ରେକ୍ଷୀରେ ଯଦି ସରକାର ପୋଲିସକୁ ମୋଟର ଯାନ ଯାଞ୍ଚ ଦାୟିତ୍ୱ ପ୍ରଦାନ କରନ୍ତି ତେବେ ବସ୍ ଓ ମୋଟର ଯାନ ମାଲିକମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ସରକାର ତୁରନ୍ତ ଏହାର ସୁବିଚାର କରନ୍ତୁ। ପୋଲିସକୁ ତା' କାର୍ଯ୍ୟ କରିବାକୁ ଦିଆଯାଉ ଏବଂ ଏମ୍ଭିଆଇଙ୍କୁ ତାଙ୍କ କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ଅଲ୍ ଓଡ଼ିଶା ମୋଟର ବସ୍ ଓନର୍ସ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ରରେ କୁହାଯାଇଛି। ଆସୋସିଏଶନର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ଯଦି ରାଜ୍ୟ ସରକାର ତାଙ୍କ ନିଷ୍ପତ୍ତିରେ ଅଟଳ ରୁହନ୍ତି, ତେବେ ଡିସେମ୍ବର ପହିଲାରୁ ରାଜ୍ୟବ୍ୟାପୀ ବସ୍ ଧର୍ମଘଟ କରାଯିବ।

ସୋମବାର ଦେବେନ୍ଦ୍ର ସାହୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି, ପୋଲିସ ଏହି ଯାଞ୍ଚ ଦାୟିତ୍ୱ ନେବାପାଇଁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ଏହାକୁ ଖୁବ୍ଶୀଘ୍ର ଲାଗୁ କରାଯିବାକୁ ରହିଛି। ତେବେ ନିକଟରେ ମାର୍ଶାଘାଇରେ ଏଭଳି ଏକ ଘଟଣା ଯୋଗୁ ଆଇଆଇସିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଇତିମଧ୍ୟରେ ୫୦୦ ବସ୍ ମାଲିକଙ୍କ ନିକଟକୁ ଇ-ଚାଲାଣ ଆସିଲାଣି। ଏହାଦ୍ୱାରା ବସ୍ ମାଲିକମାନେ ବିଶେଷଭାବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏନେଇ ନଭେମ୍ବର ୨୫ରେ ସଂଘର ସାଧାରଣ ବୋର୍ଡ ବୈଠକ ଅନୁଷ୍ଠିତ ହେବ।

ଦେବେନ୍ଦ୍ର କହିଛନ୍ତି, ମୋଟର ଯାନ ଆଇନ-୧୯୮୮ ଅନୁଯାୟୀ ମୋଟରସାଇକେଲ ଚଳାଇବା ବେଳେ ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ତିନିଜଣ ବସି ଯିବା କଥା ନୁହେଁ, ମଦ୍ୟପାନ କରିବା କଥା ନୁହେଁ। ଆଇନର ଅନୁପାଳନ ହେଲେ ଦୁର୍ଘଟଣା କମିପାରିବ। ମାତ୍ର ଏହାକୁ ଗୁରୁତ୍ୱ ନ ଦେଇ ପୋଲିସକୁ ଅତିରିକ୍ତ କ୍ଷମତା ପ୍ରଦାନ କରିବା ଦ୍ୱାରା ବସ୍ ମାଲିକମାନେ ଅଧିକ କ୍ଷତିଗ୍ରସ୍ତ ହେବେ। ସରକାର ସଂଘର ପ୍ରସ୍ତାବକୁ ସହୃଦୟତାର ସହ ବିଚାର କରନ୍ତୁ ବୋଲି ଦେବେନ୍ଦ୍ର କହିଛନ୍ତି।

# ବୋର୍ଡ, ନିଗମରେ ନିଯୁକ୍ତି ଲାଗି ତାଲିକା ପ୍ରସ୍ତୁତ ସରିଛି: ତୋମାର

ଭୁବନେଶ୍ୱର, ୧୭।୧୧ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଫଳାଫଳ ଆସିବା ପରେ ପୁଣିଥରେ ବୋର୍ଡ ଓ ନିଗମରେ ନିଯୁକ୍ତି ନେଇ ଆଲୋଚନା ଆରମ୍ଭ ହୋଇଛି। ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏନେଇ ତାଙ୍କ ପ୍ରତିକ୍ରିୟା ରଖିବା ପରେ ଏହି ବିଷୟକୁ ନେଇ ଚର୍ଚ୍ଚା ବଢ଼ିଯାଇଛି। ତେବେ ତୋମାରଙ୍କ ପ୍ରତିକ୍ରିୟା ପରେ ଶାସକ ଦଳର ବୋର୍ଡ ଏବଂ ନିଗମ ପଦ ପାଇବାକୁ ଆଶା ରଖିଥିବା ନେତାଙ୍କ ଭିତରେ ଉତ୍ସାହ ମଧ୍ୟ ବଢ଼ିଛି। ହେଲେ ସେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବାର ନାହିଁ ବୋଲି ସିଧାସଳଖ ମନା କରିଦେଇଛନ୍ତି। ତୋମାର ସୋମବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତି କାର୍ଯ୍ୟ ବାକି ଅଛି। ରାଜ୍ୟର ସବୁ ବିଷୟ କେନ୍ଦ୍ର ଉପରେ ନିର୍ଭର କରେ। ବୋର୍ଡ ଏବଂ ନିଗମରେ ନିଯୁକ୍ତି ନେଇ ତାଲିକା ପ୍ରସ୍ତୁତ ସରିଛି। ଏ ବିଷୟରେ ସବୁ ପ୍ରକାର ଚର୍ଚ୍ଚା ଏବଂ ଆଲୋଚନା ମଧ୍ୟ ସରିଛି। ଖୁବ୍ଶୀଘ୍ର କେନ୍ଦ୍ରକୁ ପଠାଯିବ ଏବଂ ସେଠାରୁ ମଞ୍ଜୁରୀ ମିଳିଲେ ଘୋଷଣା କରାଯିବ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବେ ହେବାର ନାହିଁ। ସଙ୍ଗଠନରେ ବାକିଥିବା କାର୍ଯ୍ୟ ଏବେ କରାଯିବ। ନୂଆପଡ଼ା ଫଳାଫଳ ଲାଗି ସମସ୍ତ କର୍ମୀ ଏବଂ ନେତାଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

ନୂଆପଡ଼ା ଉପନିର୍ବାଚନ ଫଳାଫଳକୁ ନେଇ ବିରୋଧୀଙ୍କୁ ଟାର୍ଗେଟ କରି ତୋମାର କହିଛନ୍ତି, ଦଳର କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ ଏବଂ ୧୬ ମାସ ଭିତରେ ସରକାର ଯେଉଁ ଜନହିତକର କାର୍ଯ୍ୟ କରିଛନ୍ତି ତା'ର ପ୍ରଭାବରେ ଏହି ଏକତରଫା ବିଜୟ ହୋଇଛି। ୫୮ ପ୍ରତିଶତରୁ ଅଧିକ ଭୋଟ ଭାଜପାକୁ ମିଳିଛି। ବିଜେଡି ଏବଂ କଂଗ୍ରେସ ମିଶିକି ମଧ୍ୟ ଭାଜପାର ଭୋଟ ପାଖକୁ ଆସିପାରିଲେ ନାହିଁ।

# ଡିଇଇଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ଡିଇଓ

## ବହିବସ୍ତାନି ବୋଝ ପ୍ରସଙ୍ଗ

### ୩ ମାସରେ ୪ ଥର ରିପୋର୍ଟ ମାଗି ବିଫଳ

ଯାଜପୁର,୧୭।୧୧ (ହର୍ଷବର୍ଦ୍ଧନ ବେହେରା)

ଛାତ୍ରୀଛାତ୍ରମାନଙ୍କ ପୁସ୍ତକ ବ୍ୟାଗ୍ର ଓଜନ ସେମାନଙ୍କ ଶରୀର ଓଜନର ୧୦% ଅଧିକ ହେଉଛି, ଯାହା ଜାତୀୟ ଶିକ୍ଷା ନୀତି(ଏନ୍ଇପି)ର ଗାଇଡ୍ଲାଇନ୍କୁ ଉଲ୍ଲଂଘନ କରୁଛି। ଏହି ମର୍ମରେ ଓଏଚ୍ଆର୍ସି ୧୮୪୩/୨୦୨୪ରେ ଏକ ମାମଲା ରୁଜୁ କରି ୧୨।୭।୨୦୨୪ରେ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ଏବଂ ଗଣଶିକ୍ଷା ବିଭାଗର ସଚିବଙ୍କୁ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସରକାର ଓଏଚ୍ଆର୍ସିର ଏହି ନିର୍ଦ୍ଦେଶ ଉପରେ ସେତେଟା ଗୁରୁତ୍ୱ ଦେଇନାହାନ୍ତି। ଏହି ନିର୍ଦ୍ଦେଶକୁ ୧ ବର୍ଷ ୪ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଝାରସୁଗୁଡା ଓ ବରଗଡ଼ ଜିଲାକୁ ବାଦ୍ ଦେଲେ ଅନ୍ୟ କୌଣସି ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଏହି ସମ୍ବେଦନଶୀଳ ମାମଲା ଉପରେ ପଦକ୍ଷେପ ଗ୍ରହଣ କରିନାହାନ୍ତି।

ତେଣୁ ପୁଣି ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ଡେପୁଟି ଡାଇରେକ୍ଟର ଉଦ୍ବେଗ ପ୍ରକାଶ କରିବା ସହ ତୁରନ୍ତ ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ୧୫।୧୧।୨୦୨୫ରେ ସମ୍ପୃକ୍ତ ଡିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପୂର୍ବରୁ ୧।୮।୨୦୨୫, ୧୧।୯।୨୦୨୫ ଓ ୧୦।୧୦।୨୦୨୫ରେ ଡିଇଇ ପକ୍ଷରୁ ରିପୋର୍ଟ ମଗାଯାଇଥିଲେ ହେଁ କେହି କର୍ଣ୍ଣପାତ କରୁ ନ ଥିବା ପତ୍ରରୁ ସ୍ପଷ୍ଟ ଜଣାପଡୁଛି।

ଅଭିଯୋଗ ଅନୁସାରେ, ଏନ୍ସିଇଆର୍ଟି ପୁସ୍ତକ ବଦଳରେ ଘରୋଇ ପ୍ରକାଶନ ପୁସ୍ତକ କିଣିବା ଯୋଗୁ ଛାତ୍ରୀଛାତ୍ରମାନଙ୍କ ବହିବସ୍ତାନି ବୋଝ ବଢ଼ିବାରେ ଲାଗିଛି। ବୟସ ଅନୁପାତରେ ସେମାନଙ୍କ ବସ୍ତାନି ବୋଝ ଯୋଗୁ ଛାତ୍ରୀଛାତ୍ରମାନେ ଶାରୀରିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘରୋଇ ସ୍କୁଲ ପ୍ରଶାସନ ପିଲାମାନଙ୍କ ମାଧ୍ୟମରେ ଅଭିଭାବକମାନଙ୍କୁ ଏପରି ଅନାବଶ୍ୟକ ପୁସ୍ତକ କିଣିବାକୁ ବାଧ୍ୟ କରୁଛନ୍ତି, ଯାହାର ସମୁଦାୟ ମୂଲ୍ୟ ୩ ହଜାରରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି। କେତେକ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ନିଜେ ପୁସ୍ତକ ବିକ୍ରି କରୁଛନ୍ତି। ଏହାଦ୍ୱାରା ସେମାନଙ୍କୁ ଏବଂ ସ୍କୁଲ ପ୍ରଶାସନକୁ ଆର୍ଥିକ ଲାଭ ମିଳୁଛି। ଦୁର୍ଭାଗ୍ୟବଶତଃ ସମ୍ପୃକ୍ତ ସରକାରୀ ଅଧିକାରୀମାନେ ମଧ୍ୟ ଏଥିରେ ସିଧାସଳଖ ଜଡ଼ିତ ରହୁଛନ୍ତି। ତେଣୁ ଡିଇଇ ପକ୍ଷରୁ ଡିଇଓମାନଙ୍କୁ ଯେତେଥର ବିହିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲେ ବି ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷେ ଯେଉଁ ଡିଇଓମାନେ ଜାଣିଶୁଣି ରିପୋର୍ଟ ଦେବାରେ ଅବହେଳା କରୁଛନ୍ତି, ସେମାନଙ୍କ ବିରୋଧରେ ସରକାରୀ ଆଇନ ଅନୁସାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଡିଇଓମାନେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ମତପ୍ରକାଶ ପାଉଛି। ଏଥିରେ ଶିକ୍ଷା ବିଭାଗ, ପ୍ରଶାସକ ଓ ସ୍କୁଲ ମାଲିକମାନେ ଲାଭବାନ ହେଉଛନ୍ତି ସିନା, ଛାତ୍ରୀଛାତ୍ରମାନଙ୍କ ପ୍ରତି ଶାରୀରିକ ଓ ମାନସିକ ଯନ୍ତ୍ରଣା ବଢ଼ିଚାଲିଛି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ନିୟମାନୁସାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ର ଦେଢ଼ କେଜି, ତୃତୀୟରୁ ପଞ୍ଚମ ପର୍ଯ୍ୟନ୍ତ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ପାଇଁ ୪ କେଜି, ଅଷ୍ଟମ ଓ ନବମ ପାଇଁ ସାଢେ ୪ କେଜି ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୫ କେଜି ବହିବସ୍ତାନିର ଓଜନ ରହିବାକୁ ନୀତି ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ଏହାକୁ ଅଧିକାଂଶ ବିଦ୍ୟାଳୟ ପାଳନ କରୁ ନ ଥିବା ଦେଖାଯାଇଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଦଳିତଙ୍କ ଅତ୍ୟାଚାର ଏବଂ ନାରୀନିର୍ଯାତନା ବିରୋଧରେ ପିପିଆର ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜଧାନୀ ପୂଜକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଚିର ସବୁଜ ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୧୫।

**ବାଲେଶ୍ୱର**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ସମାରୋହ, ସ୍ଥାନ: ଭେରିୟା ପାରାଡାଇଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: କୁଠିଆ ରାଜନାରାୟଣ ହାଇସ୍କୁଲ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଏସ୍‌ଏସ୍ ପକ୍ଷରୁ ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଲକ୍ଷ୍ମୀପ୍ରିୟା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ପାଇକା ସଂଘର ବିଶେଷ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡ଼ା ସଂଘ ପକ୍ଷରୁ ପ୍ରେସମିଟ୍, ସ୍ଥାନ: ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟ, ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଅଗ୍ରୱାଲ ସ୍କୁଲ ପଡ଼ିଆ, ଧାମନଗର, ସମୟ: ସକାଳ ୮ଟା ୩୦।
- ଭାମି ଭୋଇ ଜିଲକ୍ଷମ ସାମାଜିକ ଅଭିଯାନ ଶିବିର, ସ୍ଥାନ: ବାରବାଟି ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଶାରଦା ବିଦ୍ୟାମନ୍ଦିର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- କାର୍ତ୍ତିକେଶ୍ୱର ଠାକୁରଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଭଜନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସରଳା, ରାଧାନଗର ପାଟଣା, ହାଟଡିହି, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ୧୨ ଘଣ୍ଟା କେନ୍ଦୁଝର ବନ୍ଦ, ସ୍ଥାନ: କେନ୍ଦୁଝର, ସମୟ: ସକାଳ ୬ଟା।

**ମୟୂରଭଞ୍ଜ**
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଏବଂ ପଦଯାତ୍ରା, ସ୍ଥାନ: ଉଦଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୮ଟା।
- ଥିଏଟର ଫେଷ୍ଟିଭାଲର ନାଟକ 'ଠିଁ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ଆସିକା ବ୍ଲକସ୍ତରୀୟ ବାଲବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ହରିହର ହାଇସ୍କୁଲ ଆସିକା, ସମୟ: ସକାଳ ୮ଟା।
- ସମବାୟ ସପ୍ତାହ ଓ ଆନ୍ତର୍ଜାତିକ ସମବାୟ ବର୍ଷ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ସମବାୟ ବିଭାଗ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ତାଲୁକା ଛକ ଆସିକା, ସମୟ: ସକାଳ ୮ଟା।

**କନ୍ଧମାଳ**
- ସାପ୍ତାହିକ ହାଟର ଶୁଭାରମ୍ଭ, ସ୍ଥାନ: ସିମନବାଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କ.ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ଏକତା ପଦଯାତ୍ରା, ସ୍ଥାନ: ମାଳପୁରା ବାଇପାସ, କାମାକ୍ଷାନଗର, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ, ସମୟ: ଅପରାହ୍ନ ସାଢେ ୨ଟା।

**ଅନୁଗୋଳ**
- ସଂପର୍କ କ୍ରୀଡ଼ା ଉତ୍ସବ, ସ୍ଥାନ: ଆଠମଲ୍ଲିକ ମିନିଷ୍ଟାଡିୟମ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ପୋକ୍ସୋ ଆକ୍ଟ ସଚେତନତା ସଭା, ସ୍ଥାନ: ଆଠମଲ୍ଲିକ ପିଏମଶ୍ରୀ ମହେନ୍ଦ୍ର ଉଚ୍ଚବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।

**ଜଗତସିଂହପୁର**
- ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁ ମେଳା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- କାର୍ତ୍ତିକେଶ୍ୱର ପୂଜାଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସଂଧ୍ୟା ୭ଟା।
- ରାଜସ୍ୱ ସମ୍ପର୍କିତ ଅଭିଯୋଗ ଶୁଣାଣି ଶିବର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ବିଶ୍ୱ ହିନ୍ଦୁ ପରିଷଦ ଯୁବ ସଂଗଠନ ବଜରଙ୍ଗ ଦଳ ପକ୍ଷରୁ ନିଶାମୁକ୍ତ ଭାରତ ଗଠନ ପାଇଁ ରନ ଫର୍ ହେଲଥ କାର୍ଯ୍ୟକ୍ରମ ଓ ଗଣଦୌଡ଼,
- ସ୍ଥାନ: କୁଆଖିଆ ବଜାର, ସକାଳ ୮ଟା୩୦।
- ଟିକିରପଡ଼ା ମୂଳ ଖରସ୍ରୋତା ନଦୀ ଉପରମୁଣ୍ଡ ମୁହାଣରେ ସ୍ଲୁଇସ୍ ଗେଟ୍ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ, ସ୍ଥାନ: ରସଲପୁର୍ ବ୍ଲକ୍ ଅନ୍ତର୍ଗତ ଟିକିରପଡ଼ା ଜଗନ୍ନାଥ ମଠ ନିକଟରେ,ସମୟ: ପୂର୍ବାହ୍ନ ୧୧ଟା୩୦।

**ନୟାଗଡ଼**
- ୬୪ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ 'ବି'ଗ୍ରୁପ୍‌ର ୩ୟ ଦିବସ ମ୍ୟାଚରେ ତାରଜେନ କ୍ଲବ କଟକ ବନାମ ୟୁନାଇଟେଡ୍ ହଷ୍ଟେଲ ନୟାଗଡ, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ଦେବ ଦୀପାବଳି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ଅପରାହ୍ନ ୫ଟା।
- ଜିଲାସ୍ତରୀୟ ସର୍ବଭାରତୀୟ ସମବାୟ ସପ୍ତାହ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ଚଇତି ସାଂସ୍କୃତିକ ଉତ୍ସବ ଇଡିତାଲ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଣପୁର ଟାଉନ ହଲ, ସମୟ: ଅପରାହ୍ନ ୩ଟା ୩୦।

**ନବରଙ୍ଗପୁର**
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ପାପଡାହାଣ୍ଡି ସହୀଦ ମିନାର, ସମୟ: ସକାଳ ୭ଟା।
- ବ୍ଲକ କାର୍ଯ୍ୟାଳୟ ସମୀକ୍ଷା ବୈଠକ, ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ଆୟାପ୍ପା ଦୀକ୍ଷିତଙ୍କ ଇରିମୁଡ଼ି ବିଧି, ସ୍ଥାନ: ସର୍ବେଶ୍ୱର ମନ୍ଦିର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଶ୍ରୀଅରବିନ୍ଦ ଶିକ୍ଷା ନିକେତନ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।

**ସମ୍ବଲପୁର**
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ପଶ୍ଚିମାଞ୍ଚଳରେ ଏକତା, ସମସ୍ୟା ଓ ସମାଧାନ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଅଇଁଠାପାଲି ନିକଟସ୍ଥ ଡଲଫିନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାନ୍ଧକଳା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ହାପ ମାରାଥନ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସୁବର୍ଣ୍ଣ ଜୟନ୍ତୀ ସେମିନାର ହଲ, ସମୟ: ଅପରାହ୍ନ ୪ଟା।
- ଓଡିଶା ସାଂସ୍କୃତିକ ସମାଜ ଆୟୋଜନରେ ପୁସ୍ତକ ସପ୍ତାହ କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ଅପରାହ୍ନ ୫ଟା ୩୦।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ–୨୦୨୫ ର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ରାତି ୭ଟା।

**ବଲାଙ୍ଗୀର**
- ବଲାଙ୍ଗୀର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବଲାଙ୍ଗୀର ପବ୍ଲିକ ସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଦିବସ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ରମାଇ ହାଇସ୍କୁଲ ଖେଳପଡିଆ, ପାଟଣାଗଡ, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**
- କେନ୍ଦ୍ରୀୟ ଇସ୍ପାତ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ, ସ୍ଥାନ: ଆର୍‌ଏସ୍‌ପି, ସମୟ: ପୂର୍ବାହ୍ନ ୧୧ଟା।
- ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ଏବଂ ସାମୂହିକ ରୁଦ୍ର ପୂଜା, ସ୍ଥାନ: ସେକ୍ଟର–୫ ଭଞ୍ଜ ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୦ତମ ନାଟ୍ୟ ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଜିଲା ସ୍ତରୀୟ ସମବାୟ ସପ୍ତାହ ସମାରୋହ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁନ୍ଦରଗଡ଼ ଜିଲା ବଡ଼ଗାଁ ନର୍ସିଂ କଲେଜର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ମିନିଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।

**ବରଗଡ଼**
- ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗରିଆଟିକ୍ରା, ଅତବିରା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କ୍ୟାରିୟର ପରାମର୍ଶ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ନାମ ଘୋଷଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: କେସିଙ୍ଗା ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା ୪୦।

**ବୌଦ୍ଧ**
- ଏକତା ପଦଯାତ୍ରା, ସ୍ଥାନ: ଭୈରବୀ ମନ୍ଦିର, ବୌଦ୍ଧ, ସମୟ: ସକାଳ ୭ଟା ୩୦।
- ପଞ୍ଚମ ରାଜ୍ୟସ୍ତରୀୟ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଭୈରବୀ ମନ୍ଦିର ପୁରୁଣାକଟକ, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୨ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ଅମରପାଲି କ୍ରିକେଟ କପର ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୁରୁଣା ଥାନା ପଡ଼ିଆ ତରବୋଡ଼, ସମୟ: ସନ୍ଧ୍ୟା ୬ଟା ୩୦।
- ଫୁଟ୍‌ବଲ ମହାକୁମ୍ଭ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଆହା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୫ଟା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଗ୍ରହ ସ୍ଥିତି କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରକୁ ସରସ ସୁନ୍ଦର କରିବ। ଆକସ୍ମିକ ଭାବେ ଜଣେ ବନ୍ଧୁ ଆସିବେ, କିନ୍ତୁ ଫେରିବା ସମୟକୁ ମନଦୁଃଖକରି ବହୁ ଅନୁରୋଧପୂର୍ଣ୍ଣ କଥା କହି ବିଦାୟ ନେଇପାରନ୍ତି। ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ଆଇନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ** ବନ୍ଧୁଙ୍କ ଆହ୍ୱାନକ୍ରମେ ଆଜି ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହେବା ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ।

**ମିଥୁନ** ଆଜି କହିବାକୁ ଇଚ୍ଛା ଥିଲେ ମଧ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ପିତୃବର୍ଗରେ ଶ୍ରଦ୍ଧାଭାଜନ ହେବେ ଏବଂ ସାମୟିକ ଆଶ୍ୱସ୍ତି ଲାଭ କରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ । ବୃତ୍ତି, ବାଣିଜ୍ୟ, କର୍ମକ୍ଷେତ୍ର ଏବଂ ଆନୁଷ୍ଠାନିକ କାମ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବନାହିଁ।

**କର୍କଟ** ବିଭିନ୍ନ ସମସ୍ୟା ମଧ୍ୟରେ ପରିବାରର କୌଣସି ବ୍ୟକ୍ତିଙ୍କ ମନରେ ଆଜି ଆଗଭଳି ସରସତା ରହିବ ନାହିଁ। ଦୀର୍ଘଦିନ ପରେ ଆଜି ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ବନ୍ଧୁଙ୍କ ସବୁକଥାକୁ ନିର୍ବିବାଦରେ ଗ୍ରହଣ କରିବାକୁ ବାଧହେବେ। ନୂତନ କାମଟିରେ ସମ୍ପର୍କୀୟଙ୍କ ଅବଦାନ ବିଶେଷଭାବେ ରହିବ।

**ସିଂହ** କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ ଯୋଜନା କରିପାରନ୍ତି। ସହକର୍ମୀଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ୍ଚ ଘଟିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସମସ୍ୟାର ସରଳ ସମାଧାନ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। ଈର୍ଷାପରାୟଣବଶତଃ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଦୀର୍ଘଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ଆଜି ସକ୍ଷମ ହୋଇପାରନ୍ତି ।

**ତୁଳା** ବିଭିନ୍ନ ଅସୁବିଧା ଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। ମୂଲ୍ୟବାନ୍ ଜିନିଷ କିଣିବାକୁ ମୋଟା ଅଙ୍କର ଅର୍ଥର ଆବଶ୍ୟକତାର ପଡ଼ିବ। ଆଜି କର୍ମକ୍ଷେତ୍ରରେ, ସଭାସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚିତ୍ରା ନକ୍ଷତ୍ର ଯେତେ ଭଲକାମ କଲେ ସୁଦ୍ଧା ଆଶାନୁଯାୟୀ ଆଦର, ସମ୍ମାନ ପାଇପାରିବେ ନାହିଁ।

**ବିଛା** ଅତୀତ ଘଟଣା ମନକୁ ଆଲୋଡ଼ିତ କରିବ। ବନ୍ଧୁମିଳନଜନିତ ହସଖୁସିର ଖୋରାକ ଜ୍ୟେଷ୍ଠା ନକ୍ଷତ୍ର ପାଇପାରନ୍ତି। ଏମିତି କେତେକ ପରିସ୍ଥିତି ଭିତରେ ଚଳିବାକୁ ବାଧହେବେ। ଜାଣିଶୁଣି ମଧ ସବୁ କଥାରେ ନୀରବ ରହିବାକୁ ପଡ଼ିପାରେ। ଭଲ ସମ୍ପର୍କ ଥିବା ବ୍ୟକ୍ତ ଜଣକ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇରହିବେ।

**ଧନୁ** ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଅତିରଞ୍ଜିତ କରିବା କ୍ଷତିର କାରଣ ହେବ। ବନ୍ଧୁଙ୍କ ଘରୋଇ କାମରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ପଡ଼ିବ। ପରିବାରର ବରାଦାନୁସାରେ ଅଳଙ୍କାର, ଔଷଧ ଓ ସୌଖୀନ ଦ୍ରବ୍ୟ କ୍ରୟକରିବେ। ଦିନଟିରେ ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭାସମିତିରୁ ମନ ଖୁସି ରହିବ।

**ମକର** ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ। ପ୍ରତ୍ୟେକ କାମ ଓ କଥାକୁ ସରଳତାର ସହ ଗ୍ରହଣକଲେ ଉପକୃତ ହେବେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟରେ ଉନ୍ନତି କରିବେ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହିବା ଦ୍ୱାରା ଯାହା ଇଚ୍ଛା ତାହା କହି ପକାଇବା ଫଳରେ କିଛି ସମସ୍ୟା ଆସିପାରେ।

**କୁମ୍ଭ** ସମ୍ପର୍କୀୟ ଯେତେ ସମସ୍ୟା ସୃଷ୍ଟିକଲେ ମଧ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ପଡ଼ୋଶୀଙ୍କ ସହାୟତାରେ ବହୁ ଦିନ ହେଲା ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଆପଣ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣିହୋଇଯିବେ। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ନଭେମ୍ବର ୧୮ ତାରିଖ, ମାର୍ଗଶିର କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର– ସ୍ୱାତୀ/ତୁଳା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୦୦ ଗତେ, ଘ. ୦୬।୪୪ ମଧ୍ୟେ, ଘ.୦୮।୪୬ ଗତେ, ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୪୦ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଆମେରିକାରୁ ଏଲ୍‌ପିଜି...

ଆମେରିକା ପାଇଁ ଖୋଲାଯାଇଛି। ଭାରତ ଏହାର ସୋର୍ସିଂ ବିକଳ୍ପଗୁଡ଼ିକୁ ବିବିଧ କରି ସୁଲଭ ଏବଂ ନିର୍ଭରଯୋଗ୍ୟ ଏଲପିଜି ଯୋଗାଣ ସୁରକ୍ଷିତ କରିବା ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି। ଏହି ପ୍ରୟାସର ଅଂଶ ଭାବେ, ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚପିସିଏଲ)ର ଅଧିକାରୀମାନଙ୍କ ଏକ ଦଳ ଜୁଲାଇ ୨୧ରୁ ୨୪ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯାଇ ପ୍ରମୁଖ ସେଠାର ଉତ୍ପାଦକମାନଙ୍କ ସହିତ ଆଲୋଚନା କରିଥିଲେ। ଏଲପିଜି କ୍ରୟର ମାନଦଣ୍ଡ ଭାବରେ ମାଉଣ୍ଟ ବେଲଭିଉ ଉପରେ ଆଧାରିତ ଏହି ଆଲୋଚନା ପରେ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି। ପୁରୀ ଆହୁରି ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ପିଏସ୍‌ୟୁ ତୈଳ କମ୍ପାନୀଗୁଡ଼ିକ ସାରା ଦେଶରେ ପରିବାରକୁ ସର୍ବନିମ୍ନ ବିଶ୍ୱ ଦରରେ ଏଲପିଜି ଯୋଗାଣ ସୁନିଶ୍ଚିତ କରିଛନ୍ତି। ଗତବର୍ଷ ବିଶ୍ୱ ଏଲପିଜି ମୂଲ୍ୟ ୬୦%ରୁ ଅଧିକ ବୃଦ୍ଧି ପାଇଥିଲା। ପ୍ରକୃତ ମୂଲ୍ୟ ୧୧୦୦ଟଙ୍କା ଅତିକ୍ରମ କରିବା ସତ୍ତ୍ୱେ, ଉଜ୍ଜ୍ୱଳା ହିତାଧିକାରୀମାନେ ପ୍ରାୟ ୫୦୦ରୁ ୫୫୦ ଟଙ୍କା ସବସିଡି ମୂଲ୍ୟରେ ସିଲିଣ୍ଡର ପାଇବା ଜାରି ରହିଛି। ଭାରତ ସରକାର ଏହି ଭାରକୁ ବହନ କରି ପୂର୍ବ ବର୍ଷରେ ପରିବାରଗୁଡ଼ିକୁ ବୃଦ୍ଧି ପାଉଥିବା ଆନ୍ତର୍ଜାତୀୟ ଏଲପିଜି ମୂଲ୍ୟର ପ୍ରଭାବରୁ ରକ୍ଷା କରିବା ପାଇଁ ୪୦,୦୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା ପୁରୀ କହିଛନ୍ତି।

## ରିଲାଏନ୍ସ ନାଁରେ...

ନିର୍ଦ୍ଦେଶକମାନଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବା ପାଇଁ ପିଟିଶନ୍‌ରେ ନିବେଦନ କରାଯାଇଛି। ଏଥିସହିତ ଠିକାଦାରୀ, ନିବେଶ ରିପୋର୍ଟ ଏବଂ ଏ.ପି. ଶାହ କମିଟିର ତଦନ୍ତ ରିପୋର୍ଟର ସମସ୍ତ ଆନୁଷଙ୍ଗିକ ଦସ୍ତାବିଜ୍ ଜବତ କରିବାକୁ ପିଟିଶନର ନିବେଦନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆପଣା ଦୋଷେ ମରଣ ଯା'ର
କି କରିବେ ବ୍ରହ୍ମା ଶଙ୍କର ତା'ର ।**

ଭଲ ମନ୍ଦକୁ ବିଚାର କରି କାମ କରିବା ଉଚିତ। ଅନେକ ବ୍ୟକ୍ତି ତାହା ବିଚାର କରିପାରନ୍ତି ନାହିଁ। ସେମାନେ ଏପରି କାମ କରିବସନ୍ତି, ଯାହା ତାଙ୍କର କ୍ଷତି ପହଞ୍ଚାଇଥାଏ। ଏପରି ନିର୍ବୋଧ ବ୍ୟକ୍ତିଙ୍କର ଦୁଃଖ ସହିବା ହିଁ ସାର ହୋଇଥାଏ। ନିଜ ଦୋଷରୁ ଦଣ୍ଡ ପାଉଥିବା ବ୍ୟକ୍ତିଙ୍କୁ ଭଗବାନ ମଧ୍ୟ ସାହା ହୁଅନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆପେ ବଞ୍ଚିଲେ ବାପର ନାଁ।**

ନିଜେ ବଞ୍ଚି ରହିଲେ ବାପ ଅଜାଙ୍କର ନାଁ ରହିଥାଏ। କିଛି ବ୍ୟକ୍ତି କେବଳ ନିଜର କଥା ହିଁ ଭାବିଥାନ୍ତି। ନିଜେ କିପରି ସୁଖ ସୁବିଧାରେ ରହିବେ, ଚଳିବେ ସେନେଇ ଚେଷ୍ଟା ଚଳେଇଥାନ୍ତି। ପର ଥିଲେ କେତେ ନ ଥିଲେ କେତେ ସେଥିରେ ତାଙ୍କର କିଛି ପରବାୟ ନ ଥାଏ। ସ୍ୱାର୍ଥପର ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମାଟିରେ ମିଶିଲା...



ବେହେରାମପୁରସ୍ଥିତ ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ରହୁଥିବା ଘରଗୁଡ଼ିକୁ ବୁଲଡୋଜର ସାହାଯ୍ୟରେ ଭଙ୍ଗାଯାଉଛି।

# ସାତପୁରା ବସ୍ତିରେ ୭ ବଖରା ଭଙ୍ଗାଗଲା, ୧୫ ଅଟକ

**ଜଗତ୍‌ସିଂହପୁର,୧୭।୧୧(ପ୍ରମୋଦ କୁମାର ନାୟକ)**

## ଆଧାର, ଭୋଟର ପରିଚୟପତ୍ର, ଜମି ପଟ୍ଟା ସବୁ ନକଲି

ଜଗତ୍‌ସିଂହପୁର ପୋଲିସ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିଷୟରେ ବିଶେଷ ସୂତ୍ରରୁ ଖବର ପାଇ ବେହେରାମପୁର ପରେ ନିକଟବର୍ତ୍ତୀ ନବକୃଷ୍ଣ ଚୌଧୁରୀ ମହାବିଦ୍ୟାଳୟ ପାଖ ସାତପୁରା ବସ୍ତିରେ ଚଢ଼ାଉ କରିଥିଲା। ସେଠାରେ ଯାହା ଦେଖିଲା ତାହା ପ୍ରତ୍ୟେକଙ୍କୁ ବିସ୍ମିତ କରିବ ନିଶ୍ଚିତ। କାରଣ ଏହି ଜମି ସରକାରୀ ଜଳାଶୟ କିସମର ହୋଇଥିବାବେଳେ ସେଠାରେ ୨୦/୨୨ଟି ଘର ରହିଛି। ଲୋକମାନଙ୍କ ସୁବିଧା ପାଇଁ ବିଦ୍ୟୁତ୍ ଓ ରାସ୍ତା ଆଦି ହୋଇଛି। ଏହି ବେଆଇନ ଦଖଲ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୬/୭ଟି ଘର ଭାଙ୍ଗି ଦିଆଯାଇଛି। ବଡ଼ କଥା ହେଲା ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ନିକଟରୁ ନକଲି ଆଧାର କାର୍ଡ, ଭୋଟର ପରିଚୟପତ୍ର, ଜମି ପଟ୍ଟା ଆଦି ମିଳିଛି। ଏଭଳି ନକଲି କାଗଜପତ୍ର ସେମାନେ କାହିଁକି କରିଥିଲେ ଏବଂ କିଏ ଏଗୁଡ଼ିକ କରିବାରେ ସହାୟତା କରିଥିଲେ ତାହା ତଦନ୍ତ ପରିସରକୁ ଆସିଛି। ତେବେ ବସ୍ତିରେ ଥିବା ପାଖାପାଖି ୧୫ ଜଣଙ୍କୁ ପୋଲିସ ଉଠାଇ ନେଇ ପଚରାଉଚୁରା ଜାରି ରଖିଛି। ତଦନ୍ତ ପରେ ଅନେକ ରହସ୍ୟ ଉପରୁ ପରଦା ହଟିବ ବୋଲି କେନ୍ଦ୍ରାଞ୍ଚଳ ଡିଆଇଜି କହିଛନ୍ତି। ବେହେରାମପୁର ଓ ସାତପୁରା ବସ୍ତିରେ ଚଢାଉ ସମୟରେ ଜିଲାପାଳ, ଏସ୍‌ପି, ଅତିରିକ୍ତ ଏସ୍‌ପି ଓ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଉପଜିଲାପାଳ କହିଛନ୍ତି ଉଭୟ ସରକାରୀ ଜମିରେ ଏତେ ବର୍ଷ ଧରି କିପରି ଜବରଦଖଲ ହୋଇଥିଲା ତା' ଉପରେ ଆର୍‌ଆଇଙ୍କଠାରୁ କୈଫିୟତ ତଲବ ହେବ। ସନ୍ତୋଷଜନକ ଉତ୍ତର ନ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ପହଞ୍ଚି ଉକ୍ତ ସ୍ଥାନକୁ ସିଲ୍ କରିବା ସହ ଗଣ୍ଡଗୋଳରେ ନେତୃତ୍ୱ ନେଇଥିବା ୨ ଜଣ ମହିଳାଙ୍କୁ ଗିରଫ କରିଛି। ଏଥିସହ ଅନ୍ୟ ୩ ଜଣଙ୍କୁ ଉଠାଇ ଆଣି ପଚରାଉଚୁରା କରୁଛି। ଅଭିଯୁକ୍ତମାନେ ହେଲେ ଘର ମାଲିକ ତଥା ଜଗତ୍‌ସିଂହପୁର ଥାନା ଧନିପୁର ଗ୍ରାମର ସିକନ୍ଦର ଆଲାମ ଓରଫ ସେଇକୋ, ଏହି ଗାଁର ଅବଦୁଲ ମୋତାଲିଫ ଖାନ ଓରଫ ଟିଂକି, ଅବଦୁଲ ଜବାର ଖାନଙ୍କ ଝିଅ ବଦୃନିଷା, କୃଷ୍ଣାନନ୍ଦପୁର ଥାନା ପାଇକକୂଳ ଗ୍ରାମର ପରୱିନ୍ ବିବି (୩୪) ଓ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ତ୍ୟେଣ୍ଡାକୁରା ଆଉଜଙ୍ଗ ଗ୍ରାମର ମିର୍ଜା ସାଜୁଦ୍ଦିନ ବେଗଙ୍କ ସ୍ତ୍ରୀ ସାୱନ ଆଜମି (୩୯)। ସେମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ସହ ୫ ଖଣ୍ଡା ଓ ୭ଟି ଧାରୁଆ ଅସ୍ତ୍ର ଜବତ କରାଯାଇଛି। ତେବେ ୩୦ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ଖସିଯିବାକୁ ସମର୍ଥ ହୋଇଛନ୍ତି। ସେମାନଙ୍କୁ ଗିରଫ ପାଇଁ ପୃଥକ୍ ଦଳ ଗଠନ କରାଯାଇଛି।

ଅପରପକ୍ଷେ ସୋମବାର ଜିଲାପାଳ, ଏସ୍‌ପି, ଉପଜିଲାପାଳ, ଅତିରିକ୍ତ ଏସ୍‌ପି ଓ ଏସ୍‌ଡିପିଓ ଆଦିଙ୍କ ଉପସ୍ଥିତିରେ ସରକାରୀ ଜମିରେ ହୋଇଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ୧୦ଟି ଆଜବେଷ୍ଟସ ଗୃହକୁ ବୋଲଡୋଜର ଜରିଆରେ ଭାଙ୍ଗି ଦିଆଯାଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ରାଜ୍ୟବ୍ୟାପୀ ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ଓ ମ୍ୟାନ୍‌ମାର ବାସିନ୍ଦାଙ୍କୁ ଚିହ୍ନଟ କରାଯାଉଛି। ଏନେଇ ଜଗତ୍‌ସିଂହପୁର ପୋଲିସ ଓ ପ୍ରଶାସନ ପକ୍ଷରୁ ମିଳିତ ଅପରେଶନ ଚାଲିଛି। ଭାରତ ସରକାର ଦେଶ ବାହାର ବିଶେଷକରି ବାଂଲାଦେଶ ଓ ମ୍ୟାନ୍‌ମାରରୁ ବେଆଇନ ଭାବେ ଆସି ଆମ ଦେଶରେ ରହୁଥିବା ଲୋକଙ୍କୁ ସେମାନଙ୍କ ଦେଶକୁ ପଠାଇବା ପାଇଁ ବ୍ୟବସ୍ଥା କରୁଛନ୍ତି। ଏହି ଅନୁଯାୟୀ ପ୍ରଥମେ ସେମାନଙ୍କୁ ଚିହ୍ନଟ ଓ ପରେ ଭୋଟର ତାଲିକାରୁ ନାଁ କଟାଯିବ। ଏହାପରେ ସେମାନଙ୍କୁ ନିଜ ଦେଶକୁ ପଠାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

ଖବରଦାତା ସମ୍ମିଳନୀରେ ଜିଲାପାଳ ଜେ. ସୋନାଲ ଯୋଗଦେଇ କହିଛନ୍ତି, ବହୁତ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ଆସିଛନ୍ତି। ଏବେ ସେମାନଙ୍କ ମଧ୍ୟରୁ କେଉଁମାନେ ବେଆଇନ ଭାବେ ଆସିଛନ୍ତି ତାହା ଚିହ୍ନଟ କରିବାକୁ ପଡ଼ିବ, ଯଦି ବେଆଇନ ଭାବେ ଆସିଥିବେ ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ବେହେରାମପୁର ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ପଶ୍ଚିମବଙ୍ଗର ବାସିନ୍ଦା ବୋଲି କାଗଜପତ୍ର ଦେଖାଉଛନ୍ତି। ଏହା ଠିକ୍ କି ଭୁଲ୍ ତାହା ଜାଣିବା ପାଇଁ ପଶ୍ଚିମବଙ୍ଗ ସରକାରଙ୍କ ନିକଟକୁ ଚିଠି କରାଯିବ। ଯେହେତୁ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ଚାଲିଛି, ଏହା ଜାଣିବା ଜରୁରୀ। ଏନେଇ ସେଠାକାର ସରକାରଙ୍କ ଉତ୍ତରକୁ ଅପେକ୍ଷା ରହିବ। ତା'ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଏଥିସହ ଜିଲାରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟାକୁ କ୍ରିୟାଶୀଳ କରାଯିବ। ଏହି ଅବସରରେ ଏସ୍‌ପି ଅଙ୍କିତ ବର୍ମା କହିଛନ୍ତି, ଅଭିଯୁକ୍ତମାନେ ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ନ ପାରିଲେ କାର୍ଯ୍ୟାନୁଷ୍ଠାନ ହେବ। ମୁଖ୍ୟ ଅଭିଯୁକ୍ତ ତଥା ଘର ମାଲିକ ସିକନ୍ଦର ଫେରାର ଅଛନ୍ତି। ସେ ବେଆଇନ ଭାବେ ବାଂଲାଦେଶ ଓ ଅନ୍ୟ ଦେଶ, ରାଜ୍ୟର ଲୋକଙ୍କୁ ଆଣି ଉକ୍ତ ସ୍ଥାନରେ ରଖିବା ସହ ଅନେକ ବେଆଇନ କାମରେ ନିୟୋଜିତ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ତାଙ୍କୁ ଗିରଫ ପରେ ଅନେକ କିଛି ସ୍ପଷ୍ଟ ହୋଇଯିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ଉପସ୍ଥିତ ଥିଲେ।

## ଶେଖ୍ ହାସିନାଙ୍କୁ...

ନାଟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ। ଆସନ୍ତାବର୍ଷ ଫେବୃଆରୀରେ ବାଂଲାଦେଶ ପାର୍ଲାମେଣ୍ଟ ନିର୍ବାଚନ ହେବା ଆଶା କରାଯାଉଥିବାବେଳେ ଏହାର ମାତ୍ର ୩ ମାସ ପୂର୍ବରୁ ହାସିନାଙ୍କ ବିରୋଧରେ ଏଭଳି ରାୟ ଆସିଛି। ହାସିନାଙ୍କ ଆୱାମୀ ଲିଗ୍ ପାର୍ଟିକୁ ନିର୍ବାଚନ ଲଢ଼ିବା ଉପରେ ପୂର୍ବରୁ ପ୍ରତିବନ୍ଧକ ଲଗାଯାଇଥିବାବେଳେ ସୋମବାରର ରାୟ ଭୋଟ ପୂର୍ବରୁ ସାନିଉତ୍ତେଜନା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ରାଜଧାନୀ ଢାକାରେ ଥିବା ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଯାହାକି ବାଂଲାଦେଶର ଯୁଦ୍ଧ ଅପରାଧ କୋର୍ଟ ସୋମବାର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାୟ ପ୍ରଦାନ କରିଛନ୍ତି। ୨୦୨୪ ଜୁଲାଇରୁ ଆରମ୍ଭ ହୋଇଥିବା ଜେନ୍ ଜି ଆନ୍ଦୋଳନ ଅଗଷ୍ଟରେ ତୀବ୍ର ରୂପ ଧାରଣ କରିବା ସହ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ବହୁସଂଖ୍ୟାରେ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା। ହାସିନା ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ ଅଗଷ୍ଟ ୫ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ଭାରତ ପଳାଇଆସିଥିଲେ। ସୋମବାର ତାଙ୍କ ଅନୁପସ୍ଥିତିରେ ଟ୍ରିବ୍ୟୁନାଲ ରାୟ ଶୁଣାଇଛନ୍ତି। ମୃତ୍ୟୁ ଦଣ୍ଡାଦେଶ ଘୋଷଣା ପରେ କୋର୍ଟ ପରିସରରେ ଉତ୍ସାହ ଦେଖାଦେଇଥିଲା। ତେବେ ହାସିନା ଉକ୍ତ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ କରିପାରିବେ। ଆୱାମୀ ଲିଗ୍‌ର ଯୋଗଦାନରେ ଯଦି ଗଣତାନ୍ତ୍ରିକ ଭାବେ ନିର୍ବାଚିତ ସରକାର କ୍ଷମତାକୁ ନ ଆସନ୍ତି, ତେବେ ସେ ରାୟ ବିରୋଧରେ ଅପିଲ୍ କରିବେ ନାହିଁ ବୋଲି ହାସିନାଙ୍କ ପୁଅ ତଥା ଉପଦେଷ୍ଟା ସାଜୀବ ୱାଜେଦ୍ କହିଛନ୍ତି।

ରାୟ ପ୍ରକାଶ ପରେ ୭୮ ବର୍ଷୀୟ ହାସିନା ତାଙ୍କର ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି, ବିନା ଗଣତାନ୍ତ୍ରିକ ଜନାଦେଶରେ ଏକ ଅଣନିର୍ବାଚିତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ଅନୁଚିତ ଓ ବେଇମାନ ଢଙ୍ଗରେ ଚାଲିଥିବା ଟ୍ରିବ୍ୟୁନାଲ ଏଭଳି ରାୟ ଦେଇଛନ୍ତି। ରାଜନୀତି ଦ୍ୱାରା ଅନୁପ୍ରାଣିତ ଏହି ରାୟ ଅନ୍ତରୀଣ ସରକାର ଭିତରେ ଚରମପନ୍ଥୀ ତତ୍ତ୍ୱ ତାଙ୍କ ବିରୋଧରେ ଓ ଆୱାମୀ ଲିଗ୍ ବିରୋଧରେ ନିର୍ଲଜ ଓ ମରଣାନ୍ତକ ଉଦ୍ଦେଶ୍ୟକୁ ପ୍ରକାଶ କରୁଛି ବୋଲି ହାସିନା କହିଛନ୍ତି।

କେବଳ ହାସିନା ନୁହନ୍ତି, ତାଙ୍କ ଘନିଷ୍ଠ ଭାବେ ଜଣାଶୁଣା ପୂର୍ବତନ ଗୃହମନ୍ତ୍ରୀ ଅସାଦୁଜମାନ ଖାନ୍ କମଲଙ୍କୁ ମଧ ଟ୍ରିବ୍ୟୁନାଲ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଗତବର୍ଷର ଛାତ୍ର ଆନ୍ଦୋଳନ ବେଳେ ମାନବୀୟତା ବିରୋଧରେ ଅପରାଧ ପାଇଁ କମଲଙ୍କୁ ଟ୍ରିବ୍ୟୁନାଲ ଦୋଷୀସାବ୍ୟସ୍ତ କରିଥିଲେ। ଏଥିସହିତ ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଅଦାଲତ କହିଛନ୍ତି। କମଲ ଭାରତରେ ରହିଥିବା ବିଶ୍ୱାସ କରାଯାଉଥିବାବେଳେ ତାଙ୍କ ଅନୁପସ୍ଥିତିରେ ରାୟ ଶୁଣାଣି ହୋଇଥିଲା। ସେହିପରି ପୂର୍ବତନ ପୋଲିସ ଆଇଜି ଚୌଧୁରୀ ଅବଦୁଲ୍ଲା ଅଲ୍–ମାମୁନ୍, ଯିଏ କି ପରେ ସାକ୍ଷୀ ହୋଇଥିଲେ, ତାଙ୍କୁ ଉକ୍ତ ମାମଲାରେ ୫ ବର୍ଷ ଜେଲଦଣ୍ଡ ହୋଇଛି।

## କଣ୍ଠଶିଳ୍ପୀ ହ୍ୟୁମାନ...

କରାଯାଇଥିଲା। ଟିଟିଲାଗଡ଼ରେ ଜନ୍ମିତ ହ୍ୟୁମାନ ୨୦୧୨ରୁ ନିଜର ସଙ୍ଗୀତ ଜୀବନ ଆରମ୍ଭ କରିଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଗୀତ ଗାଇବା ସହିତ ଘରେ ଘରେ ଲୋକପ୍ରିୟ ହୋଇପାରିଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ


ହ୍ୟୁମାନ ସାଗରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ତାଙ୍କର ବିୟୋଗ ଆମ ସଙ୍ଗୀତ ଓ ସିନେମା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ଶାନ୍ତି ପାଇଁ ମୁଖ୍ୟମନ୍ତ୍ରୀ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ପଶ୍ଚିମବଙ୍ଗରୁ ବାଲେଶ୍ୱର ଦେଇ ଆସୁଛି ବ୍ରାଉନ୍‌ସୁଗାର

**୪୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ଏଜେଣ୍ଟ ଗିରଫ**

- ଦିନରେ ଅଟୋ ଚାଳନା, ରାତିରେ ବ୍ରାଉନ୍‌ସୁଗାର କାରବାର
- ମାଛ ପେଟରେ ଲୁଚାଇ ଓ ବୁଲା ବିକାଳିଙ୍କ ଜରିଆରେ ଚାଲାଣ





ଗିରଫ ଅଭିଯୁକ୍ତ ଏସ୍.କେ. ଆକବର ଏବଂ ଜବତ ବ୍ରାଉନସୁଗାର ସହ ଟଙ୍କା।

ଭୁବନେଶ୍ୱର,୧୭।୧୧(ତ୍ରିନାଥ ମହାନ୍ତି)

ପଶ୍ଚିମବଙ୍ଗରୁ ଭାୟା ବାଲେଶ୍ୱର ଦେଇ ରାଜଧାନୀ ଭୁବନେଶ୍ୱରକୁ ବ୍ରାଉନ୍ ସୁଗାର ଚାଲାଣ ହେଉଛି। ବାଲେଶ୍ୱରରେ ଥିବା ସ୍ଲିପରସେଲ ଏହାକୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପହଞ୍ଚାଉଛନ୍ତି। ଏହିଭଳି ଜଣେ ବେପାରୀ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ରାଜଧାନୀରେ ବିକ୍ରି କରିବାକୁ ଆସିଥିବାବେଳେ ଖବର ପାଇ ସ୍ପେଶାଲ କ୍ରାଇମ ୟୁନିଟ୍ ଟିମ୍ ତାଙ୍କୁ କାବୁ କରିଛନ୍ତି। ଗିରଫ ବେପାରୀ ଜଣଙ୍କ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଆଜାଦ ବଜାରର ଏସ୍.କେ. ଆକ୍‌ବର। ତାଙ୍କ ନିକଟରୁ ପୋଲିସ ୪୦୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିଛି, ଯାହାର ମୂଲ୍ୟ ୪୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୋଲିସ କମିଶନର ସିଂ ଆହୁରି କହିଛନ୍ତି ଯେ, ଆକବରଙ୍କ ସହଯୋଗୀ ତଥା ଅନ୍ୟତମ ଅଭିଯୁକ୍ତ ଏସ୍.କେ. ସାଦିକ୍ ମହମ୍ମଦ ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଏକ ଟିମ୍ ବାଲେଶ୍ୱର ଓ ଭୁବନେଶ୍ୱରରେ ଛାନ୍‌ଭିନ କରୁଛି। ଏହି ର୍‍ୟାକେଟ୍‌ର ମାଷ୍ଟରମାଇଣ୍ଡ୍ କୋଲକାତାରେ ବସି ର୍‍ୟାକେଟ୍ ଚଳାଉଛନ୍ତି। ଜଳପଥରେ ଏକାଧିକ ବୋଟ୍ ମାଧ୍ୟମରେ ପଶ୍ଚିମବଙ୍ଗରୁ ବାଲେଶ୍ୱରକୁ ବ୍ରାଉନ୍‌ସୁଗାର ପଠାଯାଉଛି। ଏପରିକି ବୋଟରେ ଆସୁଥିବା ମାଛ ପେଟରେ ବ୍ରାଉନ୍‌ସୁଗାର ପ୍ୟାକ୍ କରି ଚାଲାଣ କରାଯାଉଛି। ବାଲେଶ୍ୱରରେ ପହଞ୍ଚିବା ପରେ ସେଠାରେ ଥିବା ଏଜେଣ୍ଟ ଏହାକୁ ନେଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ପଠାଉଛନ୍ତି। ସେହିପରି ପଶ୍ଚିମବଙ୍ଗ ସୀମାକୁ ବାଲେଶ୍ୱର ଲାଗିଥିବାରୁ ସ୍ଥଳପଥରେ ମଧ୍ୟ ବ୍ରାଉନ୍‌ସୁଗାର ଚାଲାଣ କରାଯାଉଛି। ସ୍ଥଳପଥରେ ବୁଲାବିକାଳି ତଥା ଫେରିବାଲାଙ୍କ ମାଧ୍ୟମରେ ବ୍ରାଉନ୍ ସୁଗାର ବାଲେଶ୍ୱରରେ ପହଞ୍ଚୁଛି। ଏହିଭଳି ଏସ୍.କେ ଆକ୍‌ବର ମାଷ୍ଟରମାଇଣ୍ଡଙ୍କ ଜଣେ ଏଜେଣ୍ଟ ହୋଇ କାମ କରୁଥିଲେ। ଦିନରେ ଅଟୋ ଚଳାଉଥିବାବେଳେ ରାତିରେ ଅର୍ଡର ଆସୁଥିବା ସ୍ଥାନରେ ପହଞ୍ଚି ବ୍ରାଉନ୍‌ସୁଗାର ବିକ୍ରି କରୁଥିଲେ। ଆକବରଙ୍କ ଉପରେ ଗତ କିଛି ମାସ ହେବ ସ୍ପେଶାଲ କ୍ରାଇମ ୟୁନିଟ୍ ନଜର ରଖିଥିଲା। ସେ ସପ୍ତାହରେ ଥରେ ଭୁବନେଶ୍ୱର ଆସି ବିଭିନ୍ନ ସ୍ଥାନରେ ବ୍ରାଉନ୍ ସୁଗାର ଦେଇ ଫେରିଯାଉଥିଲେ। ସେ ରବିବାର ଅପରାହ୍ନରେ ବାଲେଶ୍ୱରରୁ ୪୦୦ ଗ୍ରାମ୍ ବ୍ରାଉନ୍‌ସୁଗାର ଧରି ବିକ୍ରି ପାଇଁ ଭୁବନେଶ୍ୱର ଆସିଥିଲେ। ହେଲେ ତାହା ପୂର୍ବରୁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଖବର ପାଇ ଜଗିରହିଥିଲା। ସେ ଟ୍ରେନ୍‌ରେ ଆସି ଲିଙ୍ଗରାଜ ଷ୍ଟେଶନରେ ଓହ୍ଲାଇବା ମାତ୍ରେ ପୂର୍ବରୁ ଜଗିରହିଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ତାଙ୍କୁ ଗିରଫ କରିଥିଲା। ତାଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ୪୦୦ ଗ୍ରାମ୍ ବ୍ରାଉନସୁଗାର ମିଳିଥିଲା। ପୋଲିସ ତାଙ୍କୁ ଗିରଫ କରି ପଚରାଉଚରା କରିବା ପରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପାଇଛି। ତାଙ୍କୁ ଭୁବନେଶ୍ୱରରେ ବ୍ରାଉନସୁଗାର ଦେବାକୁ ଏସ୍.କେ. ସାଦିକ୍ କହିଥିବା ଆକବର ପୋଲିସ ଆଗରେ ପ୍ରକାଶ କରିଛନ୍ତି। ସେ ପୂର୍ବରୁ ମଧ୍ୟ ଏକାଧିକ ସ୍ଥାନକୁ ବ୍ରାଉନ୍‌ସୁଗାର ଚାଲାଣ କରିଥିବା ସ୍ୱୀକାର କରିଛନ୍ତି। ୪୦୦ ଗ୍ରାମ୍ ବ୍ରାଉନ୍‌ସୁଗାର ବିକିଲେ ତାଙ୍କୁ ୧ଲକ୍ଷ ଟଙ୍କା ଏବଂ ୧କେଜି ବ୍ରାଉନ୍‌ସୁଗାର ବିକ୍ରି କଲେ ୩ଲକ୍ଷ ଟଙ୍କା ମିଳୁଥିବା ଆକବର ପୋଲିସ ଆଗରେ କହିଛନ୍ତି। ଏବେ ପୋଲିସ ତାଙ୍କ ଆପରାଧିକ ରେକର୍ଡ ଖୋଜିବା ସହ ଲିଙ୍କ୍‌ରେ ଥିବା ବେପାରୀଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି। ଏହି ର୍‍ୟାକେଟ୍‌ର ମାଷ୍ଟରମାଇଣ୍ଡଙ୍କୁ ଧରିବା ପାଇଁ ସ୍ପେଶାଲ କ୍ରାଇମ ୟୁନିଟ୍‌ର ଏକ ଟିମ୍ ପଶ୍ଚିମବଙ୍ଗ ଯିବ ବୋଲି ଜଣାପଡ଼ିଛି।

# ଡିଜିଟାଲ ଆରେଷ୍ଟରେ ମହିଳା ହରାଇଲେ ୩୨ କୋଟି

ବେଙ୍ଗାଲୁରୁ,୧୭।୧୧

ସାଇବର ଅପରାଧୀମାନେ ନିଜକୁ ବଡ଼ ବଡ଼ ଅଧିକାରୀର ପରିଚୟ ଦେବା ସହ ଡିଜିଟାଲ୍ ଆରେଷ୍ଟର ଭୟ ଦେଖାଇ ଲୋକମାନଙ୍କଠାରୁ ବହୁ କୋଟି ଟଙ୍କା ଠକେଇ କରି ନେଉଛନ୍ତି। ଏଭଳି ଘଟଣା ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଥିବାବେଳେ ନିକଟରେ ବେଙ୍ଗାଲୁରର ଜଣେ ୫୫ବର୍ଷୀୟା ମହିଳା ୬ମାସ ମଧ୍ୟରେ କିପରି ୩୧.୮୩ କୋଟି ଟଙ୍କା ହରାଇଛନ୍ତି ତାହା ଜଣାପଡ଼ିଛି। ଅପରାଧୀମାନେ ନିଜକୁ ଡିଏଚ୍‌ଏଲ୍, ସାଇବର ଅପରାଧ ନିୟନ୍ତ୍ରଣ, ସିବିଆଇ ଏବଂ ଏବଂ ଆର୍‌ବିଆଇର ଏବଂ ଡିଏଚ୍‌ଏଲ୍‌ର ବଡ଼ ଅଧିକାରୀ ବୋଲି ପରିଚୟ ଦେଇ ୧୮୭ ଥରରେ ମହିଳାଙ୍କଠାରୁ ଠକେଇ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି।

ଥାନାରେ ଗତ ୧୪ତାରିଖରେ ହୋଇଥିବା ଅଭିଯୋଗ ଅନୁଯାୟୀ, ୨୦୨୪ ସେପ୍ଟେମ୍ବର ୧୫ରେ ପୀଡ଼ିତା ମହିଳା ଏକ ଫୋନ୍ କଲ୍ ପାଇଥିଲେ। ଜଣେ ବ୍ୟକ୍ତି ନିଜକୁ ପାର୍ସଲ ପରିବହନକାରୀ ସଂସ୍ଥା ଡିଏଫ୍‌ଏଲ୍‌ର ଅଧିକାରୀ ବୋଲି ପରିଚୟ ଦେଇ ମହିଳାଙ୍କ ନାମରେ ମୁମ୍ବାଇରୁ ଏକ ପାର୍ସଲ ଆସିଥିବା କହିଥିଲେ। ଉକ୍ତ ପାର୍ସଲ୍‌ରେ ୪ଟି ପାସ୍‌ପୋର୍ଟ, ୩ଟି କ୍ରେଡିଟ କାର୍ଡ ଏବଂ ଏମ୍‌ଡିଏମ୍‌ଏ ଥିବା କହିଥିଲେ। ଏହା ଶୁଣିବା ପରେ ମହିଳା ଜଣକ ମୁମ୍ବାଇ କେବେ ଯାଇ ନ ଥିବା କହିବାରେ, ଫୋନ୍ କଲର ତାଙ୍କୁ ଭୟଭୀତ କରିବା ସହ ଏହା ସାଇବର ଅପରାଧ ମାମଲା ଭାବେ ଗ୍ରହଣ କରାଯାଇଥିବା କହିଥିଲେ। ଏପରି କି ଫୋନ୍ କଲ୍‌ରଙ୍କୁ ମହିଳା ଜଣକ ଆଉ କିଛି କହିବା ପୂର୍ବରୁ ଅନ୍ୟ ଜଣେ ବ୍ୟକ୍ତି ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ଉଭୟେ ମହିଳାଙ୍କୁ ଡିଜିଟାଲ ଆରେଷ୍ଟ ଧମକ୍ ଦେବା ସହ ତାଙ୍କ ବିରୋଧରେ ଯଥେଷ୍ଟ ଆପରାଧିକ ପ୍ରମାଣ ରହିଥିବା କହିବା ସହ ଏସମ୍ପର୍କରେ ସ୍ଥାନୀୟ ପୋଲିସକୁ ସୂଚନା ଦିଆଯିବ ବୋଲି କହିଥିଲେ। ଅପରାଧୀମାନେ ମହିଳାଙ୍କୁ ଦୁଇଟି ସ୍କାଇପି ଆଇଡି ଇନ୍‌ଷ୍ଟଲ କରିବାକୁ କହିଥିଲେ। ଏହି ସବୁ ଘଟଣାକୁ ମୋହିତ୍ ହାଣ୍ଡା ନାମକ ଜଣେ ବ୍ୟକ୍ତି କ୍ୟାମେରାରେ ଅନୁଧ୍ୟାନ କରୁଥିଲେ। ୨ଦିନ ଧରି ଅପରାଧୀମାନେ ପୀଡ଼ିତା ମହିଳାଙ୍କୁ ଘର ଭିତରେ ନଜରବନ୍ଦୀ ଭାବେ ରଖି ଭୟ ସୃଷ୍ଟି କଲାଭଳି ପରିସ୍ଥିତି ସୃଷ୍ଟି କରିଥିଲେ। ଏପରି କି ପ୍ରଦୀପ ସିଂ ନାମକ ଜଣେ ବ୍ୟକ୍ତି ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇ ଗିରଫ କରିବାର ଭୟ ସୃଷ୍ଟି କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲେ। ଅଭିଯୁକ୍ତମାନେ ମହିଳାଙ୍କ ଫୋନ ଲୋକେଶନ ଟ୍ରାକ୍ କରିବା ସହ ସେ କାହା କାହା ସହିତ କଥା ହେଉଛନ୍ତି, ତାକୁ ନଜରରେ ରଖୁଥିଲେ। ମହିଳାଙ୍କୁ ତାଙ୍କର ସମ୍ପୂର୍ଣ୍ଣ ଠିକଣା ସହ ବ୍ୟାଙ୍କ ଡିଟେଲ୍ସ ଏବଂ ସମ୍ପତ୍ତି ତାଲିକା ପ୍ରଦାନ କରିବାକୁ ଅଭିଯୁକ୍ତମାନେ କହିଥିଲେ। ୨୦୨୪ ସେପ୍ଟେମ୍ବର ୨୪ ରୁ ଅକ୍ଟୋବର ୨୨ ମଧ୍ୟରେ ଅଭିଯୁକ୍ତମାନେ ମହିଳାଙ୍କ ସମ୍ପୂର୍ଣ୍ଣ ବ୍ୟାଙ୍କ ଡିଟେଲ୍‌ସ ନେଇଯାଇଥିଲେ। ଏଥିସହିତ ତାଙ୍କୁ ତାଙ୍କ ସମ୍ପତ୍ତିର ୯୦ ପ୍ରତିଶତ ଦାବି କରିଥିଲେ। ମହିଳା ଜଣଙ୍କ ଭୟରେ ଅଭିଯୁକ୍ତଙ୍କ ଦାବି ପୂରଣ କରିଥିଲେ। ପରେ ୨କୋଟି ଟଙ୍କା ଟିକସ ପାଇଁ ଦେବାକୁ କହିଥିଲେ। ଏଭଳି ଭାବେ ମାର୍ଚ୍ଚ ୨୦୨୫ ମଧ୍ୟରେ ୧୮୭ ଥରରେ ୩୧.୮୩ କୋଟି ଟଙ୍କା ଅଭିଯୁକ୍ତମାନେ ନେଇଯାଇଛନ୍ତି। ଅଭିଯୁକ୍ତଙ୍କ ଏଭଳି କାର୍ଯ୍ୟରେ ମହିଳା ପୀଡ଼ିତା ଦୀର୍ଘଦିନ ଧରି ମାନସିକ ଓ ଶାରୀରିକ ଅସୁସ୍ଥ ହୋଇପଡ଼ିଥିଲେ। ଗତ ଜୁନ୍ ମାସରେ ତାଙ୍କ ପୁଅ ବାହାଘର ଥିବାରୁ ସେନେଇ କାହାକୁ କିଛି ଜଣାଇ ନ ଥିଲେ। ବାହାଘର ପରେ ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସୁସ୍ଥ ଅନୁଭବ କରିବା ପରେ ଏବେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

**ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ଘଟଣା**

# ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନାଙ୍କ ପତ୍ତା ପାଉନି ପୋଲିସ

ଭୁବନେଶ୍ୱର,୧୭।୧୧
(ସତ୍ୟଜିତ ରାଉତ)

ଟ୍ୟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତ୍ୟୁ ଘଟଣାରେ କମିଶନରେଟ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଏହା ପଛରେ ଥିବା ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନା ଖୁଣ୍ଟିଆ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ବଡ଼ଗଡ଼ ଥାନା ପୋଲିସ ତାଙ୍କୁ ଖୋଜୁଥିବାବେଳେ ଜ୍ୟୋତ୍ସ୍ନା ରାଜ୍ୟ ବାହାରକୁ ଫେରାର ହୋଇଯାଇଥିବା ଚର୍ଚ୍ଚା ହେଉଛି। ଜ୍ୟୋତ୍ସ୍ନା ଧରାପଡ଼ିଲେ ମାମଲାର ଅଧିକ ଗୁମର ଖୋଲିପାରିବ। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାକୁ ୪ମାସ ବିତିଥିବାବେଳେ ମୁଖ୍ୟ ଖଳନାୟିକା ଜ୍ୟୋତ୍ସ୍ନା ଧରାପଡ଼ି ନ ଥିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ବିଦ୍ୟାଧର ଓଲା/ଉବର ଡ୍ରାଇଭର ଭାବେ କାମ କରୁଥିବାବେଳେ ଜ୍ୟୋତ୍ସ୍ନାଙ୍କ ବରମୁଣ୍ଡାସ୍ଥିତ କନ୍‌ସଲଟାନ୍ସି ସଂସ୍ଥା ପାଇଁ ମଧ୍ୟ କାମ କରୁଥିଲେ। ସମୟକ୍ରମେ ସେ ଚାକିରି ଠକେଇ ର୍‍ୟାକେଟ୍‌ରେ ଫସି ଯାଇଥିଲେ। ଜ୍ୟୋତ୍ସ୍ନାଙ୍କ ନିର୍ଦ୍ଦେଶ ଅନୁଯାୟୀ, ବହୁ ଚାକିରି ଆଶାୟୀଙ୍କଠାରୁ ସେ ଟଙ୍କା ଓ ସାର୍ଟିଫିକେଟ୍ ଆଦି ନେଇଥିଲେ। ତେବେ ଠକେଇର ଶିକାର ଲୋକେ ଜ୍ୟୋତ୍ସ୍ନାଙ୍କୁ ନ ପାଇ ବିଦ୍ୟାଧରଙ୍କୁ ଅଭିଯୁକ୍ତମାନେ ଅପହରଣ କରିନେଇ ଯାଜପୁରରୋଡ ନେଇଯାଇଥିଲେ। ସେଠାରେ ଅପହର୍ତ୍ତାଙ୍କ ନଜରବନ୍ଦୀରେ ଥିବା ସମୟରେ ବିଦ୍ୟାଧର ଆତ୍ମହତ୍ୟା କରିଥିଲେ। ଅପରପକ୍ଷରେ ସ୍ୱାମୀଙ୍କ ନିଖୋଜ ନେଇ ବିଦ୍ୟାଧରଙ୍କ ସ୍ତ୍ରୀ ବଡ଼ଗଡ ଥାନାରେ ଏତଲା ଦେଇଥିଲେ। ପରେ ଅଭିଯୁକ୍ତମାନେ ବିଦ୍ୟାଧରଙ୍କ ମୃତଦେହକୁ ଭୁବନେଶ୍ୱର ଆଣି ସେପ୍ଟେମ୍ବର ୧୯ ବିଳମ୍ବିତ ରାତିରେ ବାରଙ୍ଗ-ପିତାପଲ୍ଲୀ ରୋଡରେ ଫିଙ୍ଗିଦେଇଥିଲେ। ପୋଲିସ ତାଙ୍କ ମୃତଦେହ ଜବତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବାବେଳେ ଏପର୍ଯ୍ୟନ୍ତ ଜ୍ୟୋତ୍ସ୍ନାଙ୍କ ଟେର୍ ପାଇପାରୁନାହିଁ।

**ତେଜରାତି ଦୋକାନରୁ ମଦ ଜବତ**

# ପୂର୍ବତନ ସରପଞ୍ଚଙ୍କ ପୁଅ ଗିରଫ

ପରଜଙ୍ଗ,୧୭।୧୧
(ନିଗମାନନ୍ଦ ଦଳବେହେରା):



ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ରୋଡ଼ ଗ୍ରାମରେ ଥିବା ଏକ ତେଜରାତି ଦୋକାନରୁ ରବିବାର ରାତିରେ ବିଦେଶୀ ମଦ ମିଳିଛି। ପରଜଙ୍ଗ ଥାନା ଏସଆଇ ଦେବଗ୍ରାହୀ ମହାନ୍ତି, ଏଏସ୍‌ଆଇ ଜଳନ୍ଧର ବାରିକ ଓ କର୍ମଚାରୀ ଚଢ଼ାଉ କରି ବିପୁଳ ବିଦେଶୀ ମଦ ଜବତ କରିବା ସହ ମାଲିକ ସଂଗ୍ରାମ ଶେଖର ସାହୁଙ୍କୁ ଗିରଫ କରିଛନ୍ତି। ସେ ପୂର୍ବତନ ସରପଞ୍ଚ ଶାନ୍ତିଲତା ସାହୁଙ୍କ ପୁଅ ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ସୁଶ୍ରୀ ଅନାମିକା ସୂଚନା ଦେଇଛନ୍ତି। ସଂଗ୍ରାମ ରୋଡ କୁନ୍ଦନଦେଇପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ ଏକ ତେଜରାତି ଦୋକାନ କରି ଦୀର୍ଘଦିନ ହେଲା ଚୋରା ମାଦକ ଦ୍ରବ୍ୟ, ବିଦେଶୀ ମଦ ବେଆଇନ ଭାବେ ବିକ୍ରି କରିଆସୁଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପୋଲିସ କେସ୍ ନଂ. ୫୪୨/୨୫ରେ ମାମଲା ରୁଜୁ କରି ଚଢ଼ାଉ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## Business

# ଅରୁନ୍ଧତୀ ଜୁଏଲର୍ସର ବିବାହ ମହୋତ୍ସବ ଜୁଏଲେରି ପ୍ରଦର୍ଶନୀ



ଭୁବନେଶ୍ୱର,୧୭।୧୧

ଜୁଏଲେରି ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସ ଚଳିତ ବିବାହ ଋତୁ ପାଇଁ ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସର ପୁରୀ ଶାଖାରେ ବିବାହ ମହୋତ୍ସବ ଗହଣା ପ୍ରଦର୍ଶନୀ ଶୁଭାରମ୍ଭ କରାଯାଇଛି। ଗ୍ରାହକମାନଙ୍କ ଉପସ୍ଥିତିରେ ରିବନ କଟା ଯାଇ ଏହି ଗହଣା ପ୍ରଦର୍ଶନୀକୁ ଉଦଘାଟନ କରାଯାଇଛି । ବିବାହ ଅବସର ପାଇଁ ବିଶେଷ ଭାବରେ ପ୍ରସ୍ତୁତ, ପାରମ୍ପରିକ ସୁନା ଗହଣାର କମ୍ ଓଜନ ଯୁକ୍ତ ସର୍ବୋତ୍ତମ ଡିଜାଇନ ଓ କଲେକ୍ସନ ପ୍ରସ୍ତୁତ ରଖାଯାଇଛି। ଏହାସହ ସ୍ୱତନ୍ତ୍ର ଅଫର୍ ଘୋଷଣା କରାଯାଇଛି। ଯେଉଁଥିରେ ୫୦ଗ୍ରାମ୍‌ରୁ ଅଧିକ ସୁନା ଗହଣା କ୍ରୟ ଉପରେ ଫ୍ଲାଟ ୫୦% ରିହାତି, ୨୫ରୁ ୫୦ ଗ୍ରାମ୍ ଭିତରେ ଯେତିକି ଗ୍ରାମ୍ ସୁନା ଗହଣା କ୍ରୟ କରିବେ ସେତିକି ପ୍ରତିଶତ ଗଢ଼ାମଜୁରିରେ ରିହାତି ସହ ପ୍ରତି କ୍ୟାରେଟ ହୀରା ମୂଲ୍ୟରେ ୨୦,୦୦୦ ଟଙ୍କାର ମହାବଚତ ରିହାତି ପାଇପାରିବେ। ଏହାସହ ୫୧ ଜଣ ଲକ୍ଷପତି ହବାର ସୁଯୋଗ ମଧ୍ୟ ପାଇପାରିବେ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ସତର୍କତା ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୭।୧୧:** ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନୟାଗଡ ଜିଲାର ରାଜସୁନାଖଳାଠାରେ 'ସତର୍କତା : ଆମର ଭାଗିଦାରୀ ଦାୟିତ୍ୱ' ସମ୍ପର୍କୀତ ଏକ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ବିଜୟ କୁମାର ମଲିକ, ନୟାଗଡ ଜିଲାର ଅଗ୍ରଣୀ ଜିଲା ପ୍ରବନ୍ଧକ ଲୋହିତ ନନ୍ଦ, ବ୍ଲକ୍ ପ୍ରୋଜେକ୍ଟ ମ୍ୟାନେଜର ଝୁନୁ ମିଶ୍ର, କାସନ୍ଦା ସରପଞ୍ଚ କୃଷ୍ଣଚନ୍ଦ୍ର ସାମନ୍ତରାୟ, ସୁର୍କାବାଡି ସରପଞ୍ଚ ସୁନିତା ମହାପାତ୍ର, ବିଓଆଇ ରାଜସୁନାଖଳା ଶାଖାର ଶାଖା ପ୍ରବନ୍ଧକ ଦିବାକର ସାମନ୍ତରାୟ ଏବଂ ସନାତନ ମେମୋରିଆଲ କଲେଜ, ସୁର୍କାବାଡିର ପ୍ରିନ୍ସିପାଲ ସହଦେବ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ପିପିଲି ଶାଖାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ବିଜୟ କୁମାର ମଲିକ ଏବଂ ଭୁବନେଶ୍ୱର ଅଞ୍ଚଳର ସତର୍କତା ଅଧିକାରୀ ନିରଜ କୁମାର ପ୍ରସାଦ ଉପସ୍ଥିତ ଥିଲେ।

# ମଣିପାଲ ହସ୍ପିଟାଲକୁ ଶ୍ରେଷ୍ଠ ମଲ୍ଟି-ସ୍ପେଶିଆଲିଟି ପ୍ରାଇଭେଟ ହସ୍ପିଟାଲ ପୁରସ୍କାର



ଭୁବନେଶ୍ୱର,୧୭।୧୧ (ଅନୁରାଧା ମହାରଣା)

ଦି ଉଇକ-ହନ୍ସା ରିସର୍ଚ୍ଚ ସର୍ଭେ ୨୦୨୫: ବେଷ୍ଟ ହସ୍ପିଟାଲ୍‌ସ ଇନ୍ ଇଣ୍ଡିଆ ଅନୁସାରେ ଭୁବନେଶ୍ୱରର ଶ୍ରେଷ୍ଠ ମଲ୍ଟି-ସ୍ପେଶିଆଲିଟି ପ୍ରାଇଭେଟ ହସ୍ପିଟାଲ ଭାବେ ମଣିପାଲ ହସ୍ପିଟାଲଙ୍କୁ ସମ୍ମାନିତ କରାଯାଇଛି । ଗତ ୩ ବର୍ଷ ଧରି ମଣିପାଲ ହସ୍‌ପିଟାଲ ଭୁବନେଶ୍ୱର ଏହି ପୁରସ୍କାର ହାସଲ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଜ୍ୟମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କ ଉପସ୍ଥିତିରେ ଦିଲ୍ଲୀ ଲୋକ ସଭା ଏମପି ବନସୁରୀ ସ୍ୱରାଜ ପୁରସ୍କାର ପ୍ରଦାନ କରିଥିଲେ । ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ମଣିପାଲ ହସ୍ପିଟାଲ କ୍ଲଷ୍ଟର ଡାଇରେକ୍ଟର ସାଉଥ ଇଷ୍ଟ ଡାକ୍ତର ଶକ୍ତିମୟ ମହାପାତ୍ର, ଡାଇରେକ୍ଟର ଅର୍ଥୋପେଡିକ୍ସ ଡା. ସୁନୀଲ ଦାଶ ଏବଂ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗର ସିନିୟର କନସଲଟାଣ୍ଟ ଡାକ୍ତର ହରପ୍ରୀତ କୌର ଏହି ସମ୍ମାନ ଜନକ ପୁରସ୍କାର ଗ୍ରହଣ କରିଥିଲେ । ଏହି ସମ୍ମାନ ଅବସରରେ ମଣିପାଲ ହସ୍ପିଟାଲ ଚେୟାରମ୍ୟାନ, ଡା. ସୁଦର୍ଶନ ବଲ୍ଲାଳ କହିଥିଲେ, ଏହି ସମ୍ମାନ ଆମ ଡାକ୍ତରଙ୍କ ଅଭିଜ୍ଞତା, ନିଷ୍ଠା ଓ କ୍ଲିନିକାଲ ଉତ୍କର୍ଷରେ ଆଧାରିତ । ଜାତୀୟ ସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଡା. ଶକ୍ତିମୟ ମହାପାତ୍ର କହିଥିଲେ, ଆମ ସଫଳତାର ରହସ୍ୟ ହେଉଛି ଅଭିଜ୍ଞ ଡାକ୍ତରୀ ଟିମ୍, ଆଧୁନିକ ଜ୍ଞାନ କୌଶଳ ଏବଂ ପ୍ରତ୍ୟେକ ରୋଗୀ ପାଇଁ ଶ୍ରେଷ୍ଠ ଚିକିତ୍ସା ଦେବା ପ୍ରତି ଆମର ନିୟମିତ ଚେଷ୍ଟା ।

# ୱାକାରୁ ଭାରତର ନମ୍ବର ୧ ପିୟୁ ଫୁଟ୍‌ୱିୟର ବ୍ରାଣ୍ଡ୍

ଭୁବନେଶ୍ୱର,୧୭।୧୧

ଘରୋଇ ଫୁଟ୍‌ୱିୟର ବ୍ରାଣ୍ଡ ୱାକାରୁକୁ ଭାରତର ନମ୍ବର ୧ ପିୟୁ ଫୁଟ୍‌ୱିୟର ବ୍ରାଣ୍ଡ ଭାବେ ସ୍ୱୀକୃତି ମିଳିଛି। ବିଶ୍ୱସ୍ତରୀୟ ଗବେଷଣା ସଂସ୍ଥା କାଡେନ୍ସ ଇଣ୍ଟରନ୍ୟାଶନାଲ ଦ୍ୱାରା କରାଯାଇଥିବା ଏକ ରାଷ୍ଟ୍ରୀୟ ସର୍ଭେ ଆଧାରରେ ୱାକାରୁକୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ୱାକାରୁ ଇଣ୍ଟରନ୍ୟାଶନାଲ ଲିମିଟେଡର ଏମ୍‌ଡି ନୌଶାଦ୍ କହିଛନ୍ତି, ୱାକାରୁ ଭାରତର ନମ୍ବର ୧ ପିୟୁ ଫୁଟ୍‌ୱିୟର ବ୍ରାଣ୍ଡ। ଏହା ଏକ ଉପଲବ୍ଧି ନୁହେଁ ବରଂ ଏହା ଏକ କୃତଜ୍ଞତାର ମୁହୂର୍ତ୍ତ। ଏହା ଆମ ପାର୍ଟନର, ଡିଲର, ଖୁଚୁରା ବିକ୍ରେତା ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ମନୋଭାବ ପାଇଁ ସମ୍ଭବ ହୋଇପାରିଛି। ୨୦୧୨ରେ ୱାକାରୁ ସ୍ଥାପନ ହେବା ପରଠାରୁ ଭାରତର ସବୁଠାରୁ ବଡ଼ ପିୟୁ ଫୁଟ୍‌ୱିୟର ଅପରେଶନ୍ ନିର୍ମାଣ କରିଛି। ଦୈନିକ ୫ଲକ୍ଷ ହଳ ଜୋତା ଉତ୍ପାଦନ କ୍ଷମତା ରଖିଥିବା ୱାକାରୁ ୭୦୦ରୁ ଅଧିକ ଡିଲର ଏବଂ ଏକ ଲକ୍ଷରୁ ଅଧିକ ଖୁଚୁରା ଆଉଟଲେଟ୍ ବିସ୍ତାର କରିପାରିଛି।

# ଭାରତ ବଜାରକୁ ଆସିବ ୟୁରୋପର 'ଏସେନ୍ସ'

ଭୁବନେଶ୍ୱର,୧୭।୧୧

ୟୁରୋପର ନମ୍ବର ୧ କସମେଟିକ୍ସ ବ୍ରାଣ୍ଡ 'ଏସେନ୍ସ' ଭାରତୀୟ ବଜାରରେ ଉପଲବ୍ଧ ହେବ। ରିଲାଏନ୍ସ ରିଟେଲ ଲିମିଟେଡ ଓ ଜର୍ମାନୀଭିତ୍ତିକ ବିଶ୍ୱ କସମେଟିକ୍ସ କମ୍ପାନୀ କସନୋଭା ବିୟୁଟି ମଧ୍ୟରେ ଏନେଇ ସହଭାଗିତା ଘୋଷଣା କରାଯାଇଛି। ରିଲାଏନ୍ସ ରିଟେଲର ସମନ୍ୱିତ ଓମନି ଚ୍ୟାନେଲ ଇକୋସିଷ୍ଟମ ଦ୍ୱାରା ଏହି ଲଞ୍ଚ ସକ୍ଷମ ହେବ। ଅନଲାଇନ ପ୍ଲାଟଫର୍ମ, ବିୟୁଟି ଷ୍ଟୋର ଏବଂ ପାର୍ଟନର ରିଟେଲ ଫର୍ମାଟରେ ଦେଶବ୍ୟାପୀ ଉତ୍ପାଦଗୁଡ଼ିକ ଉପଲବ୍ଧ ହେବ। ୨୦୦୨ରେ ଜର୍ମାନୀରେ ପ୍ରତିଷ୍ଠିତ ଏସେନ୍ସ ପ୍ରାୟ ୯୦ଟି ଦେଶରେ ବ୍ୟବସାୟ ବିସ୍ତାର କରିଛି। ଏସେନ୍ସ ୧୦୦% ଭେଗାନ ଉପାଦାନ, ପରିବେଶ ଅନୁକୂଳ ପ୍ୟାକେଜିଂ ଏବଂ ମାଇକ୍ରୋପ୍ଲାଷ୍ଟିକ କଣିକା ମୁକ୍ତ ଫର୍ମୁଲା ଯୋଗୁ ଲୋକାଦୃତ ହୋଇପାରିଛି।



ସ୍ୱର୍ଗଟିଏ ନିର୍ମାଣ କରିବା କେଡେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। -ଶ୍ରୀଅରବିନ୍ଦ

-ଶିବଚତୁର୍ଦ୍ଦଶୀ ଉପବାସ



# ହାସିନାଙ୍କୁ ମୃତ୍ୟୁଦଣ୍ଡ

ବାଂଲାଦେଶରେ ଆଭ୍ୟନ୍ତରୀଣ ଯୁଦ୍ଧଜନିତ ଅପରାଧକୁ ତଦନ୍ତ କରିବା ଲାଗି ୨୦୦୯ରେ ଗଠିତ ଇଣ୍ଟରନ୍ୟାଶନାଲ କ୍ରାଇମ୍ସ ଟ୍ରିବ୍ୟୁନାଲ (ଆଇସିଟି) ୧୭ ନଭେମ୍ବରରେ ନିର୍ବାସିତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଛି। ଗତବର୍ଷ ଛାତ୍ରମାନଙ୍କ ଦ୍ୱାରା କରାଯାଇଥିବା ଆନ୍ଦୋଳନକୁ ଦମନ କରିବା ଲାଗି ସେ ଦେଇଥିବା ନିର୍ଦ୍ଦେଶ ଆଧାରରେ ତାଙ୍କ ବିରୋଧରେ ଅପରାଧ ମାମଲା ଚାଲିଥିଲା ବୋଲି କୁହାଯାଉଛି। ରାୟ ପ୍ରକାଶ ପାଇବା ପରେ ହାସିନା ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ସେ କହିଛନ୍ତି, ୨୦୨୪ରେ ଯେଉଁ ଛାତ୍ର ଆନ୍ଦୋଳନ କରାଯାଇଥିଲା ତାହା କଦାପି ପୂର୍ବକଳ୍ପିତ ନ ଥିଲା। ସେହି ବିକ୍ଷୋଭ ଯୋଗୁ ତାଙ୍କ ସରକାରର ପତନ ଘଟିଥିଲା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ବାଂଲାଦେଶ ମୁକ୍ତି ସଂଗ୍ରାମରେ ଭାଗ ନେଇଥିବା ମୁକ୍ତି ଯୋଦ୍ଧାଙ୍କ ବଂଶଧରମାନଙ୍କୁ ଦିଆଯାଉଥିବା ସଂରକ୍ଷଣକୁ ରଦ୍ଦ କରିବା ନେଇ ଛାତ୍ର ସମାଜ ସେତେବେଳେ ରାସ୍ତାକୁ ଓହ୍ଲାଇଥିଲେ। ସେହି ଆନ୍ଦୋଳନକୁ ଦମନ କରିବା ଲାଗି ହାସିନା ସରକାରଙ୍କ ପୋଲିସ ଅତ୍ୟାଚାରରେ ୨୩୦ ଜଣ ଲୋକଙ୍କ ପ୍ରାଣହାନି ଘଟିଥିବା ଅଭିଯୋଗ ହୋଇଥିଲା। ସ୍ଥିତି ପ୍ରଶମିତ କରିବା ଲାଗି ସୁପ୍ରିମକୋର୍ଟ ଉକ୍ତ ସଂରକ୍ଷଣକୁ ଉଚ୍ଛେଦ କରିବା ଓ ତାହାକୁ ସରକାର ଗ୍ରହଣ କରିଦେଇଥିଲେ ମଧ୍ୟ ବିକ୍ଷୋଭ ଥମି ନ ଥିଲା। କାରଣ ପରବର୍ତ୍ତୀ ସମୟରେ ସେହି ଆନ୍ଦୋଳନକୁ ଇସ୍‌ଲାମିକ ଗୋଷ୍ଠୀ ଅପହରଣ କରି ନେଇ ହିଂସାକାଣ୍ଡ ଜାରି ରଖିଥିଲେ। ଏହାର ପରିଣତି ଆହୁରି ଭୟଙ୍କର ହୋଇଥିଲା ଯେତେବେଳେ ବିକ୍ଷୋଭକାରୀମାନେ ୫ ଅଗଷ୍ଟ ୨୦୨୪ରେ ହାସିନାଙ୍କ ବାସଭବନକୁ ଧସେଇ ପଶି ଛାରଖାର କରିଥିଲେ। ସ୍ଥିତି ଅଶାନ୍ତ ହେଉଥିବା ଦେଖି ହାସିନା ବାଂଲାଦେଶ ରାଜଧାନୀ ଢାକା ଛାଡ଼ି ସେହି ଦିନ ଭାରତକୁ ପଳାଇଥିଲେ। ଉଲ୍ଲେଖ କରାଯାଇପାରେ ଯେ ହାସିନା ପ୍ରଥମେ ୧୯୯୬ରୁ ୨୦୦୧ ଏବଂ ପରେ ୨୦୦୯ରୁ ୨୦୨୪ ଯାଏ ବାଂଲାଦେଶ ପ୍ରଧାନମନ୍ତ୍ରୀ ରହି ଦୀର୍ଘକାଳ ଶାସନ କରିଥିଲେ।

ହାସିନାଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ପରେ ତାହା ଭାରତ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏବେ ସେ ଭାରତରେ ଆଶ୍ରିତ ଅଛନ୍ତି। ବାସ୍ତବରେ ହାସିନା ଯଦି ଭୁଲ କାର୍ଯ୍ୟ କରିଥିବେ ସେ ଦଣ୍ଡିତ ହେବା ଉଚିତ। କିନ୍ତୁ ଯଦି ରାଜନୈତିକ ପରିବେଶ ସହିତ ନ୍ୟାୟିକ ରାୟ ବଦଳିଯାଏ, ତାହା ଆଇନର ଶାସନ ଉପରେ ଲୋକଙ୍କ ବିଶ୍ୱାସକୁ ଦୁର୍ବଳ କରିଦିଏ। ଏକଦା ବାଂଲାଦେଶ ମୁକ୍ତି ସଂଗ୍ରାମରେ ହାସିନାଙ୍କ ପିତା ଶେଖ୍ ମୁଜିବୁର ରହେମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ହେଲେ ହାସିନା ସରକାରଙ୍କ ବିରୋଧରେ ଯେଉଁଭଳି ଭାବେ ହିଂସାତ୍ମକ ଆନ୍ଦୋଳନ ଦେଖାଦେଲା ସେଥିରେ ମୁଜିବୁରଙ୍କ ପ୍ରତିମୂର୍ତ୍ତିକୁ ସର୍ବସାଧାରଣରେ ଭାଙ୍ଗି ଦିଆଯାଇଥିଲା। ସେଥିରୁ ଆନ୍ଦୋଳନକାରୀଙ୍କ କ୍ରୋଧର ଉତ୍ତାପ ମାପି ହୋଇଯାଉଥିଲା। ହାସିନାଙ୍କୁ ଦୋଷୀ ସାବ୍ୟସ୍ତ କରାଯିବାର କିଛି ଘଣ୍ଟା ପରେ ବାଂଲାଦେଶର ଅନ୍ତରୀଣ ସରକାର ଔପଚାରିକ ଭାବେ ତାଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ଭାରତକୁ ଅନୁରୋଧ କରିଛନ୍ତି। ପୂର୍ବରୁ ତାଙ୍କ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶ କହି ଆସୁଥିଲେ ମଧ୍ୟ କୌଣସି ଔପଚାରିକ ନୋଟିସ ଦେଇ ନ ଥିଲା। ଚଳିତ ବର୍ଷ ଏପ୍ରିଲରେ ବ୍ୟାଙ୍କକ୍‌ଠାରେ ହୋଇଥିବା ବିମ୍ସଟେକ୍ ସମ୍ମିଳନୀ ପୃଷ୍ଠଭୂମିରେ ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭେଟ ହୋଇଥିଲେ। ଭାରତରେ ରହି ବାଂଲାଦେଶକୁ ସମାଲୋଚନା କରିବାରୁ ହାସିନା କ୍ଷାନ୍ତ ରହିବା ଉଚିତ ବୋଲି ୟୁନୁସ ସୂଚନା ଦେଇଥିଲେ। କିନ୍ତୁ ଏବେ ହାସିନା ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ରାୟ ଦିଆଯାଇଥିବାରୁ ବାଂଲାଦେଶ ତାଙ୍କ ପ୍ରତ୍ୟର୍ପଣ ପାଇଁ ଭାରତ ଉପରେ ଚାପ ପକାଇଛି।

ଗଣତାନ୍ତ୍ରିକ ନେତାମାନେ ଯେତେବେଳେ ଏକଚ୍ଛତ୍ରବାଦୀ ହୋଇ ନିଜ ଦେଶର ନାଗରିକଙ୍କ ଉପରେ ଅତ୍ୟାଚାର କରନ୍ତି, ସେତେବେଳେ ସମସ୍ୟା ଜନ୍ମ ନିଏ। ଭୋଟ ମାଧ୍ୟମରେ ଜିତିଆସୁଥିବା ନେତାଙ୍କର ବହୁକାଳ ପର୍ଯ୍ୟନ୍ତ ଅଧିକ ସମର୍ଥକ ଓ ଦଳୀୟ କର୍ମୀ ଦେଶବ୍ୟାପୀ ଖେଳିଯାଇଥାନ୍ତି। ପରବର୍ତ୍ତୀ ସମୟରେ ଯେତେବେଳେ ସାଧାରଣ ଲୋକଙ୍କର ଅସନ୍ତୋଷ ବୃଦ୍ଧି ପାଏ ସେତେବେଳେ ପ୍ରଥମେ ସମର୍ଥକ ଖସିଯାଆନ୍ତି। ତା'ପର ପର୍ଯ୍ୟାୟରେ ଦଳୀୟ କର୍ମୀଙ୍କ ସଂଖ୍ୟା ହ୍ରାସ ପାଇବାକୁ ଲାଗେ। ଯେତେ ସୁଦୃଢ଼ ଦିଶୁଥିଲେ ମଧ୍ୟ ସମୟ ପଡ଼ିଲେ ଗରମ ପାଣିରୁ ବାଷ୍ପ ଉଭାନ ହୋଇଯିବା ଭଳି ଅଧିକାଂଶ ଦଳୀୟ କର୍ମୀ ମଧ୍ୟ ମଞ୍ଚରୁ ଉଭାନ ହୋଇଯାଆନ୍ତି। ସେତେବେଳେ ଆଭ୍ୟନ୍ତରୀଣ ଅସନ୍ତୋଷ ଯେଉଁ ପରିମାଣରେ ବଢ଼େ ବାଂଲାଦେଶରେ ନିକଟ ଅତୀତରେ ହାସିନାଙ୍କ ଘଟଣାରୁ ବୁଝାପଡୁଛି। ଯଦି ଆଭ୍ୟନ୍ତରୀଣ ସମସ୍ୟା ସୃଷ୍ଟି ନ ହୁଏ ତେବେ ଇରାକ୍‌ରେ ବାହ୍ୟ ଶତ୍ରୁ ପ୍ରବେଶ କରି ସଦ୍ଦାମ ହୁସେନଙ୍କୁ ଫାଶୀ ଦେଲାଭଳି ପରିସ୍ଥିତି ସୃଷ୍ଟି ହୁଏ। ଆଜିର ପୃଥିବୀରେ ସବୁ ଗଣତାନ୍ତ୍ରିକ ପଦ୍ଧତିରେ ଜିତି କ୍ଷମତାକୁ ଆସିଥିବା ନେତାମାନେ ବୁଝିବା ଦରକାର ଯେ ତାଙ୍କ ନିଜ ଉପରେ ଏବଂ ତାଙ୍କର ନିକଟତମ ମୁଷ୍ଟିମେୟ ସହଯୋଗୀଙ୍କ ଉପରେ ପ୍ରତ୍ୟେକ ଦିନ ବିପଦର ପରିମାଣ ବୃଦ୍ଧି ପାଉଛି। ଜନସାଧାରଣ ବି ବୁଝିବା ଦରକାର ଯେ ହାସିନାଙ୍କ ଭଳି ଏକଚ୍ଛତ୍ରବାଦୀ ନେତୃତ୍ୱକୁ ଦୀର୍ଘବର୍ଷ କ୍ଷମତାରେ ରଖିଥିବା ହେତୁ ଆଜି ସେହି ଦେଶ ତଳିତଳାନ୍ତ ହୋଇପଡ଼ିଛି। ବାଂଲାଦେଶ ଏବଂ ଇରାକରୁ ଶିକ୍ଷା ନେଇ ସବୁ ଗଣତାନ୍ତ୍ରିକ ନେତାମାନେ ସଜାଗ ହେବା ଦରକାର।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 4 | | | 1 | 9 | |
| | 5 | | | | 1 | 8 | | |
| 9 | | | 2 | | | | | |
| 4 | 1 | | | | | | 8 | |
| | | 2 | 9 | | | 7 | | |
| | | | 3 | | | | 2 | |
| 7 | 8 | | | 4 | | 5 | | |
| | | | | | 7 | | | |
| | | | | 3 | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 5 | 7 | 9 | 2 | 3 | 1 | 8 |
| 9 | 3 | 7 | 1 | 5 | 8 | 6 | 2 | 4 |
| 8 | 1 | 2 | 3 | 6 | 4 | 9 | 5 | 7 |
| 5 | 4 | 3 | 6 | 1 | 9 | 7 | 8 | 2 |
| 6 | 2 | 8 | 4 | 7 | 3 | 5 | 9 | 1 |
| 1 | 7 | 9 | 8 | 2 | 5 | 4 | 3 | 6 |
| 2 | 8 | 4 | 9 | 3 | 7 | 1 | 6 | 5 |
| 3 | 5 | 6 | 2 | 4 | 1 | 8 | 7 | 9 |
| 7 | 9 | 1 | 5 | 8 | 6 | 2 | 4 | 3 |

ଗତକାଲିର ଉତ୍ତର

# ବିହାର: ଏନଡିଏ ପାଇଁ ଆହ୍ୱାନ

ସୌଭାଗ୍ୟ ସୁନ୍ଦରରାୟ

ବିହାରରେ କ୍ଷମତାସୀନ ଏନ୍‌ଡିଏ ରେକର୍ଡ଼ ବିଜୟ ଲାଭ କରିଛି। ନିର୍ବାଚନରେ ଆର୍‌ଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ରାଜନୈତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏନ୍‌ଡିଏ ସରକାର ଗଠନ କରିବା ସ୍ପଷ୍ଟ ହୋଇଛି। ଏବେ ନୂଆ ସରକାର ଆଗରେ ଦୁଇଟି ସମସ୍ୟା। ଗୋଟିଏ ଇସ୍ତାହାର ପ୍ରତିଶ୍ରୁତି ପାଳନ ଓ ଅନ୍ୟଟି ରାଜନୈତିକ ଟଣାଓଟରା। ନିର୍ବାଚନ ପୂର୍ବରୁ ନୀତୀଶ କୁମାର ସରକାରୀ ଭାବେ ରାଜ୍ୟର ବିକାଶ ମିତ୍ରଙ୍କୁ ୨୫ ହଜାର ଲେଖାଁଏ ଟଙ୍କା ପ୍ରଦାନ, ରାଜ୍ୟବାସୀଙ୍କୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ୩୦ ହଜାର ଶିକ୍ଷା ସେବକଙ୍କୁ ୧୦ ହଜାର ଲେଖାଁଏ ପ୍ରୋତ୍ସାହନ ରାଶି, ବରିଷ୍ଠ ନାଗରିକଙ୍କ ପେନ୍‌ସନ ରାଶି ବୃଦ୍ଧି, ଶିକ୍ଷିତ ବେକାରଙ୍କ ପାଇଁ ୧୦୦୦ ଟଙ୍କା ଭତ୍ତା, ରାଜ୍ୟର ୧୬ ଲକ୍ଷ ନିର୍ମାଣ ଶ୍ରମିକଙ୍କ ପାଇଁ ୫୦୦୦ ଟଙ୍କା ପୋଷାକ ଭତ୍ତା ପ୍ରଦାନ କରିବା ନିମନ୍ତେ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାରେ ପ୍ରାୟ ୭୫ ଲକ୍ଷ ମହିଳାଙ୍କୁ ପ୍ରଥମ କିସ୍ତି ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଏହା ବିତରଣ କରିଥିଲେ। ପରବର୍ତ୍ତୀ ସମୟରେ ସମୀକ୍ଷା କରାଯାଇ ମହିଳାମାନଙ୍କୁ ୨ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ କୁହାଯାଇଥିଲା। ଅର୍ଥାତ୍ ନିର୍ବାଚନ ପୂର୍ବରୁ ସମସ୍ତ ବର୍ଗଙ୍କୁ ଖୁସି କରିବାକୁ ନୀତୀଶ ଉଦ୍ୟମ କରିଥିଲେ।

ପ୍ରଥମେ ମହାଗଠବନ୍ଧନ ଓ ପରେ ଏନ୍‌ଡିଏର ଇସ୍ତାହାର ପ୍ରକାଶ ପାଇଲା। ଏନ୍‌ଡିଏ ନିଜ ନିର୍ବାଚନୀ ଇସ୍ତାହାରରେ ରାଜ୍ୟରେ ୧ କୋଟି ନିଯୁକ୍ତି ସୁବିଧା ଯୋଗାଣ ସହ ୧ କୋଟି ଲକ୍ଷପତି ଦିଦି ସୃଷ୍ଟି ପାଇଁ ପ୍ରତିଶ୍ରୁତି ଦେଇଛି। ୧ କୋଟି ନିଯୁକ୍ତି ସୁବିଧା ମଧ୍ୟରେ ସରକାରୀ ଓ ବେସରକାରୀ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଏଥିସହ ଗରିବ ଶ୍ରେଣୀର ପିଲାଙ୍କ ପାଇଁ ପ୍ରଥମରୁ ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ, ଘରପିଛା ୧୨୫ ୟୁନିଟ୍ ମାଗଣା ବିଦ୍ୟୁତ୍ ଓ ବିଭିନ୍ନ ବର୍ଗର ଯୁବକଙ୍କ ପାଇଁ ଋଣ ସୁବିଧା ବିଷୟ ଘୋଷଣା କରିଛି। ବିହାରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଶିକ୍ଷା ଛାଡୁଥିବା ପିଲାଙ୍କ ସଂଖ୍ୟା ୨୫.୯%। ନବମରୁ ଦ୍ୱାଦଶ ମଧ୍ୟରେ ଶିକ୍ଷା ଛାଡୁଥିବା ପିଲାଙ୍କ ସଂଖ୍ୟା ୨୦.୯%, ଯେତେବେଳେ କି ଜାତୀୟ ହାର ଯଥାକ୍ରମେ ୫.୨% ଓ ୧୦.୯%। ଏହା ବିହାର ଶିକ୍ଷା କ୍ଷେତ୍ରରେ ଏକ ଉଦ୍‌ବେଗଜନକ ବିଷୟ। ଏଣୁ ଇସ୍ତାହାରରେ ଏ ବିଷୟକୁ ଦୃଷ୍ଟିରେ ରଖାଯାଇଥିଲା। ଏନ୍‌ଡିଏ ୨୫ ଦଫା ଇସ୍ତାହାର ମୁଖ୍ୟତଃ ଶିକ୍ଷା, ଯୁବ ଓ ମହିଳା କୈନ୍ଦ୍ରିକ ରହିଥିବା ଅନୁଭବ କରାଯାଉଛି।

ସଂପ୍ରତି ବିହାର ମୁଖ୍ୟମନ୍ତ୍ରୀ ଥିବା ନୀତୀଶ କୁମାର ୨୦ ବର୍ଷ ଶାସନ କ୍ଷମତାରେ ରହିଲେଣି। ଦୁଇ ମେଣ୍ଟର ଇସ୍ତାହାର ଉନ୍ମୋଚନ ଅବସରରେ ବିହାର ସ୍ଥିତି ଲକ୍ଷ୍ୟ କରିବାର କଥା। ସରକାରୀ ତଥ୍ୟ ଅନୁଯାୟୀ ଭାରତର ମୁଣ୍ଡପିଛା ଆୟ ବର୍ତ୍ତମାନ ୧.୮୯ ଲକ୍ଷ ଟଙ୍କା ଥିବାବେଳେ ବିହାରର ମୁଣ୍ଡପିଛା ଆୟ ମାତ୍ର ୬୦,୦୦୦ ଟଙ୍କା। ବିହାରରେ ସହରୀକରଣ ଅନୁନ୍ନତ ଅବସ୍ଥାରେ ରହିଛି। ୨୦୦୧ ମସିହାରେ ଦେଶର ସହରୀକରଣ ୨୭.୯% ଥିବା ସମୟରେ ବିହାରର ସହରୀକରଣ ୧୦.୫% ଥିଲା। ୨୦୨୫ରେ ଦେଶର ସହରୀକରଣ ୮% ବୃଦ୍ଧି ପାଇ ୩୫.୭%ରେ ପହଞ୍ଚିଥିବାବେଳେ ବିହାର ସହରୀକରଣରେ ମାତ୍ର ୨% ବୃଦ୍ଧି ଘଟି ୧୨.୪% ହୋଇଛି। ବିହାରରେ ବିଗତ ୨୦ ବର୍ଷ ମଧ୍ୟରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇ ନ ପାରିବା ଫଳରେ ରାଜ୍ୟ ଅର୍ଥନୀତିକୁ ଉତ୍ପାଦନଶୀଳ ଉଦ୍ୟୋଗର ଅବଦାନ ଦୁଇ ଦଶନ୍ଧି ପୂର୍ବରୁ ଯାହା ଥିଲା ଏବେ ମଧ୍ୟ ତାହା ଅଛି। ଏହା ୫ରୁ ୬% ମଧ୍ୟରେ ରହିଛି। ଯୁବ ନିଯୁକ୍ତି କ୍ଷେତ୍ରରେ ବିହାର ଦେଶରେ ନବମ ସ୍ଥାନରେ ରହିଛି। ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ଥିବା ମାତ୍ର ୧୬.୭% ଯୁବକଙ୍କୁ ରାଜ୍ୟରେ କାମଧନ୍ଦା ଯୋଗାଣ ସମ୍ଭବ ହୋଇପାରୁଛି। ଏହି କାରଣରୁ ବହୁ ଯୁବକ ପ୍ରବାସୀ ଶ୍ରମିକରେ ପରିଣତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶିଳ୍ପ ପ୍ରତିଷ୍ଠା, ଭିତ୍ତିଭୂମି ଓ ଦକ୍ଷତା ବିକାଶକୁ ଏନ୍‌ଡିଏ ନିଜ ଇସ୍ତାହାରରେ ସ୍ଥାନ ଦେଇଛି। ଏଥିପାଇଁ ୧ ଲକ୍ଷ କୋଟି ଟଙ୍କାର ବିହାର ଶିଳ୍ପ ବିକାଶ ମିଶନ ପାଇଁ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି।



୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିହାରର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୨୨% ଆକଳନ କରାଯାଇଛି। ଏହି ସମୟ ପାଇଁ ରାଜ୍ୟର ଜିଡିପି ୧୧ ଲକ୍ଷ କୋଟି ଆକଳନ କରାଯାଇଛି। ଭିତ୍ତିଭୂମି ଓ ଅନ୍ୟାନ୍ୟ କ୍ଷେତ୍ରରେ ବଜେଟର ୧୪% ବ୍ୟୟବରାଦ ରଖାଯାଇଛି। ମୁଣ୍ଡପିଛା ଆୟ ୧୧% ବଢ଼ିବ ବୋଲି କୁହାଯାଇଛି। ଏହାର ଅର୍ଥ ହେଲା ବିହାର ଏବେ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ। ଦେଖିବାକୁ ଗଲେ ଏହା ଏକ ଆକଳନ। ୨୦୨୬ ବଜେଟ ଉପସ୍ଥାନ ସମୟରେ ପ୍ରକୃତ ସ୍ଥିତି ଜଣାପଡ଼ିବ।

ଆର୍ଥିକ ଦୃଷ୍ଟିରୁ ଦେଖିଲେ ବିହାର ଏକ ଦୁର୍ବଳ ରାଜ୍ୟ। କ୍ୟାଗର ୨୦୧୩-୨୦୨୩ ରିପୋର୍ଟରେ ଏହା ଦର୍ଶାଯାଇଛି। ରାଜ୍ୟର ମୋଟ ବଜେଟ ପରିମାଣର ୩୫ରୁ ୭୦ ଶତାଂଶ କର୍ମଚାରୀଙ୍କ ଦରମା, ପେନ୍‌ସନ ଓ ସୁଧ ପରିଶୋଧରେ ବ୍ୟୟ ହୋଇଥାଏ। ମୋଟ ଘରୋଇ ଉତ୍ପାଦରେ ଦେଶରେ ବିହାର ୧୫ତମ ସ୍ଥାନରେ ରହିଛି। ବିହାରର ଆର୍ଥିକ ନିଅଣ୍ଟ ୯%କୁ ଛୁଇଁବାକୁ ବସିଲାଣି। ଆର୍ଥିକ ଦାୟିତ୍ୱବୋଧ ଓ ବଜେଟ ପରିଚାଳନା ନିୟମାବଳୀ ଅନୁଯାୟୀ ଏହା ୪%ରେ ସୀମିତ ରହିବା ଆବଶ୍ୟକ। ରାଜ୍ୟର ରାଜସ୍ୱ ନିଅଣ୍ଟ ୨୦୨୨-୨୩ରେ ୧୧୨୮କୋଟି ଟଙ୍କା ଥିଲା। ନିଜସ୍ୱ ଟିକସ ଏବଂ ଅଣଟିକସ ରାଜସ୍ୱ ପରିମାଣ ମୋଟ ରାଜସ୍ୱର ୩୭% ହୋଇଥିବାବେଳେ ଅନୁଦାନ ଓ ବିଭିନ୍ନ ସୂତ୍ରରୁ ରାଜ୍ୟ ପ୍ରାପ୍ୟ ବାବଦକୁ କେନ୍ଦ୍ର ୬୩% ପ୍ରଦାନ କରିଥାଏ। ବିହାରର ଉତ୍ପାଦିକା, ସଞ୍ଚୟ ଓ ଆୟ ବହୁତ କମ୍। ତେବେ ଭୋଟର ଆକୃଷ୍ଟ ନିମନ୍ତେ ନିର୍ବାଚନୀ ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦିଆଯାଇଛି, ସେଥିନିମନ୍ତେ ପାଣ୍ଠି କିପରି ଯୋଗାଡ଼ ହୋଇପାରିବ ତାହା ଏକ ପ୍ରଶ୍ନବାଚୀ।

ନିର୍ବାଚନ ସମୟରେ ପ୍ରଚାର ଓ ପ୍ରସାରରେ ଅତି ସକ୍ରିୟ ରହିଥିଲା ଭାଜପା। କାରଣ ନୀତୀଶଙ୍କ ସହାୟତାରେ ନିଜସ୍ୱ ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ଭାଜପା ଉଦ୍ୟମ କରିଥିଲା। ଏଥିରେ ସଫଳ ମଧ୍ୟ ହୋଇଛି। ଏହିକାରଣରୁ ଏନ୍‌ଡିଏର ନିର୍ବାଚନୀ ଇସ୍ତାହାର ମୁଖ୍ୟତଃ ଭାଜପାର ବୋଲି କୁହାଯାଇପାରେ। 'ବିକଶିତ ବିହାର' ନାମରେ ଏନ୍‌ଡିଏର ନିର୍ବାଚନୀ ଇସ୍ତାହାରରେ ୭ଟି ଏକ୍ସପ୍ରେସ ସଡ଼କ, ୧୦ଟି ଶିଳ୍ପ ପାର୍କ, ୫୦ ଲକ୍ଷ ନୂତନ ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ରାଜ୍ୟ ଅର୍ଥନୀତି ଦୁର୍ବଳ ଥିବା ଅବସ୍ଥାରେ ସଡ଼କ ଓ ଶିଳ୍ପ ପାର୍କ ପାଇଁ ରାଜ୍ୟ ଅର୍ଥ ଯୋଗାଇବା ସମ୍ଭବ ନୁହେଁ। ଏଣୁ ଏହି ଇସ୍ତାହାର ପାଇଁ କେନ୍ଦ୍ର ଅର୍ଥ ଯୋଗାଇଲେ ପ୍ରକଳ୍ପ ହୋଇପାରିବ। କେନ୍ଦ୍ର ଯେ ଏଥିରେ ଟାଳଟୁଳ ନୀତି ଅବଲମ୍ବନ ନ କରିବ ତାହା କହିହେଉ ନାହିଁ। କାରଣ ଏଥିରେ ରାଜନୈତିକ ଦିଗଟି ରହିବ।

ରାଜନୈତିକ ସମସ୍ୟାଟି ହେଉଛି ଏନ୍‌ଡିଏର ସହଯୋଗୀ ଭାବେ ଭାଜପା ଅଧିକ ଆସନ ଲାଭ କରୁଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇପାରୁ ନାହିଁ। ଚଳିତ ଥର ଉଭୟ ଦଳ ସମାନ ସଂଖ୍ୟକ ୧୦୧ଟି ଆସନରେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଭାଜପା ୮୯ଟି ଆସନରେ ବିଜୟୀ ହୋଇଥିବାବେଳେ ଜେଡି(ୟୁ) ୮୫ ଆସନରେ ବିଜୟୀ ହୋଇଛି। ଏଲ୍‌ଜେପି ୧୯, ହିନ୍ଦୁସ୍ତାନ ଆମ୍ ମୋର୍ଚ୍ଚା ୫ ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୪ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଭାଜପା ନୀତୀଶଙ୍କ ହାତ ଛାଡ଼ିପାରିବ ନାହିଁ। କାରଣ ନୀତୀଶଙ୍କ ସହାୟତାରେ ରାଜ୍ୟରେ ଭାଜପାର କଳେବର ବୃଦ୍ଧି ପାଇଛି। ଏବେ ଭାଜପାର ରାଜ୍ୟରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ ଅଛନ୍ତି ଓ ଗୃହ ବିଭାଗ ମୁଖ୍ୟମନ୍ତ୍ରୀ ରଖିଛନ୍ତି। ଭାଜପା ନିକଟରେ ଅର୍ଥ ବିଭାଗ ରହିଛି। ଚଳିତଥର ନୂଆ କରି ଉପ-ମୁଖ୍ୟମନ୍ତ୍ରୀ ପଦ ଏଲ୍‌ଜେପି ମଧ୍ୟ ଦାବି କରିପାରେ। କାରଣ ମେଣ୍ଟର ଏହା ତୃତୀୟ ବୃହତ୍ତମ ଦଳ। ଭାଜପାର ଆସନ ସଂଖ୍ୟା ଅଧିକ ଥିବାରୁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟ ଦାବି କରିପାରେ। ଏଣୁ କହିବାକୁ ଗଲେ ଏନ୍‌ଡିଏର ସଂଖ୍ୟା ବଢ଼ିଛି, ସମସ୍ୟା ବି ବଢ଼ିଛି।

ମୋ: ୯୪୩୭୨୨୯୨୩୩

# କଟକ ସହରବାସୀଙ୍କୁ ଦୁଇପଦ

ବିଜୟ କୁମାର ପୃଷ୍ଟି

ଇଏ ହେଉଛି ଆମ ହଜାର ବର୍ଷର ସହର କଟକ। କେବଳ ଭାରତ ନୁହେଁ, ଭାରତ ବାହାରେ କଟକ ସହରକୁ ଅନେକ ଜାଣନ୍ତି। ଏହି ଐତିହାସିକ ସହରର ଦୁଇ ପଟେ ମହାନଦୀ ଓ କାଠଯୋଡ଼ି। କଟକ ମାଟିରେ ଅନେକ କାଳଜୟୀ, କୃତୀ ପୁରୁଷ, ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିବା ବ୍ୟକ୍ତିତ୍ୱଙ୍କର ଅଭାବ ନାହିଁ। ବିଶ୍ୱର ବିରଳ ଏହି ସହରର ନିଆରାପଣ ହେଉଛି ସବୁ ଧର୍ମର ସମନ୍ୱୟ। ଜଣେ ସକାଳୁ ଉଠିଲେ ଏ ସହରକୁ ଟିକିଏ ବୁଲି ଆସିଲେ ବେଶ୍ ଭଲ ଭାବରେ ସେ ବୁଝିପାରିବ। ମନେପଡୁଛି ପ୍ରତିଥଯଶା ବ୍ୟଙ୍ଗହାସ୍ୟ ଶିରୋମଣି ଫତୁରାନନ୍ଦ ଏକଦା କହିଥିଲେ, କଟକ ସହରରେ ଆଲାରାମ ଘଡ଼ିର ଆବଶ୍ୟକତା ନାହିଁ। ଏଠି ଭୋରୁ ଭୋରୁ ଆଲାରାମ ସ୍ୱତଃ ବାଜି ଉଠେ। କଟକର ବାଉନ ବଜାର ତେପନ ଗଳି ଭିତରେ କେଉଁଠି 'ରାମ ରାମ ହରେ ହରେ ତ କେଉଁ ଗଳିରେ ଆଲ୍ଲା ହୋ ଆକବର'। କହିବାକୁଗଲେ ଆଲାରାମ କଟକିଆଙ୍କ ନିଦ ଯେପରି ଭାଙ୍ଗି ଦେଇଥାଏ, ତା'ପରେ ସହର ଆରମ୍ଭ ହୁଏ ଛକମୁଣ୍ଡର ଚା'ଖଟିର ଆସରରୁ। ଏଠି ଚା'ଖଟିଟି ଖାଲି ଚା'ପିଇବା ଲୋକଙ୍କର ମେଳଣ ଜାଗା ନୁହେଁ, ଡିଙ୍କିଶାଳରୁ ଢେଙ୍କାନାଳ କିମ୍ବଦନ୍ତୀ ବିଜୁବାବୁଙ୍କଠାରୁ ମୋହନ ମାଝୀ, ସେ ଟ୍ରମ୍ପ ହୁଅନ୍ତୁ ବା ୟୁକ୍ରେନ୍ ଯୁଦ୍ଧ କେଉଁ ପ୍ରସଙ୍ଗ ମଧ୍ୟ ବାଦ୍‌ପଡ଼େନା। ଏ ସବୁ ଭିତରେ ପୁରୁଣାକାଳିଆର ରେଡିଓରେ ସେହି ମୋଟା ଗଳାର ସମ୍ବାଦର ଶବ୍ଦଗୁଡ଼ିକ କାନ ଗହ୍ୱରରେ ପଡ଼ିଥାଏ। ଓଡ଼ିଆଯାକର ତମାମ ଦୈନିକ ଖବରକାଗଜ ଭୋରୁ ଭୋରୁ ପହଞ୍ଚିଯାଏ। ତେବେ ଅଦ୍ଭୁତ କଥା ହେଉଛି, ଖବରକାଗଜରେ କିଏ ଆତ୍ମହତ୍ୟା କରିଛି ତ କେଉଁଠି ବ୍ରହ୍ମକମଳ ଫୁଟିଛି, ଏସବୁ ପ୍ରକାଶ ପାଇବା ପୂର୍ବରୁ କିନ୍ତୁ ଚା'ଖଟିର ସମ୍ବାଦ ଆସରରେ ଆଗେ ପଡ଼ିଯାଏ।

ଏହି ବିଚିତ୍ର ସହରର ଜୀବନଚକ୍ର ଏକ ସ୍ୱାଭାବିକ ପ୍ରବାହମାନ ଧାରା ପରି ଚାଲିଥାଏ। ଓଡ଼ିଆ ଭାଇଟି ବରା ପିଆଜି ଗୁଲୁଗୁଲା ପ୍ରସ୍ତୁତ କଲାବେଳକୁ ମୁସ୍‌ଲିମ ଭାଇଟି ତା' ନୀତି ବେଉସା ଭିତରେ ଖାସି କାଟିବାରେ ଲାଗିଗଲାଣି। ଦିନ ତମାମ ସମସ୍ତେ ନିଜ ନିଜ ବେପାର ବଣିଜକୁ ନେଇ ବ୍ୟସ୍ତ ଥାଆନ୍ତି। ପୁଣି ମୁହଁ ସଞ୍ଜ ହେଲାବେଳେ ଆସର ଜମେ ଚା'ଖଟିରେ। ଇଏ ହେଉଛି କଟକ ସହର, ଭାଇଚାରାର, ଅତୁଟ ଭାଇ ବନ୍ଧନର ସହର। ଏଠି ଓଡ଼ିଆ ହେଉ କି ବଙ୍ଗାଳୀ, ମୁସଲମାନ ହେଉ କି ଖ୍ରୀଷ୍ଟିଆନ୍, ପଞ୍ଜାବୀ ହେଉ ବା ଯେ କେହି ସମସ୍ତେ ଏଠି ଭାଇ ଭାଇ। ଇଏ ହେଉଛି କଟକର ଆରାଧ୍ୟ ଦେବୀ ମା' କଟକଚଣ୍ଡୀ ଓ ଗଡ଼ଚଣ୍ଡୀଙ୍କ ପରମ କୃପା। ବାଟ ଭୁଲି ଖାଲି ପେଟରେ କଟକରେ ଦୁଆର ଘାଟ ଖୋଜି ବୁଲୁଥିବା ଲୋକଟିକୁ କଟକିଆ ଖାଲି ପେଟରେ ଛାଡ଼ି ନଥା'ନ୍ତି। ଆପଣ ଜଣେ ଜଣେ ରିକ୍ସାବାଲାଙ୍କୁ ଦେଖିବେ କହିବାକୁଗଲେ ଦିହରେ ପଳାଏ ମାଉଁଶ ନଥିବ, କିନ୍ତୁ କି ଖରା କି ବର୍ଷା ଯାତ୍ରୀଙ୍କୁ ନେଇ ନିରାପଦରେ ପହଞ୍ଚାଇ ଦେଇଥାଏ। ମନେପଡୁଛି ଓଡ଼ିଶୀ ସଂଗୀତର ସୁରମଣି ବାଳକୃଷ୍ଣ ଦାସଙ୍କ କଥା। ଆକାଶବାଣୀ ଥିଲା ତାଙ୍କ କର୍ମସ୍ଥଳୀ। ସେଇଠି ଯେଉଁ ରିକ୍ସାବାଲାଟି ବି ଡାକ ଛାଡ଼ି ଛାଡ଼ି ଯାଏ, ଏପରି ବିରାଟ ବପୁବାଲା ଲୋକଙ୍କୁ ବି ସେ ତା' ରିକ୍ସାରେ ନେଇପାରେ। କଟକ ଭିତରେ ଅନେକ କଥା ରହିଛି ଲେଖି ବସିଲେ ତ ଗ୍ରନ୍ଥ ହେବ।



କଟକ ସହର ସତରେ ବଡ଼ ବିଚିତ୍ର ସହର। ଏ ଶବ୍ଦଟିକୁ ଦେଖନ୍ତୁ। ଏହାର ଦୁଇ ପଟେ 'କ'। ପୁରୁଣା ଐତିହାସିକ ଘଟଣା ପ୍ରବାହ ଏହି ସହରରେ ଅନେକ ଘଟଣ, ଅଘଟଣ ଘଟିଛି। ସେ ସବୁର ସମାଧାନ ବି ହୋଇଛି। ବଡ଼ କଥା ହେଲା କଟକରେ ଭାଇଚାରା ଆଉ ସାହି ମୁରବିଙ୍କ ସମ୍ମାନର ଗୁରୁତ୍ୱ ଯଥେଷ୍ଟ। ତଥାପି ଦଶହରା ମେଢ଼ ବେଳେ ବଗୁଲିଆମାନଙ୍କ ଉତ୍ତେଜନା ସୃଷ୍ଟିକାରୀ ଘଟଣା ସହରବାସୀଙ୍କୁ କିଛି କ୍ଷଣ ପାଇଁ ମନସ୍ତାପ ଭିତରକୁ ଠେଲି ଦେଇଥିଲା। ଯଦିଓ ପ୍ରଶାସନଠାରୁ ସାହି ମୁରବି ସମସ୍ତେ ତ୍ୱରିତ ଭାବେ ହାତରେ ହାତ ମିଶାଇ ଏକାଠି ହୋଇ ବସିଲେ ଆଉ ଘଟଣାକୁ ତୁଟାଇଦେଲେ। ଇଏ ପରା ଭାଇଚାରାର ସହର। ଏଠି ଜଣେ ଭଡ଼ାଟିଆ ଯେଉଁ ସାହିର ହୋଇ ଥାଆନ୍ତୁନା କାହିଁକି ଅନ୍ୟ କୌଣସି ସାହିର କୌଣସି ଜଣେ ତାଙ୍କୁ ଅସମ୍ମାନ କଲେ ଏହା ଭଡାଟିଆଙ୍କ ପାଇଁ ଯେତେବଡ଼ ସ୍ୱାଭିମାନର ପ୍ରସଙ୍ଗ ହୋଇନଥାଏ ସେ ସାହି ବାସିନ୍ଦାଙ୍କ ପାଇଁ ଏହା ସମ୍ମାନର ପ୍ରସଙ୍ଗ ହୋଇଥାଏ। କଟକରେ ଶାନ୍ତି କମିଟି ରହିଛି, ସବୁ ସାହିର ମୁରବିମାନେ ଏକାଠି ହୋଇ ଏହାର ସମାଧାନ କରିଆସିଛନ୍ତି। ତେବେ ସୋସିଆଲ ମିଡିଆ ବା ଗୁଜବକୁ ଆଦୌ ବିଶ୍ୱାସ କରିବା କଥା ନୁହେଁ। ସହରରେ ଶାନ୍ତି ଜାରି ରହିବା ଦାୟିତ୍ୱ ଆମ ସମସ୍ତଙ୍କର। ଯଦିଓ ଷଷ୍ଠ ଦଶନ୍ଧିରେ କଟକ ସହରରେ ଦଙ୍ଗା କଥା ଶୁଣାଯାଏ, କିନ୍ତୁ କଟକ ହେଉଛି ଏପରି ଏକ ଭିନ୍ନ ସହର; ଯେଉଁଠି ସାମ୍ପ୍ରଦାୟିକତା ନଥାଏ। ମହାନ୍ ଶ୍ରୀଜଗନ୍ନାଥ ସଂସ୍କୃତିର ଉଦାର ଗ୍ରହଣୀୟତା ଏଠି ସମସ୍ତଙ୍କ ପାଇଁ ବଡ଼। ଇଏ ହେଉଛି ସେହି ସହର, ଯେଉଁଠି କହିବାକୁଗଲେ ଜଣେ ହିନ୍ଦୁ ଅକ୍ଷୟ ମହାନ୍ତି, ଜଣେ ମୁସଲମାନ ସିକନ୍ଦର ଆଲାମ ଆଉ ଜଣେ ଖ୍ରୀଷ୍ଟିଆନ୍ ପ୍ରଣବ ପଟ୍ଟନାୟକ, ଏମିତି ଏକ ସମୟ ଥିଲା ଓଡ଼ିଆ ସଂଗୀତ ଜଗତରେ ସେମାନେ ଛାଇ ହୋଇଯାଇଥିଲେ। ହଜାର ବର୍ଷର କଟକ ସହରର ଜଣେ ଖାଣ୍ଟି କଟକିଆ ଭାବେ ପାରସ୍ପରିକ ସମ୍ପର୍କକୁ ନଷ୍ଟ ନ କରି ଏପରି ଭାଇଚାରା ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ଏହା ଆମ ସମସ୍ତଙ୍କର ଦାୟିତ୍ୱ, ଏହାକୁ ଭୁଲିଯିବା ଅନୁଚିତ।

ମୋ: ୯୮୬୧୪୬୪୯୩୨

## ଏଇ ଭାରତରେ

ମହାରାଷ୍ଟ୍ର ସତାରା ଜିଲାରେ ରୋହିଣୀ ପାଟିଲ ଜୈବିକ ମହୁ ଉତ୍ପାଦନ କରି ବର୍ଷକୁ ୨୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ରୋହିଣୀ ରହୁଛନ୍ତି ସୁଲେଓ୍ୱାଡ଼ି ଗାଁରେ। ଖବରକାଗଜରେ ମହୁଚାଷ ସମ୍ପର୍କରେ ଏକ ବିଜ୍ଞାପନ ଦେଖିବା ପରେ ସେ ଏହି ଚାଷ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସେ ତାଙ୍କ ଗହଣା ବନ୍ଧକ ରଖି ୧.୫ ଲକ୍ଷ ଟଙ୍କା ଋଣ କରିଥିଲେ ଏବଂ ସେହି ଟଙ୍କାରେ ୩୫ଟି ମହୁବାକ୍ସ ଆଣି ଚାଷ ଆରମ୍ଭ କରିଥିଲେ। ଏବେ ସେ ୧୦୦ରୁ ଊର୍ଦ୍ଧ୍ୱ ମହୁବାକ୍ସ ବସାଇଛନ୍ତି। ବର୍ଷକୁ ସେଥିରୁ ମୋଟ୍ ୯୦୦ କିଲୋଗ୍ରାମ ମହୁ ସଂଗ୍ରହ କରୁଛନ୍ତି। କେବଳ ଏତିକି ନୁହେଁ, ସେ ମଧ୍ୟ ଗାଁର ୩୫ ମହିଳାଙ୍କୁ ଏକାଠିକରି ମହାବଳେଶ୍ୱର ପ୍ରଶିକ୍ଷଣ ସଂସ୍ଥା ଦ୍ୱାରା ସେମାନଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରିଛନ୍ତି। ସୁଲେଓ୍ୱାଡ଼ିରେ ଏହି ସଂସ୍ଥା ଏ ସମ୍ପର୍କରେ କର୍ମଶାଳା ଆୟୋଜନ କରିବା ପରଠାରୁ ମହିଳାମାନେ ମହୁଚାଷ ପ୍ରତି ଆଗ୍ରହୀ ହୋଇଛନ୍ତି। ରୋହିଣୀଙ୍କ ଏହି ସଫଳତା ଅତ୍ୟନ୍ତ ପ୍ରେରଣାଦାୟକ ଓ ମହୁଚାଷ ପାଇଁ ସେ ମହିଳାଙ୍କୁ ପଥ ଦେଖାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ନଭେମ୍ବର ୧୯୭୬

- ପାର୍ଲାମେଣ୍ଟର ଦୁଇଟିଯାକ ଗୃହରେ ଗୃହୀତ ହୋଇସାରିଥିବା ୪୪ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ରାଜସ୍ଥାନ ଓ ହରିଆନା ବିଧାନସଭା ଅନୁମୋଦନ କରିଛି।
- ଭାରତ ଓ ବୁଲଗେରିଆ ମଧ୍ୟରେ ବାଣିଜ୍ୟ କାରବାର ଦୁଇଗୁଣ ବୃଦ୍ଧି କରିବା ଲକ୍ଷ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ହେ ମୋର କଳପନା ମାନସୀ ରାଣୀ !
ପ୍ରଭାତେ ନିତି ଯେହ୍ନେ ଫୁଟାଅ ବାଣୀ
ନିଶାର ନୀରବତା ତୁଟାଇ କହ କଥା
ଅନ୍ଧାର ଆଲୋକର ମିଳନ ଆଣି
ପ୍ରଭାତେ ନିତି ଯେହ୍ନେ ଫୁଟାଅ ବାଣୀ ।
-(ପ୍ରଭାତ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଇଏ କି ପ୍ରକାର ରାଜନୀତି

ମହାଶୟ,

ଏବେ ଅନେକ ଦୁର୍ନୀତିଖୋର ନେତା 'ବର୍ଷା ଯୁଆଡ଼େ ଛତା ସେହି ଆଡ଼େ' ରାଜନୀତି କରୁଛନ୍ତି। ଏହାକୁ ଦେଖି ରାଜ୍ୟର ମତଦାତା ଆଶ୍ଚର୍ଯ୍ୟ ହେଉଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ପରସ୍ପରର ଚରିତ୍ର ସଂହାର କରୁଥିବା ନେତାମାନେ ଯୋଜନା ଅର୍ଥ ଲୁଟିଖାଇବା ପାଇଁ ବିରୋଧୀ ଦଳର ଭୂମିକାକୁ ଭୁଲି ନେପଥ୍ୟ କୋଳା କୋଳି ହେଉଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ନୀତି ଓ ନୈତିକତା ପରିଲକ୍ଷିତ ହେଉନାହିଁ। କ୍ଷମତାପାଗଳ ନିର୍ବାଚିତ ଲୋକ ପ୍ରତିନିଧି ଓ ଅନ୍ୟାନ୍ୟ ନେତାମାନେ ସବୁ ଯୋଜନା ଅର୍ଥର ବାଟମାରଣା କରାଇ କଳାଧନ ସଂଗ୍ରହ କରିବାରେ ବ୍ୟସ୍ତ ରହୁଛନ୍ତି। ଏଥିପାଇଁ ବହୁ ବିରୋଧୀ ଦଳର ନେତା ଶାସକ ଦଳକୁ ଲମ୍ଫ ପ୍ରଦାନ କରୁଛନ୍ତି। ସିବିଆଇ, ଭିଜିଲାନ୍ସ ଓ ଇଡି ଅଧିକାରୀମାନେ ଦୁର୍ନୀତି, ଭ୍ରଷ୍ଟାଚାର ଓ କଳାଧନ ଉପରେ ସେଭଳି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। ବାଳିଆ ଖାଇ ଚାଲିଛି, କିନ୍ତୁ କେରାଣି ଭିଜିଲାନ୍ସ ହାତରେ ଧରାପଡୁଛି। ଏଥିପାଇଁ ଦେଶ ଓ ରାଜ୍ୟଗୁଡ଼ିକର ବିକାଶ ହୋଇପାରିଲା ନାହିଁ। କ୍ଷମତା ରାଜନୀତି ବର୍ତ୍ତମାନ ସର୍ବାଧିକ ଲାଭଜନକ ପାରିବାରିକ ବ୍ୟବସାୟରେ ପରିଣତ ହୋଇଛି। ଗୋଟିଏ ପରିବାରର ଏକାଧିକ ସଦସ୍ୟ ବାରମ୍ବାର ସାଂସଦ ଓ ବିଧାୟକ ହେଉଛନ୍ତି। ଦେଶର ମତଦାତାଙ୍କୁ ମଦ, ମାଂସ, ନଗଦ ଅର୍ଥ ଓ ମିଛ ସତ ପ୍ରତିଶ୍ରୁତି ଦିଆଯାଇ ଭୋଟ କ୍ରୟ କରାଯାଉଛି।

-ରାଇ ଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବେ ୭୭୫ ବରିଷ୍ଠ ନାଗରିକ

ବ୍ରହ୍ମପୁର,୧୭।୧୧
(ସ୍ମୃତି ରଞ୍ଜନ ମହାଲିକ)

## ତୀର୍ଥଯାତ୍ରା ଟ୍ରେନ୍ ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନକୁ ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରୁଛନ୍ତି।

ବ୍ରହ୍ମପୁର ରେଳ ଷ୍ଟେଶନରୁ ମଧ୍ୟପ୍ରଦେଶର ଓଁକାରେଶ୍ୱର ଓ ଉଜ୍ଜୟିନୀସ୍ଥିତ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ ସୋମବାର ଯାତ୍ରା ଆରମ୍ଭ କରିଛି। ରେଳ ଷ୍ଟେଶନର ୪ନଂ. ପ୍ଲାଟଫର୍ମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଏହି ଟ୍ରେନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଗତ ସେପ୍ଟେମ୍ବର ୧୯ ତାରିଖରେ ବରିଷ୍ଠ ନାଗରିକମାନେ ଅଯୋଧ୍ୟା ଓ ବାରାଣସୀ ଯାତ୍ରା କରିଥିଲେ। ଚଳିତବର୍ଷ ରାଜ୍ୟରେ ୮ ହଜାର ବରିଷ୍ଠ ନାଗରିକ ୧୦ଟି ପର୍ଯ୍ୟାୟରେ ତୀର୍ଥଯାତ୍ରା କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟ ସରକାର, ପର୍ଯ୍ୟଟନ ବିଭାଗ ଓ ଆଇଆରସିଟିସି ସହଯୋଗରେ ରାଜ୍ୟର ବିଭିନ୍ନ ଜିଲାର ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରାର ସୁଯୋଗ ପାଇଛନ୍ତି। ତୀର୍ଥଯାତ୍ରା ସମୟରେ ଜିଲା ପ୍ରଶାସନର ସହଯୋଗକୁ ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ତୀର୍ଥଯାତ୍ରୀମାନେ ଏସକର୍ଟଙ୍କୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ତୀର୍ଥଯାତ୍ରା ଟ୍ରେନରେ ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଜିଲାର ୭୭୫ଜଣ ବରିଷ୍ଠ ନାଗରିକଙ୍କ ସହ ୩୫ ଜଣ ଏସକର୍ଟ ଯାତ୍ରା କରିଛନ୍ତି। ସେମାନେ ଆସନ୍ତା ୨୨ ତାରିଖରେ ବ୍ରହ୍ମପୁର ପ୍ରତ୍ୟାବର୍ତ୍ତନ କରିବେ। ଏହି ଅବସରରେ ୬ ଜଣ ବରିଷ୍ଠ ନାଗରିକ ଯାତ୍ରୀଙ୍କୁ ଯାତ୍ରା କିଟ ପ୍ରଦାନ କରାଯାଇଥିଲା। ୪ ନଂ. ପ୍ଲାଟଫର୍ମରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କେ. ଅନିଲ କୁମାର, କୃଷ୍ଣଚନ୍ଦ୍ର ନାୟକ, ପ୍ରତାପ ଚନ୍ଦ୍ର ନାୟକ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଡ. ରୁଦ୍ର ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥି ହାଁସଦା ଓ ବ୍ରହ୍ମପୁର ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଧାନ କାଟିବାକୁ ଆସିଥିବା ୧୦ ମାଙ୍କଡ଼ିଆ ଆଦିବାସୀ ଶିଶୁଶ୍ରମିକ ଉଦ୍ଧାର

ମହାକାଳପଡ଼ା,୧୭।୧୧
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଅଞ୍ଚଳରେ ଧାନକଟା ଆରମ୍ଭ ହୋଇଛି। ଧାନ କାଟିବା ପାଇଁ ଲୋକ ଅଭାବ ଯୋଗୁ ବାହାର ଜିଲା ଶ୍ରମିକଙ୍କୁ ନିୟୋଜିତ କରୁଛନ୍ତି। ଏହାର ସୁଯୋଗ ନେଇ କେତେଜଣ ଦଲାଲ ବାହାର ଜିଲାର ଶିଶୁ ଶ୍ରମିକଙ୍କୁ ଏହି ଥାନା ଅଞ୍ଚଳକୁ ସୋମବାର ପୂର୍ବାହ୍ନରେ ନେଇ ଆସୁଥିଲେ। ଖବର ପାଇ ମହାକାଳପଡ଼ା ପୋଲିସ ଟିମ୍ ଲୁଣାନଦୀ ବନ୍ଧରୁ ୧୦ଜଣ ଶିଶୁ ଶ୍ରମିକଙ୍କୁ ଏକ ଅଟୋରୁ ଉଦ୍ଧାର କରି ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏମାନେ ବାଲେଶ୍ୱର ଜିଲା ଖଇରା ଥାନା ଓଡ଼ପଦା ଅଞ୍ଚଳର ବୋଲି କହିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଏମାନେ ଆଦିବାସୀ ସମ୍ପ୍ରଦାୟ ସାନ୍ତାଳୀ ମାଙ୍କଡ଼ିଆ ଜନଜାତି ବୋଲି କୁହାଯାଉଛି। ଦାରିଦ୍ର୍ୟ ଯୋଗୁ ମଜୁରି ଲାଗି ଧାନ କଟା, ଚାଷ ବେଉଷଣ ଆଦି କାର୍ଯ୍ୟରେ ୨ ବର୍ଷ ହେବ ଆସୁଛନ୍ତି ବୋଲି ଶିଶୁ ଶ୍ରମିକମାନେ କହିଛନ୍ତି। ଦୈନିକ ଖାଇ ପିଇ ୩୫୦ ଟଙ୍କା ମିଳିଥାଏ ପରିବାରର ଦାରିଦ୍ର୍ୟ ଯୋଗୁ ମା' ବାପାଙ୍କ ସମ୍ମତି ଓ ନିଜ ଇଚ୍ଛାରେ ମୂଲ ଲାଗିବା ପାଇଁ ଆସୁଛନ୍ତି ବୋଲି କହିଛନ୍ତି। ଏମାନଙ୍କ ମଧ୍ୟରେ ୨ ଜଣ ପୁଅ ୧୮ ବର୍ଷର ଥିବା ବେଳେ ଅନ୍ୟ ୮ ଜଣ ନାବାଳିକା। ସମସ୍ତ ଶିଶୁ ଶ୍ରମିକଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି।

# ସପ୍ତାହରେ ୩ଦିନ ଚାଲିବ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍

ଭୁବନେଶ୍ୱର/କେସିଙ୍ଗା,୧୭।୧୧
(ଅନୁରାଧା ମହାରଣା/ ତୁମେଶ୍ୱର ସାହୁ)



ଜନସାଧାରଣଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରେନ୍ ନମ୍ବର ୧୯୦୨୧/୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ଚଳାଚଳ ସଂଖ୍ୟା ବୃଦ୍ଧି କରିବାକୁ ଭାରତୀୟ ରେଳପଥ ନିଷ୍ପତ୍ତି ନେଇଛି। ଏହି ଟ୍ରେନ୍ ପୂର୍ବରୁ ସପ୍ତାହକୁ ଗୋଟିଏ ଦିନ ଚାଲୁଥିବାବେଳେ ବର୍ତ୍ତମାନ ଏହା ୩ ଦିନ ଚଳାଚଳ କରିବ। ୧୯୦୨୧ ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍, ଯାହା ପୂର୍ବରୁ କେବଳ ରବିବାର ଚାଲୁଥିଲା, ତାହା ନଭେମ୍ବର ୧୯ଠାରୁ ସପ୍ତାହରେ ତିନି ଦିନ ଅର୍ଥାତ୍ ରବିବାର, ବୁଧବାର ଏବଂ ଶୁକ୍ରବାର ଚାଲିବ। ସେହିପରି ୧୯୦୨୨ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍, ଯାହା ପୂର୍ବରୁ କେବଳ ସୋମବାର ଚଳାଚଳ କରୁଥିଲା, ତାହା ନଭେମ୍ବର ୨୦ରୁ ସପ୍ତାହରେ ୩ ଦିନ ଅର୍ଥାତ୍ ସୋମବାର, ଗୁରୁବାର ଏବଂ ଶନିବାର ଚଳାଚଳ କରିବ। ବର୍ତ୍ତମାନର ଅମୃତ ଭାରତ ଏକ୍ସପ୍ରେସ୍‌ର ସମୟ, ରହଣି ସ୍ଥାନ କିମ୍ବା କୋଚ ଗଠନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏ ସମ୍ପର୍କରେ ଜାରି କରାଯାଇଥିବା ସମସ୍ତ ପୂର୍ବ ନିର୍ଦ୍ଦେଶ ଅପରିବର୍ତ୍ତିତ ରହିଛି।

# ବାରିପଦା ରେଳଷ୍ଟେଶନର ପୁନର୍ବିକାଶ

ଭୁବନେଶ୍ୱର,୧୭।୧୧
(ଅନୁରାଧା ମହାରଣା)

ଅମୃତ ଭାରତ ଷ୍ଟେଶନ ଯୋଜନା ଅନ୍ତର୍ଗତ ଦକ୍ଷିଣ-ପୂର୍ବ ରେଳପଥର ୭୨ଟି ଷ୍ଟେଶନର ପୁନର୍ବିକାଶ କରାଯାଉଛି। ଯାତ୍ରୀ ସୁବିଧାକୁ ଗୁରୁତ୍ୱ ଦେଇ ଆବଶ୍ୟକ ଅନୁଯାୟୀ ପର୍ଯ୍ୟାୟକ୍ରମେ ବିଭିନ୍ନ ରେଳଷ୍ଟେଶନର ଉନ୍ନତୀକରଣ କରାଯାଉଛି। ଖଡ଼ଗପୁର ରେଳ ଡିଭିଜନ ଅନ୍ତର୍ଗତ ମୟୂରଭଞ୍ଜ ଜିଲାର ବାରିପଦା ରେଳଷ୍ଟେଶନ ମଧ୍ୟ ନୂଆ ରୂପ ନେଉଛି। ବାରିପଦା ରେଳଷ୍ଟେଶନ ସ୍ଥାନୀୟ ଯାତ୍ରୀଙ୍କଠାରୁ ଆରମ୍ଭକରି ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରେଳଷ୍ଟେଶନ ହୋଇଥିବାରୁ ଏହାର ପୁନର୍ବିକାଶକୁ ଅଗ୍ରାଧିକାର ଦିଆଯାଇଛି। ବିଶେଷକରି ଶିମିଳିପାଳ ଅଭୟାରଣ୍ୟ ପରିଦର୍ଶନ କରିବାକୁ ଆସୁଥିବା ବ୍ୟକ୍ତିଙ୍କ ପାଇଁ ଏହି ଷ୍ଟେଶନ ବେଶ୍ ସହାୟକ ହୋଇଥାଏ। ନୂଆ ରେଳଷ୍ଟେଶନ ଯାତାୟାତକୁ ସୁଗମ କରିବା ସହ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେବେ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଏଠାରେ ନୂଆ ଷ୍ଟେଶନ ବିଲ୍ଡିଂ ନିର୍ମାଣ ସହ ନୂଆ ଟିକେଟ ବୁକିଂ କାଉଣ୍ଟର ରହିବ। ଦିବ୍ୟାଙ୍ଗଜନଙ୍କ ସୁବିଧା ସକାଶେ ସ୍ୱତନ୍ତ୍ର ବୁକିଂ କାଉଣ୍ଟର, ଶୌଚାଳୟ, ର୍‍ୟାମ୍ପ, ୱାଟର ବୁଥ୍, ପାର୍କିଂ ଅଞ୍ଚଳର ବ୍ୟବସ୍ଥା କରାଯିବ। ଏଥିସହ ନୂଆ ପ୍ଲାଟ୍‌ଫର୍ମ ଶେଲ୍ଟର, ନୂଆ ପାର୍କିଂ ଅଞ୍ଚଳ, ପ୍ରତୀକ୍ଷାସ୍ଥଳ, ସର୍ବସାଧାରଣ ୱାଟର ବୁଥ୍, ଏଟିଭିଏମ୍, ପ୍ରବେଶ ଓ ପ୍ରସ୍ଥାନ ଗେଟ୍‌କୁ ବିକଶିତ କରାଯିବ। ସ୍ଥାନୀୟ ଅଞ୍ଚଳର କଳା ଓ ସଂସ୍କୃତି ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ। ଟ୍ରେନ୍ ଇଣ୍ଡିକେଟର ବୋର୍ଡ ଏବଂ କୋଚ୍ ଇଣ୍ଡିକେଟର ବୋର୍ଡ ମଧ୍ୟ ରହିବ।

# ଓଡ଼ିଶା ଆଇନଜୀବୀ ପରିଷଦର ନୂତନ ସଦସ୍ୟ କମ୍ବୁପାଣି ପାଢ଼ୀ

କଟକ,୧୭।୧୧(କାର୍ତ୍ତିକ ସାହୁ)



ଓଡ଼ିଶା ଆଇନଜୀବୀ ପରିଷଦର ନୂତନ ସଦସ୍ୟ ଭାବେ ଆଇନଜୀବୀ କମ୍ବୁପାଣି ପାଢ଼ୀ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ନୂତନ ସଦସ୍ୟ ପାଢ଼ୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।

ସୂଚନାନୁସାରେ, ପରିଷଦର ସଦସ୍ୟ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ମୃତ୍ୟୁ ପରେ ଖାଲିଥିବା ପଦ ପୂରଣ ପାଇଁ ଗତ ଅକ୍ଟୋବର ୨୨ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିସହ ଏହି ପଦ ନିମନ୍ତେ ୨ ଜଣ ପ୍ରାର୍ଥୀ ହୋଇଥିଲେ। ପ୍ରାର୍ଥୀଦ୍ୱୟ ହେଲେ ଟିଟିଲାଗଡ଼ର ଆଇନଜୀବୀ କମ୍ବୁପାଣି ପାଢ଼ୀ ଓ କଟକର ଆଇନଜୀବୀ ଆଭାସ ମହାନ୍ତି। ବିଜ୍ଞପ୍ତି ଅନୁସାରେ ଆବଶ୍ୟକୀୟ ପ୍ରକ୍ରିୟା କରାଯାଇ ନଭେମ୍ବର ୧୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ବୁପାଣି ପାଢ଼ୀଙ୍କୁ ପରିଷଦର ୨୪ ଜଣ ସଦସ୍ୟଙ୍କ ମଧ୍ୟରୁ ୧୬ ଜଣଙ୍କ ସମର୍ଥନ ପ୍ରାପ୍ତ ହୋଇଥିଲା। ଫଳରେ ପ୍ରତିଦ୍ୱନ୍ଦ୍ୱୀ ଆଭାସ ମହାନ୍ତିଙ୍କୁ ହରାଇ କମ୍ବୁପାଣି ପାଢ଼ୀ ନୂତନ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରକ୍ ତଳେ ଚାପି ହୋଇ ଡ୍ରାଇଭର ମୃତ

ବିଷମ କଟକ,୧୭।୧୧
(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମ କଟକ ଥାନା ବୁଡୁଣି ନିକଟସ୍ଥ ୩୨୬ ନମ୍ବର ରାଜ୍ୟ ରାଜପଥରେ ସୋମବାର ସକାଳୁ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ବିଶାଖାପାଟଣାରୁ ରାଉରକେଲା ଅଭିମୁଖେ ଯାଉଥିବା ଏକ ଲୁହା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟିପଡ଼ିଥିଲା। ଘଟଣାସ୍ଥଳରେ ଡ୍ରାଇଭର ଗାଡ଼ିତଳେ ଚାପି ରହିଥିବାରୁ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉତ୍ତରପ୍ରଦେଶର ଗୁଲାବ ଚନ୍ଦ୍ର। ଅଗ୍ନିଶମ ବାହିନୀ ଗ୍ୟାସ କଟର ସାହାଯ୍ୟରେ ଲୁହା କେବିନ କାଟି ମୃତଦେହ ଉଦ୍ଧାର କରିଥିଲେ। ସକାଳୁ ସକାଳୁ ଅଧିକ କୁହୁଡ଼ି ଥିବାରୁ ଚାଳକଙ୍କ ଦୃଷ୍ଟିଶକ୍ତି କମିଯାଇ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ୧୬୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ.-୧ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୪୦, ତାରିଖ: ୧୭।୧୧।୨୦୨୫ । କାର୍ଯ୍ୟର ନାମ: ଇଏଲ୍‌ଏସ୍‌ଏସ୍/ଟାଟାନଗର ଷ୍ଟୋର ଡିପୋର ଭିତ୍ତିଭୂମି ଉନ୍ନୟନ ପାଇଁ ଇଞ୍ଜିନିୟରିଂ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୧,୩୮,୯୭,୩୧୨.୯୧ । ଇଏମ୍‌ଡି: ₹୨,୧୯,୫୦୦ । ଖୋଲାଯିବା ତାରିଖ: ତା୧୦।୧୨।୨୦୨୫ରିଖ । କ୍ର.ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୪୧, ତାରିଖ: ୧୭।୧୧।୨୦୨୫ । କାର୍ଯ୍ୟର ନାମ: ଚକ୍ରଧରପୁର ମଣ୍ଡଳ ଅଧୀନରେ ଡିଜିଏସ୍‌ଡି/ଟାଟାନଗର (ଫେଜ୍-II)ଠାରେ ଭିତ୍ତିଭୂମି ଉନ୍ନୟନ । ଟେଣ୍ଡର ମୂଲ୍ୟ: ₹୧,୧୬,୮୬,୯୨୨.୬୩ । ଇଏମ୍‌ଡି: ₹୨,୦୮,୪୦୦ । ଖୋଲାଯିବା ତାରିଖ: ତା୦୫।୧୨।୨୦୨୫ରିଖ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ (କ୍ର.ସଂ. ୧ ଓ ୨ ପାଇଁ) । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-845)

**OFFICE OF THE MUNICIPAL COUNCIL, JATNI**
No.6207 / dtd 15.11.2025
1ST CORRIGENDUM NOTICE

No.C-1496 : Under unavoidable circumstances the availability of tender invited vide e-Procurement Notice No. EO/JMC/085/2025-26 of Jatni Municipality is hereby rescheduled as below.

| Procurement Officer | Bid Identification Number with Tender ID | Availability of Tender on line for Bidding From | To | Date & Time of Opening of Tender |
|---|---|---|---|---|
| 1 | 2 | 3 | 4 | 5 |
| Executive Officer, Jatni Municipality | EO/JMC/085/2025-26 2025_ORULB_119743_1 | 18.10.2025 | 26.11.2025 | 27.11.2025 |

All other terms and conditions are remain unchanged.
OIPR-
Sd./- Executive Officer
Jatni Municipality

**GOVERNMENT OF ODISHA** No.L-107
**OFFICE OF THE EXECUTIVE ENGINEER (AGRIL.) SOIL CONSERVATION NORTHERN ZONE, AT/PO-BURLA, SAMBALPUR-768017**
Notice No. - 375 Email : eenzsc.sambalpur@gmail.com Dt.12.11.2025
NATIONAL COMPETITIVE BIDDING THROUGH e-Procurement
Identification No. 02/DSC&WD / NZ / 2025-26 Dt.12.11.2025

01. Nature of Work : ERM and Construction of Non-Residential Buildings
02. Nos. of work : 13 Nos.
03. Tendered amount in Rs : Rs.8,42,618 to 52,71,036
04. Period of Completion : 120 to 210 days
05. Date & Time of availability of bid document in the portal : From 10.00 Hrs. of 19.11.2025 to 17.30 Hrs. of 25.11.2025
06. Last date/time of receipt of original documents in the tender box at the office of the undersigned : Before 17.30 Hrs. of 29.11.2025
07. Date & Time of opening of bids : 11.00 Hrs. of 02.12.2025 onwards
08. Name and Address of the officer inviting bid : Executive Engineer (Agril.), Soil Conservation, Northern Zone, Sambalpur, At/Po-Burla, Near Planetarium Chowk, Pin-768017

Further details can be seen from the website www.tendersodisha.gov.in
OIPR-
Sd./- Executive Engineer (Agril.)
Soil Conservation, NZ, Sambalpur

**GOVERNMENT OF ODISHA** No.O-1467
**OFFICE OF THE SUPERINTENDING ENGINEER RURAL WORKS DIVISION, SUNABEDA**
e-mail : eerw_sunabeda@yahoo.co.in
e- Procurement Notice for Road works
Identification No. Online Tender / 06/RWD-SBD/2025-26
Letter No. : 4504 / Date : 14.11.2025

01. Name of the work : Road works Semiliguda, Nandapur, Pattangi, Laxmipur, Bandhugaon, Lamtaput block
02. Total Number of works : 16 Nos. works
03. Estimated Cost : 14.00 to 50.00 lakhs
04. Class of Contractor : "B", "C" & "D" Class
05. Period of Completion : 02 months
06. Other Details

| Procurement Officer | Bid Identification No. | Availability of Tender online for bidding From | To |
|---|---|---|---|
| Superintending Engineer, R.W. Division, Sunabeda | Online Tender/06/ RWD-SBD/2025-26 | 17.11.2025 at 11.00 A.M. | 01.12.2025 upto 5.00 P.M. |

Further details can be seen from the website : www.tendersorissa.gov.in
OIPR-
Sd./- Superintending Engineer,
Rural Works Division, Sunabeda

**WORKS DEPARTMENT** No.B-696
**OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION**
e-mail : eerbrairangpur@yahoo.co.in
Government of Odisha "e" Procurement Notice
Bid Identification No. SE 35 OF 2025-26

1. Nature of work : Building Work
2. Number of works : 3 (Three) Nos.
3. Amount put to Tender : Rs.74,72,273.00 to 76,75,490.00
4. Class of Contractor : B Class
5. Date & Time of availability of bid document in the portal : Dt.19.11.2025 at 10.00 AM
6. Last Date / Time of receipt of bid in the portal : Dt.25.11.2025 up to 04.00 PM
7. Date of opening of bid : Dt.26.11.2025 at 11.00 AM
8. Name & address of the Office inviting bid : Superintending Engineer, Rairangpur (R&B) Division
9. The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in". All future corrigendum will be available on ONLINE mode only.

OIPR-
Sd./- 12.11.2025
Superintending Engineer
Rairangpur (R&B) Division

**OFFICE OF THE TREASURY OFFICER, DISTRICT TREASURY, BALASORE FINANCE DEPARTMENT, GOVT. OF ODISHA**
At-Collectorate Campus, Dist.-Balasore, PIN-756001
No.2128/Try Date : 15.11.2025
Tender Call Notice

No.S-15 : Sealed quotations/tenders are invited from interested reputed Travel Agencies/ Tour Operators or private individuals for providing 01 No. of AC Petrol driven Vehicle having sitting capacity not more than 5 (Five) including driver, which shall conform to the Terms and conditions petrol vehicle (Appendix-A) for official use in Treasury Office, Balasore on monthly rent basis. The vehicles will be engaged form the date of signing of Agreement. The types of vehicles required are as detailed below.

| SL No. | Type of Vehicle | No. of Vehicle required | Maximum Hire Charges per Month (Excluding Fuel cost & GST) | Minimum Average Mileage in KMs per Litre |
|---|---|---|---|---|
| 1 | Tiago / Bolt / Celerio | 1 (One) | Rs.24000/- | 17 (Seventeen) |

The application form of Tender containing General Bid information & Terms and conditions for Hiring of Vehicle may be obtained from Treasury Office, Balasore on payment of non-refundable amount Rs.1000/-(Rupees One Thousand Only) in form of Demand Draft in favour of Treasury Office, Balasore drawn on any scheduled commercial Bank & Payable at Balasore on any working day within Dt.01.12.2025 between 10.00 A.M to 5.30 P.M. The tender completed in all respect should reach the undersigned on or before Dt.01.12.2025 by 5.30 P.M by Speed Post/ Registered Post/ Courier only.

The Authority reserves the right to reject any or all bids and terminate the tender process without assigning any reason thereof.
OIPR-
Sd./- Treasury Officer, Balasore

**PM SHRI SCHOOL JAWAHAR NAVODAYA VIDYALAYA, PALJHAR, BOUDH (ODISHA)**
(MINISTRY OF EDUCATION, DEPARTMENT OF SCHOOL EDUCATION & LITERACY, GOVT. OF INDIA)
Dated: 17.11.2025

**WALK-IN-INTERVIEW**

A walk-in interview will be held on 24th November 2025, Time 10.30 A.M. to 01.30 P.M. at PM SHRI School Jawahar Navodaya Vidyalaya, Paljhar, Dist-Boudh (Odisha). Candidates will be called for a personal interview for a position (on a contract basis). This interview is for the following post only.

| Sl. No. | Post | No. of Post | Essential Qualification/Certificate | Remuneration |
|---|---|---|---|---|
| 01 | PGT Physics | 01 | Integrated Post Graduate Course from NCTE recognized institution, in the concerned subject with at least 50% marks in aggregate including B.Ed. component. OR Master Degree from a recognized institution with at least 50% marks in aggregate in the relevant subject. AND B.Ed. Degree from NCTE recognized institution with at least 50% marks OR Three years integrated B. Ed-M. Ed from NCTE recognized institution with at least 50% marks. OR Four years integrated Degree with at least 50% marks from NCTE recognized institution including B.Ed. component. | Rs.35750/- |
| 02 | TGT Music | 01 | Bachelor's Degree in Music/ Performing Arts from a recognized institution with at least 50% marks in concerned subject and also in aggregate, provided that Music subject in all the years of Degree as a main subject. AND Bachelor's Degree in Education from NCTE recognized institution with at least 50% marks. | Rs.34125/- |
| 03 | Care Taker | 01 | Class X passed and working experience in residential school or big office set up. | Minimum wages unskilled category as per Govt. Rule |
| 04 | Lab. Attendant | 01 | 10th Class pass with a certificate/ Diploma in Laboratory Technique OR 12th Class with Science stream from a recognized Board / University. | |

(I) The maximum age limit is 50 Years. (II) The engagement is purely on a temporary basis. No TA/DA is payable for attending the walk-in interview. (III) Original Document with one set of photocopies of documents must bring for document verification viz. Passport Photo, Aadhaar/PAN Card, Education Qualification, Experience Certificate etc.
(II) Further inquiries, kindly contact -Contact No-9621270889

Sd./- Principal
PM Shri School JNV Boudh, Odisha

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**

अति अल्पकालीन ई–निविदा आमंत्रण सूचना
ई– निविदा सूचना संख्या – RDD/SD/CHAIBASA/18/2024-25
(4th Call) (MMGSY)

1. कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम (चाईबासा) जिला के सदर प्रखण्ड अन्तर्गत गाईसुटी पंचायत के ग्राम कांकी से गिंडीमुडी जाने वाली रास्ते में रोरो नदी पर पुल निर्माण। | 43078800.00 | 862000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 21.11.2025
3. ई–निविदा प्राप्ति की तिथि एवं समय–दिनांक 21.11.2025 से दिनांक 01.12.2025 को अपराह्न 5:00 बजे तक
4. ई–निविदा खोलने का स्थान–कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.03.12.2025 अपराह्न 3:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
12. किसी भी समय बिना सूचना के निविदा रद्द एवं किसी भी प्रकार का संशोधन करने का अधिकार अधोहस्ताक्षरी को सुरक्षित रहेगा एवं इस पर किसी प्रकार का दावा एवं आपत्ति मान्य नहीं होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
PR.NO.366172 West Singhbhum(25-26):D ग्रामीण विकास विशेष प्रमंडल, पश्चिमी सिंहभूम, चाईबासा।

**कार्यपालक अभियंता का कार्यालय, लघु सिंचाई प्रमण्डल,चाईबासा**

अल्पकालीन ई०–निविदा आमंत्रण सूचना संख्या–WRD /MID/CHAIBASA/ F2-06/2025-26

1.कार्य का नाम :–

| ग्रुप संख्या | योजना का नाम | जिला | प्रखण्ड | प्राक्कलित राशि (लाख में) | परिमाण विपत्र का मूल्य (रूपये में) | अग्रधन की राशि (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | चिसीमाई नाला पर चेकडैम निर्माण। | पश्चिमी सिंहभूम। | तांतनगर | 80.652 | 10,000.00 | 162000.00 | 11 माह |
| 2. | अंगिया चिमटा नाला पर चेकडैम निर्माण। | पश्चिमी सिंहभूम। | मंझारी | 89.652 | 10,000.00 | 180000.00 | 11 माह |
| 3. | लोर गाड़ा नाला पर चेकडैम निर्माण। | पश्चिमी सिंहभूम। | मंझारी | 45.442 | 5,000.00 | 91000.00 | 11 माह |
| 4. | लमझारी नाला पर चेकडैम निर्माण। | पश्चिमी सिंहभूम। | मंझारी | 57.447 | 10,000.00 | 115000.00 | 11 माह |
| 5. | लुपुंगहातु नाला पर चेकडैम निर्माण। | पश्चिमी सिंहभूम। | मंझारी | 65.445 | 10,000.00 | 131000.00 | 11 माह |
| 6. | गोलेडाकुर नाला पर एकल चेकडैम निर्माण। | पश्चिमी सिंहभूम। | हाटगम्हरिया | 92.174 | 10,000.00 | 185000.00 | 11 माह |
| 7. | बेलमा नाला पर चेकडैम निर्माण। | पश्चिमी सिंहभूम। | मंझगांव | 102.664 | 10,000.00 | 206000.00 | 11 माह |
| 8. | ग्राम डकरासेरेंग के सुरनिया गारा नाला पर चेकडैम निर्माण। | पश्चिमी सिंहभूम। | टोन्टो | 111.964 | 10,000.00 | 224000.00 | 11 माह |
| 9. | गोबरी नाला पर चेकडैम निर्माण। | पश्चिमी सिंहभूम। | चक्रधरपुर | 71.475 | 10,000.00 | 143000.00 | 11 माह |
| 10 | बेहराबिंदा नाला पर श्रृंखलाबद्ध चेकडैम निर्माण। | पश्चिमी सिंहभूम। | सोनुवा | 126.010 | 10,000.00 | 252500.00 | 11 माह |
| 11. | झिलिगगटु नाला पर एकल चेकडैम निर्माण। | पश्चिमी सिंहभूम। | मनोहरपुर | 87.645 | 10,000.00 | 176000.00 | 11 माह |
| 12. | इचाहातु नाला पर एकल चेकडैम निर्माण। | पश्चिमी सिंहभूम। | गोयलकेरा | 82.988 | 10,000.00 | 166000.00 | 11 माह |

नोट :– केवल ई०–निविदा(Online Mode) ही स्वीकार होगा।
2. विस्तृत जानकारी के लिए वेबसाईट WWW.jharkhandtenders.gov.in पर देखें।
3. बेवसाईट पर निविदा प्रकाशन की तिथि एवं समय :– 03.12.2025 के 11:00 बजे पूर्वाह्न से।
4. ई०–निविदा में भाग लेने की अंतिम तिथि एवं समय :–09.12.2025 अपराह्न 03:00 बजे तक।
5. ई०–निविदा खोलने की तिथि एवं समय :– 10.12.2025 को 04:00 बजे अपराह्न ।
6. परिमाण विपत्र का मूल्य एवं अग्रधन की राशि सूचना प्रौद्योगिकी एवं ई–गवर्नेंस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120, दिनांक 03.10.2023 के अनुरूप (Online) प्राप्त की जायेगी।
7. निविदा आमंत्रित करनेवाले पदाधिकारी का नाम, पता , दूरभाष सं० एवं ई०मेल आई डी०– कार्यपालक अभियंता , लघु सिंचाई प्रमण्डल, चाईबासा/9572468424 ई०मेल & eemidchaibasa@gmail.com, eemidchai-cemr-jhr@nic.in
8. निविदा के B.O.Q की राशि घट–बढ़ सकती है तदानुसार B.O.Q के मूल्य एवं अग्रधन की राशि में बदलाव होगा ।
9. प्राक्कलित राशि का 10 प्रतिशत से अधीक के दर से निविदित ¼Quoted rate is more than 10% below the schedule rate½ के परिपेक्ष में पथ निर्माण विभाग झारखण्ड रॉची के पत्रांक 2146(S) दिनांक 09.09.2020 के शर्तावली के अनुसार अतिरिक्त जमानत की राशि एकरारनामा करने के समय जमा करना अनिवार्य होगा ।
10. बिना कारण बताये किसी भी समय निविदा को रद्द करने का अधिकारी अधोहस्ताक्षरी को सुरक्षित रहेगा।
11. निविदा शुल्क एवं अग्रधन की राशि का ई०–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाबदेही सम्वेदक की होगी।

ह०/–कार्यपालक अभियंता
लघु सिंचाई प्रमण्डल, चाईबासा
PR 366214 (West Singhbhum)25-26*D

# ସାଇବର ଅପରାଧ ପ୍ରତିରୋଧ ପାଇଁ ସଚେତନତା ଏକମାତ୍ର ଅସ୍ତ୍ର



ଅନୁଗୋଳ ପୋଲିସ ପକ୍ଷରୁ ଅନୁଷ୍ଠିତ ସାଇବର ସଚେତନତା ଶୋଭାଯାତ୍ରା।

**ଅନୁଗୋଳ,୧୭।୧୧(ଜ୍ୟୋତିରଞ୍ଜନ ସାହୁ)**

ଡିଜିଟାଲ ଯୁଗରେ ବଢୁଥିବା ସାଇବର ଠକେଇ ଓ ଅପରାଧ ପୃଷ୍ଠଭୂମିରେ ସଚେତନତା ବଢ଼ାଇବାକୁ ଅନୁଗୋଳ ଜିଲା ପୋଲିସ ପକ୍ଷରୁ ସାଇବର ସେଫ୍ଟି କ୍ୟାମ୍ପେନ ୨୦୨୫ ଅଧୀନରେ ସୋମବାର ଅନୁଗୋଳ ସହରରେ ୱାକାଥନ୍ ଅନୁଷ୍ଠିତ ହୋଇଯାଇଛି। 'ରୁହ, ଯାଞ୍ଚ କର, ସୁରକ୍ଷିତ ରୁହ' ବାର୍ତ୍ତାକୁ ସମାଜରେ ପ୍ରଚାର କରିବା ପାଇଁ ଯୁବ, ଛାତ୍ରୀଛାତ୍ର ଓ ସାଧାରଣ ନାଗରିକମାନେ ଏହି ୱାକାଥନ୍‌ରେ ସାମିଲ ହୋଇଥିଲେ। ଅନୁଗୋଳ ଏସ୍‌ପି ରାହୁଲ ଜୈନ ଏହାର ନେତୃତ୍ୱ ନେଇଥିଲେ।

ସକାଳ ୮ଟାରେ ଅନୁଗୋଳ ଥାନା ପରିସରରୁ ୫ ଶହରୁ ଅଧିକ ଛାତ୍ରୀଛାତ୍ର ଓ ଯୁବତୀ ଯୁବକ ହାତରେ ସଚେତନତା ବାର୍ତ୍ତା ଥିବା କାର୍ଡ ଧରି ଶୋଭାଯାତ୍ରା ଆରମ୍ଭ କରିଥିଲେ। ବୁଢ଼ୀ ଠାକୁରାଣୀ ଛକ ଦେଇ ବଜାର ରାସ୍ତାରେ ପ୍ରବେଶ କରି ଏହି ଶୋଭାଯାତ୍ରା ଥାନା ପରିସରକୁ ଫେରିଥିଲା। ସାମାଜିକ ସନ୍ଦେଶ ସହ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସାଇବର ସୁରକ୍ଷା, ଡିଜିଟାଲ ଦାୟିତ୍ୱ ଓ ଠକେଇ ପ୍ରତିରୋଧ ବିଷୟରେ ସଚେତନ ବାର୍ତ୍ତା ପ୍ରଦାନ କରାଯାଇଥିଲା। ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ନାଗରିକମାନଙ୍କ ବିଶାଳ ସହଭାଗିତାକୁ ସ୍ୱାଗତ କରାଯିବା ସହ ସାଇବର ଅପରାଧ ପ୍ରତିରୋଧ ପାଇଁ ସଚେତନତା ଓ ସତର୍କତା ଏକମାତ୍ର ଅସ୍ତ୍ର ବୋଲି ଉଲ୍ଲେଖ କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ସାଇବର ସୁରକ୍ଷା ବିଷୟରେ ଏପରି ସଚେତନତା ଅଭିଯାନ ଜାରି ରହିବ। କାର୍ଯ୍ୟକ୍ରମରେ ଆଇପିଏସ୍ ଉପାସନା ପାଢ଼ୀ, ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ଏସ୍‌ଡିପିଓ ରମାକାନ୍ତ ମହାଳିକ, ଅନୁଗୋଳ ଟାଉନ ଥାନା ଅଧିକାରୀ ଧୀରେସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସମସ୍ତେ ଏକଜୁଟ ହେବା ପାଇଁ ଆହ୍ୱାନ

**ପାଲଲହଡ଼ା,୧୭।୧୧ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡସ୍ତରୀୟ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ରବିବାର ପାଳିତ ହୋଇଯାଇଛି। ସଂଘ ସଭାପତି ଖଗେଶ୍ୱର ଦାସଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ପାଲଲହଡ଼ାର ବିକାଶ ପାଇଁ ସମସ୍ତେ ଏକଜୁଟ୍ ହେବା ପାଇଁ ଆହ୍ୱାନ ଦେଇଥିଲେ। ଭବାନୀ ଶଙ୍କର ମହାପାତ୍ର ସ୍ୱତନ୍ତ୍ର ଅତିଥି, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଭୟ ନାଏକ ମଞ୍ଚ ପରିଚାଳନା କରିଥିଲେ। ପାଲଲହଡ଼ା ଅଞ୍ଚଳର ୨ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ କାବେରୀ ଏସ୍‌ଏଚ୍‌ଜି ଏବଂ ଶ୍ରୀଦୁର୍ଗା ଏସ୍‌ଏଚ୍‌ଜି, ଶ୍ରେଷ୍ଠ କୃଷକ ଭାବେ ହୃଷୀକେଶ ପ୍ରଧାନ, ଓଡ଼ିଶା ପ୍ରଶାସନିକ ସେବାରେ ସ୍ଥାନ ପାଇଥିବା ସ୍ମୃତିରଞ୍ଜନ ସାହୁ, ବିଶିଷ୍ଟ ସାମାଜିକ କର୍ମୀ ଭାବେ ଘନଶ୍ୟାମ ନହରା ପ୍ରମୁଖଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଦେବଦତ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧୪ ଅଭିଯୋଗ ଗ୍ରହଣ

**ଅନୁଗୋଳ,୧୭।୧୧(ମାନସ ବିଶ୍ୱାଳ)/ ବନ୍ତଳା (ସୁଶିତ ସାହୁ)/ ଛେଣ୍ଡିପଦା (ଅଜିତ ଧଳ)**

ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୫ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା। ୩ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୫ ହଜାର ଓ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ବ୍ଲକ ଶଙ୍ଖପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ବେହେରା, ଯୋଗାଣ ବିଭାଗ ଅଧିକାରୀ କ୍ରିଷ୍ଣା ଭାରତୀ, ବ୍ଲକ ପଞ୍ଚାୟତ ଅଧିକାରୀ ପ୍ରମୋଦ ବିଶ୍ୱାଳ, ଗ୍ରାମ୍ୟ ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ମନସ୍ୱିନୀ ଦେହୁରୀ, ଆଇସିଡିଏସ୍ ସୁପରଭାଇଜର ସବିତା ପଟ୍ଟନାୟକ, ସରପଞ୍ଚ ଜ୍ୟୋତିର୍ମୟୀ ଦେହୁରୀ ଓ ବ୍ଲକସ୍ତରୀୟ ଅନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୪୦ ଜଣ ଲୋକ ବିଭିନ୍ନ ସମସ୍ୟା ବିଷୟରେ ଅଭିଯୋଗ କରିଥିଲେ। ସରକାରଙ୍କ ନିୟମ ଅନୁସାରେ ଅଭିଯୋଗ ହୋଇଥିବା ସମସ୍ତ ସମସ୍ୟାର ସମାଧାନ ପର୍ଯ୍ୟାୟକ୍ରମେ କରାଯିବ ବୋଲି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବେହେରା ସୂଚନା ଦେଇଛନ୍ତି। ସେହିପରି ଛେଣ୍ଡିପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଗୋଳ ଜିଲା ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅରବିନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଛେଣ୍ଡିପଦା ବ୍ଲକର ୩୪ଟି ପଞ୍ଚାୟତରୁ ୩୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମସ୍ତ ଅଭିଯୋଗପତ୍ରକୁ ଗ୍ରହଣ କରାଯିବା ସହ ଯଥାଶୀଘ୍ର ଅଭିଯୋଗର ଫଇସଲା କରାଯିବା ପାଇଁ ଅତିରିକ୍ତ ଜିଲାପାଳ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜୀବ ଲୋଚନ ପଣ୍ଡା, ଛେଣ୍ଡିପଦା ତହସିଲଦାର ମାନସ ରାୟ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ସମାଜମଙ୍ଗଳ ଅଧିକାରୀ ନିରୁପମା ପାଣି, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ, ଡିଆଇସି ଶୁଭାଶିଷ କାନୁନ୍‌ଗୋ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ସତ୍ୟନାରାୟଣ ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ପାଣିରେ ବୁଡ଼ି ଯୁବକ ମୃତ

**ପବିତ୍ରନଗର,୧୭।୧୧(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ପରାବିଲ ଗ୍ରାମରେ ସୋମବାର ଜଣେ ଯୁବକଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଉଛନ୍ତି ରାଜେଶ ଚୌଧୁରୀ(୩୯)। ଏ ନେଇ ସମଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ନିଆଯାଇଛି। ସୂଚନା ଅନୁଯାୟୀ, ରାଜେଶ ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ସକାଳୁ ନିକଟସ୍ଥ ଜଳଭଣ୍ଡାରରେ ତାଙ୍କ ମୃତଦେହ ଭାସୁଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଶୌଚ ହେବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅନୁମାନ କରୁଛନ୍ତି। ଏ ନେଇ ସମଲ ଥାନାକୁ ଜଣାଇବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଜାତୀୟ ପ୍ରେସ୍ ଦିବସ ପାଳିତ

**ପବିତ୍ରନଗର,୧୭।୧୧(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁସ୍ଥିତ ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ରବିବାର କ୍ଲବ ତରଫରୁ ଜାତୀୟ ପ୍ରେସ୍‌ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି ଭୂପେନ କୁମାର ଗଡ଼ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ କଣିହାଁ କୋଇଲା କ୍ଷେତ୍ର ମେଡିକାଲର ଚିକିତ୍ସା ଅଧିକାରୀ ଡା. ସୁରେଶ ଚନ୍ଦ୍ର ସାହୁ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ବିଶ୍ୱନାଥ ମିଶ୍ର, ଶିକ୍ଷାବିତ୍ ସୁକାନ୍ତ ଚନ୍ଦ୍ର ପ୍ରଧାନ, କଣିହାଁ ମହାବିଦ୍ୟାଳୟର ଅଧ୍ୟାପକ ଧନେଶ୍ୱର ସାହୁ, ଧନେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ଖବରଦାତାମାନେ ନିର୍ଭୀକ ଓ ନିରପେକ୍ଷ ରହିଲେ ରାଜ୍ୟ ତଥା ଦେଶର ବିକାଶ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। କ୍ଲବ ସାଧାରଣ ସମ୍ପାଦକ ରଞ୍ଜନ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସେହିପରି କରଡେଇଠାରେ ଅନ୍ୟ ଏକ ସଙ୍ଗଠନ ଭଏସ୍ ଅଫ କଣିହାଁ ନାମକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଥିଲା।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

**ବଅଁରପାଳ,୧୭।୧୧(ସୁବାସ ସାହୁ)**

ବଅଁରପାଳ ବ୍ଲକ୍ ପିବିକେ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ସୋମବାରଠାରୁ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଯୋଜନାକ୍ରମେ ବିକାଶ ଫାଉଣ୍ଡେଶନ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ମହୋତ୍ସବର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି କିଟୁ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟି, ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୩୫ଟି ପଞ୍ଚାୟତର ସମସ୍ତ ସ୍କୁଲରୁ ୧୩ ବର୍ଷରୁ କମ୍ ଛାତ୍ରୀଛାତ୍ର ବିଭିନ୍ନ ଖେଳକୁଦରେ ନାମ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମ ୨ଦିନ ଧରି ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ଖେଳ ପରିଚାଳନାରେ କ୍ରୀଡ଼ା ଶିକ୍ଷକ ଲକ୍ଷ୍ମଣ ଦାସ, ଅଶୋକ ପଣ୍ଡା, କେଶବ ଗଡ଼ନାୟକ, ଅଶୋକ ନନ୍ଦଙ୍କ ସମେତ ୨୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଅଛନ୍ତି। ଏହି ଖେଳର କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ଖେଳରେ ସାମିଲ ହେବେ। ବିକାଶ ଫାଉଣ୍ଡେଶନ ପକ୍ଷରୁ କାର୍ଯ୍ୟକ୍ରମର ସଂଯୋଜକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଟିପିସିକୁ ହରାଇ ରକଶବାହାଲ ଚାମ୍ପିୟନ


ପ୍ରତିଯୋଗିତାର ଉଦ୍‌ଘାଟନ ଅବସରରେ ଅତିଥିମାନେ।

**ଡେରଙ୍ଗ/ ଅନୁଗୋଳ, ୧୭।୧୧ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଅଧୀନ ଡେରଙ୍ଗ ମଝିସାହି ଫୁଟ୍‌ବଲ ପଡ଼ିଆରେ ମା' ଭଣେଶ୍ୱରୀ ଫୁଟ୍‌ବଲ କ୍ଲବ ଡେରଙ୍ଗର ୭ମ ବାର୍ଷିକ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସନ୍ତୋଷ କୁମାର ବେହେରା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେରଙ୍ଗ ମଝିସାହି ଗାଁ ସଭାପତି ପ୍ରଶ୍ନ କୁମାର ନାୟକ, ଦେହୁରୀସାହି ଗାଁ ସଭାପତି ବାନାବର ସାହୁ, ସତ୍ୟାନନ୍ଦ ନାୟକ, ସମିତି ସଭ୍ୟ ସନ୍ତୋଷ ନାଏକ, ଅନିଲ ବେହେରା, ଲିଙ୍ଗରାଜ ମହାନ୍ତି, ଜିତେନ କୁମାର ସାହୁ, ପ୍ରଶ୍ନ କୁମାର ନାୟକ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମୋଟ ୧୦ଟି ଟିମ୍ ଭାଗ ନେଇଥିବା ବେଳେ ରକଶବାହାଲ ଓ ଏନ୍‌ଟିପିସି ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ରକଶବାହାଲ ବିଜୟ ଲାଭ କରି ଅତିଥିଙ୍କଠାରୁ ପୁରସ୍କାର ହାସଲ କରିଥିଲା। ଡେରଙ୍ଗ ଗ୍ରାମ ସଭାପତି ଓ ସମ୍ପାଦକ ପରିଚାଳନା କରିଥିଲେ।

## ସୁରକ୍ଷା ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ମହିଳା ସଂଘ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳା ସଂଘ ସଦସ୍ୟା।

**ଅନୁଗୋଳ, ୧୭।୧୧(ମାନସ ବିଶ୍ୱାଳ)**

ଅନୁଗୋଳ ସଦର ଥାନା କରଡ଼ାଗାଡ଼ିଆ ଗ୍ରାମ ଚଷାସାହିର ମହିଳାମାନେ ସୁରକ୍ଷିତ ନୁହନ୍ତି ବୋଲି ସାହିର ମହିଳା ସଂଘ ସୋମବାର ଜିଲାପାଳଙ୍କୁ ଅଭିଯୋଗ କରିବା ସହ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି।

ସଂଘ ପକ୍ଷରୁ ମଧୁସ୍ମିତା ସାହୁ, ରିତା ଦେହୁରୀ, ଲିଲିବାଳା ଦେହୁରୀ, ମମତା ସାହୁ, ଭାରତୀ ସ୍ୱାଇଁ, ପଙ୍କଜିନୀ ପ୍ରଧାନ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୧୨ ତାରିଖ ରାତି ୯ଟାରେ କରଡ଼ାଗାଡ଼ିଆ ଗ୍ରାମର ଗୋଟିଏ ପରିବାର ଉପରେ କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ୧୦ ଜଣ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣ ଖବରପାଇ ସଦର ପୋଲିସ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ଏ ନେଇ ସମ୍ପୃକ୍ତ ପରିବାର ପକ୍ଷରୁ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାର ତଦନ୍ତ କରିଥିଲା। ସେହିପରି କେତେଜଣ ଯୁବକ ସାହିର ମହିଳା, ଝିଅଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏଥିପାଇଁ ମହିଳା ଓ ଝିଅମାନେ ଘରୁ ପଦାକୁ ବାହାରିବା ପାଇଁ ଭୟ କରୁଛନ୍ତି। ତେଣୁ ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ ମହିଳା ସଂଘ ଜିଲା କାର୍ଯ୍ୟାଳୟରେ ଚାଲିଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚିଥିଲା। ସେଠାରୁ ଜିଲାପାଳଙ୍କ ପ୍ରକୋଷ୍ଠକୁ ଯାଇ ଲିଖିତ ଅଭିଯୋଗ କରିଥିଲା। ସେହିପରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ମଧ୍ୟ ସୁରକ୍ଷା ପ୍ରଦାନ ପାଇଁ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।


# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଅଧିସୂଚନା**

**No.RDM-LAB-GM-0021-2025-19066/ R&DM,** **Dated: 27 MAY 2025**

No.XII-16: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: **ସୁନ୍ଦରପୁର**, ଥାନା: ପାଟପୁର, ତହସିଲ: ସାନଖେମୁଣ୍ଡି, ଜିଲ୍ଲା: ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫.୦୫୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –** ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ । ୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –** ଅଧୀକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି, ଗଞ୍ଜାମ। ୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) । ୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୩୪୮୮୪ ତାରିଖ ୦୮.୧୦.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି । ୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ । ୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ସୁନ୍ଦରପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୬.୩୯୧ | ଏ ୫.୦୫୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୨.୮୨୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ଜିଲ୍ଲାପାଳ, ଗଞ୍ଜାମଙ୍କ** ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ମଧୁସ୍ମିତା ସାହୁ),**
**ଅତିରିକ୍ତ ଶାସନ ସଚିବ**

## ସୁନ୍ଦରପୁର ଗ୍ରାମର ଜମିର ବିବରଣୀ
### ମୌଜା-ସୁନ୍ଦରପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକର) | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୦୧ | ୧୬୩୪ | ବିଲ ଜଳସେଚିତ ଏକ ଫସଲି | ୦.୧୭୦ | ୦.୧୭୦ | ଦଣ୍ଡିଆ ପ୍ରଧାନ, ପି:ମଙ୍ଗୁଲୁ ପ୍ରଧାନ, ଚୈତନ ପ୍ରଧାନ, ଦୁର୍ଲଭ ପ୍ରଧାନ, ପି:ହାଡୁ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ପି:ଲକ୍ଷ୍ମଣ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ= ୦.୦୪୦, ଗୋଚର ପ୍ରତି ବଦଳ=୦.୧୩୦ |
| ୨ | ୧୦୯ | ୧୬୪୬ | ବିଲ ଜଳସେଚିତ ଏକ ଫସଲି | ୦.୦୪୫ | ୦.୦୦୫ | ନଟିଆ ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୬୪୭ | | ୦.୦୩୦ | ୦.୦୦୫ | | |
| | | ୧୬୯୭ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୪୦, ଗୋଚର ପ୍ରତି ବଦଳ=୦.୦୪୦ |
| | | ୧୬୯୮ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୭୦, ଗୋଚର ପ୍ରତି ବଦଳ=୦.୦୨୦ |
| ୩ | ୧୧ | ୧୬୩୩ | ବିଲ ଅଣ ଜଳସେଚିତ ଦୁଇ | ୦.୧୫୦ | ୦.୧୫୦ | ଆନନ୍ଦ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ବାଉରାଣୀ ପ୍ରଧାନ, ସ୍ୱା:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୦, ଗୋଚର ପ୍ରତି ବଦଳ=୦.୦୫୦ |
| ୪ | ୧୪୯ | ୧୭୬୫ | ବିଲ ଜଳସେଚିତ ଏକ ଫସଲି | ୦.୧୬୦ | ୦.୧୬୦ | ଭାସ୍କର ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ନିଜଗାଁ | କେନାଲ ସକାସେ=୦.୦୩୦, ଗୋଚର ପ୍ରତି ବଦଳ=୦.୧୩୦ |
| ୫ | ୧୭୯ | ୧୬୩୧ | ବିଲ ଜଳସେଚିତ ଏକ ଫସଲି | ୦.୨୦୮ | ୦.୨୦୮ | ରାଜେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଜ୍ୟୋତ୍ସ୍ନା ପ୍ରଧାନ, ପି:କହ୍ନେଇ ପ୍ରଧାନ, ଝୁମ୍ପା ପ୍ରଧାନ, ସ୍ୱା:କହ୍ନେଇ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୮, ଗୋଚର ପ୍ରତି ବଦଳ=୦.୧୦୦ |
| | | ୧୭୦୧ | | ୦.୩୦୫ | ୦.୩୦୫ | | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୨୮୦ |
| ୬ | ୧୯୩ | ୧୬୭୦ | ବିଲ ଜଳସେଚିତ ଏକ ଫସଲି | ୦.୪୬୦ | ୦.୪୬୦ | ଶାନ୍ତି ପ୍ରଧାନ, ପି:ଖଲି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୨୯୦, ଗୋଚର ପ୍ରତି ବଦଳ=୦.୧୭୦ |
| ୭ | ୧୯୪ | ୧୭୬୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୦ | ୦.୦୧୦ | ଶାନ୍ତି ପ୍ରଧାନ, ସ୍ୱା:ଦାମ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୮ | ୨୦୬/୫୨ | ୧୬୩୦ | ବିଲ ଅଣ ଜଳସେଚିତ ଦୁଇ | ୦.୨୭୦ | ୦.୨୭୦ | କୃଷ୍ଣଚନ୍ଦ୍ର ପ୍ରଧାନ, ପି: ନଟବର ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | ଗୋଚର ପ୍ରତି ବଦଳ= ୦.୧୭୦ |
| | | ୧୬୩୨ | ବିଲ ଜଳସେଚିତ ଏକ ଫସଲି | ୦.୧୯୦ | ୦.୧୯୦ | | କେନାଲ ସକାସେ=୦.୧୬୦, ଗୋଚର ପ୍ରତି ବଦଳ=୦.୦୮୦ |
| ୯ | ୨୮ | ୧୬୭୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୫ | ୦.୩୨୫ | ଉଲା ପାତ୍ର, ପି:ବେଣିଆ ପାତ୍ର, ଜା:କୁରୁମ, ବା: ନିଜଗାଁ | କେନାଲ ସକାସେ=୦.୨୦୦, ଗୋଚର ପ୍ରତି ବଦଳ=୦.୧୨୫ |
| | | ୪୭୭ | | ୦.୨୭୫ | ୦.୦୪୦ | | |
| | | ୪୯୦ | | ୦.୧୯୦ | ୦.୦୧୦ | | |
| ୧୦ | ୩୪ | ୧୬୯୪ | ବିଲ ଜଳସେଚିତ ଏକ ଫସଲି | ୦.୧୧୦ | ୦.୧୧୦ | କପିଳ ପ୍ରଧାନ, ପି:ସାହେବ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୧୧ | ୪୭ | ୧୬୬୯ | ବିଲ ଜଳସେଚିତ ଏକ ଫସଲି | ୦.୧୫୮ | ୦.୧୫୮ | କେଦାର ନାଥ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୭୬୬ | | ୧.୧୬୫ | ୧.୧୬୫ | | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୯୭୫ |
| | | ୧୭୬୮ | | ୦.୩୪୦ | ୦.୩୪୦ | | କେନାଲ ସକାସେ=୦.୧୭୦, ଗୋଚର ପ୍ରତି ବଦଳ=୦.୧୭୦ |
| | | ୫୦୩ | | ୦.୨୬୫ | ୦.୦୪୦ | | |
| ୧୨ | ୬୨ | ୧୭୦୦ | ବିଲ ଜଳସେଚିତ ଏକ ଫସଲି | ୦.୪୩୦ | ୦.୪୩୦ | ଖଲି ପଧାନ, ପି:ବାଲାଜି ପଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୨୫୦ |
| ୧୩ | ୮୯ | ୧୬୬୮ | ବିଲ ଜଳସେଚିତ ଏକ ଫସଲି | ୦.୧୨୦ | ୦.୦୭୦ | ତ୍ରିନାଥ ନାୟକ, ତବତିଆ ନାୟକ, ଲକ୍ଷ୍ମୀ ନାୟକ, ପି:ଉଜଳ ନାୟକ, ଜା:କୁରୁମ, ବା:ନିଜଗାଁ | |
| | | ୪୯୧ | | ୦.୨୯୦ | ୦.୦୪୦ | | |
| ୧୪ | ୯୭ | ୧୭୬୪ | ବିଲ ଜଳସେଚିତ ଏକ ଫସଲି | ୦.୧୩୫ | ୦.୧୩୫ | ଦଣ୍ଡପାଣି ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୧୧୫ |
| ୧୫ | ୩୧ | ୧୬୯୯ | ବିଲ ଜଳସେଚିତ ଏକ ଫସଲି | ୦.୦୭୦ | ୦.୦୭୦ | ଉଲା ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୫୦, ଗୋଚର ପ୍ରତି ବଦଳ=୦.୦୨୦ |
| ୧୬ | ୫ | ୧୬୪୫ | ବିଲ ଜଳସେଚିତ ଏକ ଫସଲି | ୦.୦୩୦ | ୦.୦୧୦ | ଅନି ପ୍ରଧାନ, ସ୍ୱା:କପିଳ ପ୍ରଧାନ, ଜା:କୁରୁମ, ବା:ନିଜଗାଁ | |
| ମୋଟ = ୫.୦୫୬ ଏକର | | | | | | | |

OIPR- **Sd./- Spl.L.A.Cum-R&R.O(M.I.P.), Mahendragada, (Gajapati)**

# ପ୍ରାଚୀନ ଅଷ୍ଟଶମ୍ଭୁ, ଅନନ୍ତଶୟନ ପୀଠରେ ଐତିହ୍ୟ ପଦଯାତ୍ରୀ

**ଢେଙ୍କାନାଳ,୧୭।୧୧(ରତନ ନାୟାର)**


ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ଐତିହ୍ୟ ପଦଯାତ୍ରୀ ଦଳ।

- ଓଡ଼ିଶାର ମନ୍ଦିର ସ୍ଥାପତ୍ୟର ଅଷ୍ଟଶମ୍ଭୁ ପୀଠ ଏକ ବିସ୍ମୟ
- ମୁକ୍ତାକାଶ ତଳେ ଖୋଦିତ ଦୀର୍ଘତମ ପ୍ରତିମା ଅନନ୍ତଶୟନ

ଢେଙ୍କାନାଳ ପରଜଙ୍ଗ ବ୍ଲକ କୁଆଲୋଠାରେ ଥିବା ପ୍ରସିଦ୍ଧ ପ୍ରାଚୀନ ଶୈବପୀଠ ଅଷ୍ଟଶମ୍ଭୁ ମନ୍ଦିର ଏବଂ ସରାଙ୍ଗର ଅନନ୍ତ ଶୟନଠାରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩୧ତମ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୭୦ଜଣ ଐତିହ୍ୟ ପ୍ରେମୀ, ଗବେଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ପଦଯାତ୍ରୀମାନେ ପ୍ରଥମେ କୁଆଲୋ ଗ୍ରାମରେ ଥିବା ପ୍ରାଚୀନ ଶୈବପୀଠରେ ପହଞ୍ଚିଥିଲେ। ଅଷ୍ଟଶମ୍ଭୁ ମନ୍ଦିର ୮ମ ଶତାବ୍ଦୀରେ ନିର୍ମିତ ହୋଇଥିଲା ବୋଲି ଅନୁମାନ କରାଯାଏ। ପ୍ରାଚୀନ କାଳରେ ବହୁ ମଣ୍ଡଳ ରାଜ୍ୟ ଥିଲା। ସେଥିମଧ୍ୟରୁ କୋଦାଳକ ମଣ୍ଡଳ ବା ଆଜିର କୁଆଲୋ ଅନ୍ୟତମ। ଏଠାକାର ଶାସକ ଶୁଳ୍କୀ ବଂଶୀୟ, ଯେଉଁମାନେ ଶୈବ ଥିଲେ। କୁଆଲୋର ଅଷ୍ଟଶମ୍ଭୁ ମନ୍ଦିର ସେମାନଙ୍କ ଅକ୍ଷୟ କୀର୍ତ୍ତି। ଏହି ମନ୍ଦିର ପଞ୍ଚାୟତନ ମନ୍ଦିର ଶୈଳୀର। ଗୋଟିଏ ବୃହତ ମନ୍ଦିରକୁ କେନ୍ଦ୍ରକରି ଅନ୍ୟ ୭ଟି ଶିବ ମନ୍ଦିର ନିର୍ମାଣ କରିବା ପଞ୍ଚାୟତନ ମନ୍ଦିରର ଶୈଳୀ। ବଡ଼ ମନ୍ଦିରର ଚାରି କୋଣରେ ଚାରୋଟି, ଏହିପରି ୫ଟି ମନ୍ଦିର ରହିଛି ଓ ଏହି ପରିସରରେ ଅନ୍ୟ ୩ଟି ମନ୍ଦିର ଏହିପରି ସମୁଦାୟ ୮ଟି ଶିବ ମନ୍ଦିରକୁ ନେଇ ଅଷ୍ଟଶମ୍ଭୁ ମନ୍ଦିରର ପରିକଳ୍ପନା। ତେବେ କୁଆଲୋର ଅଷ୍ଟଶମ୍ଭୁ କ୍ଷେତ୍ରରେ ଥିବା ବଡ଼ ମନ୍ଦିରଟି ସୁଦୃଶ୍ୟ ମନ୍ଦିର ହୋଇଥିଲେ ବି ଏହି ପରିସରରେ ଥିବା କନକେଶ୍ୱର ମହାଦେବ ହେଉଛନ୍ତି କ୍ଷେତ୍ରାଧିପତି। ମନ୍ଦିରଟି ଏକ ଛୋଟିଆ ମନ୍ଦିର, ଯାହା ଉତ୍ତର ପୂର୍ବ କୋଣରେ ଅବସ୍ଥିତ। ଏଠାରେ କନକେଶ୍ୱର, ସ୍ୱପ୍ନେଶ୍ୱର, ଈଶାନେଶ୍ୱର, କପିଳେଶ୍ୱର, ବୈଦ୍ୟନାଥେଶ୍ୱର, ବାଣେଶ୍ୱର ଓ ଲୋକନାଥେଶ୍ୱର ଆଦି ଆଠଟି ମନ୍ଦିର ରହିଛି। ପଥରକୁ ପଥର ଉପରେ ଥୁଆହୋଇ ମନ୍ଦିରଗୁଡ଼ିକ ନିର୍ମିତ। ଓଡ଼ିଶାର ମନ୍ଦିର ସ୍ଥାପତ୍ୟର ଏହା ଏକ ବିସ୍ମୟ। ଏକଦା ଏଠାରେ ଥିବା ମନ୍ଦିରଗୁଡ଼ିକ ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ଥିଲା। ସମୟାନୁକ୍ରମେ ମନ୍ଦିରଗୁଡ଼ିକ ଭାଙ୍ଗିଯାଇ ପରିତ୍ୟକ୍ତ ହୋଇପଡ଼ିଲା। ସମ୍ପ୍ରତି ଏହି ପୀଠଟି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ଓ ଏହାର ଉନ୍ନତୀକରଣ କାର୍ଯ୍ୟ କିଛି ମାତ୍ରାରେ ଚାଲିଛି। ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ଅଷ୍ଟଶମ୍ଭୁ ମନ୍ଦିରରେ ଦୈନିକ ସେବା ପୂଜା କରାଯାଉଛି। ଏହାପରେ ପଦଯାତ୍ରୀମାନେ ସରଙ୍ଗାସ୍ଥିତ ବ୍ରାହ୍ମଣୀ ନଦୀ ଶଯ୍ୟାରେ ଅବସ୍ଥିତ ଅନନ୍ତଶୟନ ପୀଠରେ ପହଞ୍ଚିଥିଲେ। ବ୍ରାହ୍ମଣୀ ନଦୀଶଯ୍ୟାରେ ଖୋଦିତ ପ୍ରାୟ ୫୨ଫୁଟ୍ ଲମ୍ବର ଚତୁର୍ଭୁଜ ବିଷ୍ଣୁଙ୍କର ଅନନ୍ତଶାୟୀ ମୂର୍ତ୍ତି। ମୁକ୍ତ ଆକାଶ ତଳେ ବ୍ରାହ୍ମଣୀ ଜଳଧାରା ସଂଲଗ୍ନ ବିସ୍ତୀର୍ଣ୍ଣ ଏକ ପ୍ରସ୍ତର ଚଟାଣ ଉପରେ ଏହି କମନୀୟ ଅନନ୍ତଶାୟୀ ବିଷ୍ଣୁ ପ୍ରତିମା ଖୋଦିତ ହୋଇଛି। ଗବେଷକମାନଙ୍କ ମତରେ ସରାଙ୍ଗର ଏହି ଅନନ୍ତଶୟନ ମୂର୍ତ୍ତି ସମଗ୍ର ଦେଶର ମୁକ୍ତାକାଶ ତଳେ ଖୋଦିତ ଦୀର୍ଘତମ ପ୍ରତିମା। ମୂର୍ତ୍ତିକୁ ଲାଗି ପ୍ରବାହିତ ବ୍ରାହ୍ମଣୀର ଜଳଧାରାକୁ ଏଠାରେ ପୁରାଣ ବର୍ଣ୍ଣିତ କ୍ଷୀର ସମୁଦ୍ର ସହିତ କଳ୍ପନା କରାଯାଇଛି। ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିବା ବିଷ୍ଣୁଙ୍କ ନାଭିରୁ ଉଦ୍‌ଗତ ପଦ୍ମ ଉପରେ ବ୍ରହ୍ମା ଉପବେଶନ କରିଥିବାର ଦେଖିବାକୁ ମିଳେ। ବିଷ୍ଣୁ ମସ୍ତକରେ ଧାରଣ କରିଥିବା ମୁକୁଟରେ କୀର୍ତ୍ତିମୁଖ ଖୋଦିତ ହୋଇଛି, ଯାହାକି ସ୍ୱୟଂ ଏକ ସ୍ୱତନ୍ତ୍ରତା। ଐତିହାସିକମାନେ ଏହାର ସମୟ ଆନୁମାନିକ ୯ମ/୧୦ମ ଶତାବ୍ଦୀର ବୋଲି ନିର୍ଣ୍ଣୟ କରିଥାନ୍ତି। ଏହି ମଣ୍ଡଳ ରାଜ୍ୟର ରାଜାମାନେ ବିଷ୍ଣୁ ଉପାସକ ଥିଲେ। ସମ୍ଭବତଃ ସେମାନଙ୍କ ସମୟରେ ଏଠାରେ ଏପରି ଏକ ବିଷ୍ଣୁ ପ୍ରତିମା ଖୋଦିତ ହୋଇଥାଇପାରେ। ଦୀର୍ଘବର୍ଷ ଧରି ଖୋଲା ଆକାଶ ତଳେ ପଡ଼ି ରହିଥିବା ଅନନ୍ତଶୟନ ମୂର୍ତ୍ତି ଏବେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦାୟିତ୍ୱରେ ରହିଛି। ଠିକ ରକ୍ଷଣାବେକ୍ଷଣ ଅଭାବରୁ ସମ୍ପ୍ରତି ଏହି ଗୌରବମୟ ଅନନ୍ତଶୟନ ମୂର୍ତ୍ତିଟି ଅବକ୍ଷୟର ଦ୍ୱାରଦେଶରେ। ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଜିଲା ସାମ୍ବାଦିକ ସଂଘର ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ଗବେଷକ ଡ. ଦୁର୍ଗା ଚରଣ ବିଶ୍ୱାଳ, ଡ. ମଳୟ ରଞ୍ଜନ ପତି, ଢେଙ୍କାନାଳ କଲେଜ ଇତିହାସ ବିଭାଗ ପ୍ରାଧ୍ୟାପକ ଡ. ଅଦ୍ୱୈତ କୁମାର ସାହୁ, ପରଜଙ୍ଗ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ସମୀର ମୁକୁଟ ଓ କମଳ କିଶୋର ଭୋଇ, ଅଧ୍ୟାପକ ଅଞ୍ଜନ କୁମାର ମହାରଣା ତଥା ପୁରୀ, କଟକ, ଭୁବନେଶ୍ୱରରୁ ଅନେକ ଐତିହ୍ୟପ୍ରେମୀ ବନ୍ଧୁ, ପରଜଙ୍ଗ କଲେଜର ଇତିହାସ ବିଭାଗର ୧୦ଜଣ, ଢେଙ୍କାନାଳ କଲେଜର ଇତିହାସ ବିଭାଗର ୩୫ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଷ୍ଟଶମ୍ଭୁ ମନ୍ଦିର ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସତ୍ୟାନନ୍ଦ ବିଶ୍ୱାଳ, ପରଜଙ୍ଗ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସନାତନ ସାମଲ ଓ ସତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

# ନିମ୍ନମାନର କାମକୁ ନେଇ ଅସନ୍ତୋଷ


ବୈଠକରେ ଉପସ୍ଥିତ ଅଞ୍ଚଳବାସୀ ଆଲୋଚନା କରୁଛନ୍ତି।

**ବଇଣ୍ଡା, ୧୭।୧୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ନିମ୍ନମାନର କାମ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବଇଣ୍ଡା ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ରବିବାର ଏକ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ବଇଣ୍ଡାଠାରେ ଅନୁଷ୍ଠିତ ବୈଠକରେ ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଭାଜପା ନେତା ରାଜେନ୍ଦ୍ର ସାହୁ, ଦୀପକ ବେହେରା, ରାଜା ପ୍ରଧାନ, ଗୁଟୁ ସାହୁ, ବସନ୍ତ ବାରିକ, ମାନସ ସାହୁ, ଚକ୍ରଧର ବେହେରା, ଲୁଲୁ ସାହୁ ଯୋଗ ଦେଇଥିଲେ। ସେମାନେ କହିଥିଲେ, ବଇଣ୍ଡା ଅଞ୍ଚଳରେ ହେଉଥିବା ରାସ୍ତା କାମ ଅତି ନିମ୍ନମାନର କରାଯାଉଛି। ରାସ୍ତା କାମ ୨ ମାସ ନ ପୂରୁଣୁ ଫାଟିଯାଉଛି। ନିର୍ମାଣ କାର୍ଯ୍ୟ ବେଳେ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଫଳରେ ଠିକାସଂସ୍ଥା ମନଇଚ୍ଛା କାମ କରୁଛି। ପିଚୁ କାମ ଅତି ନିମ୍ନମାନର କରାଯାଇଥିବା ବେଳେ ଡ୍ରେନ୍‌ଗୁଡ଼ିକ ଭାଙ୍ଗି ଗଲାଣି। ଏଥିସହ ବଇଣ୍ଡା ଛକରେ ଏକ ପରିସ୍ରାଗାର ନ ଥିବା ଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ସମସ୍ୟା ସମ୍ପର୍କରେ ବଇଣ୍ଡା ଅଞ୍ଚଳର ଏକ ପ୍ରତିନିଧି ଦଳ ଜିଲାପ୍ରଶାସନକୁ ଭେଟିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ସମାଜ ମଙ୍ଗଳ କାର୍ଯ୍ୟରେ ନିୟୋଜିତ ହୁଅ

**ବଟବିହାରୀ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ**

**ଢେଙ୍କାନାଳ,୧୭।୧୧(ରତନ ନାୟାର)**


ବଟବିହାରୀ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନ ଦିବସରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ ଜିଲା ସଦର ବ୍ଲକ ତରଭା ଗ୍ରାମ ପଞ୍ଚାୟତର ବଟବିହାରୀ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନ ୩ଟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା କହିଲେ, ଛାତ୍ରୀଛାତ୍ରମାନେ ତାଙ୍କ ବିଦ୍ୟାକୁ ପୋଥିଗତ ନ କରି ସମାଜ ମଙ୍ଗଳ କାର୍ଯ୍ୟରେ ନିୟୋଜିତ କରନ୍ତୁ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଶାନ୍ତନୁ କୁମାର ସର ଛାତ୍ରୀଛାତ୍ରମାନଙ୍କୁ ଜୀବନର ବହୁମୂଲ୍ୟ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଅଗ୍ନିଶମ ସେବା ବିଭାଗର ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଶେଖର ଷଡ଼ଙ୍ଗୀ ଯୋଗଦେଇ ମୋବାଇଲରୁ ଦୂରରେ ରହିବା ସହ ଆତ୍ମସଂଯମୀ ହୁଅନ୍ତୁ ବୋଲି ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଷ୍ଟାର ଅଧ୍ୟକ୍ଷା ଶ୍ରୀରାମ ରାଉତ, ସମ୍ପାଦକ ଶଶିକାନ୍ତ ଦାସ ଓ ଜିଲା ସଂଘ ଚାଳକ ଅଶୋକ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ପ୍ରବଚକ ବିରେନ୍ଦ୍ର କୁମାର ପଣ୍ଡା ସମାଜରେ ଅସ୍ପୃଶ୍ୟତା ଦୂରହେଉ ବୋଲି ଆହ୍ୱାନ ଦେଇଥିଲେ। ଚାଉଳିଆ ବିଦ୍ୟାଳୟର ପୁରାତନ ପ୍ରଧାନଶିକ୍ଷକ ବୈକୁଣ୍ଠ ବିହାରୀ ସ୍ୱାଇଁ ଓ ବଟବିହାରୀ ବିଦ୍ୟାଳୟ ପରିଚାଳନା ସମିତିର ଉପଦେଷ୍ଟା ସରୋଜକାନ୍ତ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ସଭାପତି ଦ୍ୱିଜବର ସ୍ୱାଇଁ, ଉପସଭାପତି ଶ୍ରୀନିବାସ ଖୁଣ୍ଟିଆ, ସମ୍ପାଦକ ଶିବଦତ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ତୋରାଚାନ୍ଦ ବିଶ୍ୱାଳ, ସୁବ୍ରତ ବିଶ୍ୱାଳ, ସଂଗ୍ରାମ କିଶୋର ବିଶ୍ୱାଳ, ଦେବୀ ପ୍ରସାଦ ନାୟକ, ଦେବେନ୍ଦ୍ର ନାୟକ, ବେଟୁନ ସ୍ୱାଇଁ, ସୁରେଖା ନାୟକ, ମମତା ସ୍ୱାଇଁ, ଧରିତ୍ରୀ ବିଶ୍ୱାଳ, ଜଗନ୍ନାଥ ବେହେରା, ହେମନ୍ତ ସ୍ୱାଇଁ, ସଂଗ୍ରାମ ବିଶ୍ୱାଳ, ଅମ୍ବୁଜ ବିଶ୍ୱାଳ, ପରେଶ ବିଶ୍ୱାଳ, ସମୀର ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ବିଶେଶ୍ୱର ବିଶ୍ୱାଳ ଓ ସର୍ବେଶ୍ୱର ବ୍ରହ୍ମ ପ୍ରମୁଖ ସହଯୋଗ କରିଥିଲେ।

# ନବାଳକକୁ ଉଦ୍ଧାର କରିବାକୁ ଯାଇ ଛାତ୍ର ନିଖୋଜ

**ଭୁବନ, ୧୭।୧୧ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଏନଏସି ୧୨ ନମ୍ବର ୱାର୍ଡର ଦିଲୀପ ପୋଥାଳଙ୍କ ପୁଅ ନରହରି (୧୮) ସୋମବାର ଅପରାହ୍ନରେ ବ୍ରାହ୍ମଣୀ ନଦୀରେ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ନରହରି ସାଙ୍ଗମାନଙ୍କ ସହିତ ଭୁବନ ହିଙ୍ଗୁଳା ମନ୍ଦିର ନିକଟସ୍ଥ ବ୍ରାହ୍ମଣୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅନ୍ୟ ଜଣେ ନାବାଳକ ନଦୀରେ ବୁଡ଼ି ଯାଇଥିଲା। ନରହରି ତାଙ୍କୁ ଉଦ୍ଧାର କରିଥିଲେ। ପରେ ସେ ଏକ ଭୁଷା ବାଲିରେ ପଡ଼ିଯାଇଥିଲେ। ଥରେ ପାଣିରେ ବୁଡ଼ିଯିବା ପରେ ଆଉ ଉପରକୁ ଦେଖାଯାଇ ନ ଥିଲେ। ସାଙ୍ଗରେ ଥିବା ପିଲାମାନେ ତାଙ୍କୁ ନ ପାଇ ଘରକୁ ଜଣାଇଥିଲେ। ଅଞ୍ଚଳବାସୀ ନଦୀରେ ଖୋଜାଖୋଜି କରିବା ସହିତ ଭୁବନ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜିଥିଲେ ମଧ୍ୟ ପାଇ ନଥିଲେ। ନରହରି ଭୁବନ ବାଜି ରାଉତ କଲେଜର +୩ ୨ୟ ବର୍ଷର କଳା ଛାତ୍ର ଅଟନ୍ତି।

# ଓଡ଼ାପଡ଼ାରେ ଜିଲାପାଳଙ୍କ ଜନଶୁଣାଣି ଶିବିର

**ଓଡ଼ାପଡ଼ା, ୧୭।୧୧(ରଞ୍ଜିତ ନାୟକ):**

ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନ ଶୁଣାଣିଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ହିନ୍ଦୋଳ ପୋଲିସ ଉପଖଣ୍ଡ ଅଧିକାରୀ ସତ୍ୟ କୁମାର ନନ୍ଦ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀ, ତହସିଲଦାର ମନୋଜ କୁମାର ମାଝୀଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୬୫ଟି ଅଭିଯୋଗ ଆସିଥିଲା। ଦୁଇ ଜଣଙ୍କୁ ୧୫ ହଜାର ଟଙ୍କା ସହାୟତା ରାଶି ମଞ୍ଜୁର କରାଯାଇଥିବା ଜଣାପଡିଛି। ଶିବିରରେ ବଣିଆପଡ଼ା ଗ୍ରାମବାସୀ ଗ୍ରାମ ରାସ୍ତାରେ ବାଲି ବୋଝେଇ ଭାରୀଯାନ ଚଳାଚଳ ବନ୍ଦ କରିବା ପାଇଁ ଦାବି କରିଥିଲେ। ତାଳଡଙ୍ଗା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଗ୍ରାମରେ ସ୍ଥାପିତ ହେଇଥିବା ଚାଉଳ ମିଲ୍ ପାଇଁ ୧୧ କେଭି ବିଦ୍ୟୁତ ତାର ଗ୍ରାମ ଭିତରେ ଟଣାଯିବାକୁ ବିରୋଧ କରି ତାହା ବନ୍ଦ କରିବା ପାଇଁ ଦାବି ଜଣାଇଛନ୍ତି।

# ଭୟମୁକ୍ତ, ନିଷ୍ପକ୍ଷ ସାମ୍ବାଦିକତା ପାଇଁ ଆହ୍ୱାନ

**ଅନୁଗୋଳ,୧୭।୧୧(ଦିବ୍ୟଶାନ୍ତନୁ ନାଥ)**



ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା ସାମ୍ବାଦିକ ୟୁନିଅନ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ଭୟମୁକ୍ତ ଓ ନିଷ୍ପକ୍ଷ ସାମ୍ବାଦିକତା ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଥିଲେ। ସେମାନଙ୍କ ସୁରକ୍ଷା, ପେନସନ ଏବଂ ଆକ୍ରିଡେଶନ ସମସ୍ୟା ନେଇ ସଂସଦରେ ପ୍ରଶ୍ନ ଉତ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଗୋପାଳ ନାଥ ଯୋଗଦେଇ ବୃତ୍ତିଗତ ସାମ୍ବାଦିକତା କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ସମୃଦ୍ଧ ଅନୁଗୋଳ ଗଠନ ଦିଗରେ ଖବରଦାତାମାନେ ଯେଭଳି ସହଯୋଗର ହାତ ବଢ଼ାଉଛନ୍ତି ତାହା ପ୍ରଶଂସନୀୟ ବୋଲି କହିଥିଲେ। ସମ୍ବଲପୁର ଏମ୍‌ପିଙ୍କ ଅନୁଗୋଳ ପ୍ରତିନିଧି ସୁଦୀପ ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସଭାପତି ଅଜିତ କୁମାର ଧର ମଞ୍ଚାସୀନ ଥିଲେ। ବରିଷ୍ଠ ଖବରଦାତା ଦିଲୀପ ସାହୁ ଓ ବିରଜା ପ୍ରସନ୍ନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱରଞ୍ଜନ ପଟ୍ଟନାୟକ ମଞ୍ଚ ପରିଚାଳନା, ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ସମ୍ପାଦକ ସ୍ୱାଧୀନ ସାମଲ ଓ ରାଜେଶ ସାହ୍ୱେରିଆ ସହାୟତା କରିଥିଲେ।

## ଗ୍ୟାସ୍ ଏଜେନ୍ସି ମାଲିକ ଗିରଫ

**ବଇଣ୍ଡା, ୧୭।୧୧ (ପରିକ୍ଷିତ ସାହୁ)**

କିଶୋରନଗର ଥାନା ବାମୁର ନିକଟସ୍ଥ କୁଟାସିଙ୍ଗା ଗ୍ରାମରୁ ଚୋରା ଗ୍ୟାସ୍ ବୋଝେଇ ଭ୍ୟାନ୍ ଜବତ ଘଟଣାରେ ସମ୍ପୃକ୍ତ ଥିବା ଗ୍ୟାସ୍ ଏଜେନ୍ସିର ମାଲିକ ରସୁଣପାଳ ଗ୍ରାମର ମହେନ୍ଦ୍ର ପ୍ରଧାନଙ୍କୁ ସୋମବାର ପୋଲିସ ଗିରଫ କରିଛି। ଏ ନେଇ ନମ୍ବର ୩୨୮/୨୫ ମାମଲାରେ ମହେନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, କିଶୋରନଗରରେ ଥିବା ମହେନ୍ଦ୍ରଙ୍କ ଗ୍ୟାସ୍ ଏଜେନ୍ସିରେ ଚୋରା ଗ୍ୟାସ କାରବାର ହେଉଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ଶନିବାର ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ କୁଟାସିଙ୍ଗା ଅଞ୍ଚଳରେ ଚଢ଼ାଉ କରି ମହେନ୍ଦ୍ର ଗ୍ୟାସ୍ ଏଜେନ୍ସିକୁ ନିଆଯାଉଥିବା ବେଳେ ୬୪ଟି ଟାଙ୍କି ଓ ଭ୍ୟାନ୍‌କୁ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା।

# ପ୍ରେସ୍ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା

**ଖମାର,୧୭।୧୧ (ରଜନୀକାନ୍ତ ମହାରଣା)**

ଆଞ୍ଚଳିକ ସାମ୍ବାଦିକ ସଂଘ ଖମାରର ଦଶମ ବାର୍ଷିକ ଉତ୍ସବ ଓ ଜାତୀୟ ପ୍ରେସ୍ ଦିବସ ଖମାର ପୁରୁଣା ଡାକ୍ତରଖାନା ପଡ଼ିଆରେ ସୋମବାର ପାଳିତ ହୋଇଯାଇଛି। ସଂଘ ସଭାପତି ଯୁଗଳ କିଶୋର ଜିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ରବି ଦାସ, ମୁଖ୍ୟବକ୍ତା ଭାବେ ଭବାନୀ ଶଙ୍କର ମହାପାତ୍ର, ସ୍ୱତନ୍ତ୍ର ଅତିଥିଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ କୁମାର ମିଶ୍ର, ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଖମାର ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା, ସଂଘ ସମ୍ପାଦକ ରଜନୀକାନ୍ତ ମହାରଣା ମଞ୍ଚାସୀନ ଥିଲେ। ଜାତୀୟ ପ୍ରେସ୍‌ଦିବସ ଓ ତାର ମହତ୍ତ୍ୱ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ସରକାର ଖବରଦାତାଙ୍କ ପାଇଁ ସ୍ୱାସ୍ଥ୍ୟବୀମା କାର୍ଡ କରି ଏକ ପାଦ ଆଗକୁ ଯାଇଥିବା ବେଳେ ପେନସନ ପ୍ରଦାନ କରିବା ପାଇଁ ସରକାରଙ୍କ ଦୃଷ୍ଟି କରିବାକୁ ସ୍ୱତନ୍ତ୍ର ଅତିଥି ବିଧାୟକ ମହାନ୍ତିଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା ଲକ୍ଷ୍ମୀଧର ବିଶ୍ୱାଳ କରିଥିବା ବେଳେ କୋଷାଧ୍ୟକ୍ଷ ରମାକାନ୍ତ ତ୍ରିପାଠୀ, ଭୀଷ୍ମ କୁମାର ଗଡ଼ନାୟକ, ଗୋପବନ୍ଧୁ ସାହୁ, ଗଙ୍ଗାଧର ସାହୁ, ପୀତାମ୍ବର ନାଏକ, ଜଳଧର ବେହେରା, ରଞ୍ଜନ କୁମାର ସାହୁ, ମୁକେଶ କୁମାର ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ପଦ୍ମଲୋଚନ ସାମଲ, ଭାରତ ନାୟକ, ଦୀପକ କୁମାର ସାହୁ, ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

# ସାଂସଦ ଖେଳ ମହୋତ୍ସବରେ ୮୪୦ ପ୍ରତିଯୋଗୀ

**ଛେଣ୍ଡିପଦା,୧୭।୧୧(ଅଜିତ ଧଳ)**


ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନ ଅବସରରେ ଅତିଥିମାନେ।

ଛେଣ୍ଡିପଦା ମିନିଷ୍ଟାଡିୟମରେ ୨ ଦିନ ଧରି ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଗସ୍ତି ବେହେରା ଯୋଗଦେଇଥିଲେ। ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉକ୍ତ ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପଞ୍ଜୀକରଣ ଆରମ୍ଭ ହୋଇଛି। କନିଷ୍ଠ ବିଭାଗରେ ୧୬ବର୍ଷରୁ କମ୍ ଏବଂ ବରିଷ୍ଠ ବିଭାଗରେ ୧୬ରୁ ୨୫ବର୍ଷ ପର୍ଯ୍ୟନ୍ତ ପ୍ରତିଯୋଗୀ ନାମ ପଞ୍ଜୀକରଣ କରିଥିଲେ। ବିଧାୟକ ଅଗସ୍ତି ବେହେରା ପିଲାଙ୍କ କ୍ରୀଡ଼ା ବିକାଶ ପାଇଁ ଆଥ୍‌ଲେଟିକ ଆସୋସିଏଶନ ସମସ୍ତ ସହାୟତା ଯୋଗାଇଦେବ ବୋଲି କହିଥିଲେ। ଏହି ମହୋତ୍ସବରେ ୫୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ୮୪୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏମ୍‌ପିଙ୍କ ଅନୁଗୋଳ ଜିଲା ପ୍ରତିନିଧି ସୁଦୀପ ଗଡ଼ନାୟକ, ବ୍ଲକ ପ୍ରତିନିଧି ବିଜୟ ମାଝୀ, ଚୌଧୁରୀ ପ୍ରଧାନ, ଅକ୍ଷୟପାଦ ବେହେରା, ଗୋପବନ୍ଧୁ ଗଡ଼ନାୟକ, ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE PANCHAYAT SAMITI, KUSUMI,**
Dist.-Mayurbhanj
Panchayati Raj & DW Department
Govt. of Odisha
**Short Tender Call Notice**

Tender Notice No.1/2025 Dt.15.11.2025

**No.i-381** : The Block Development Officer, Kusumi on behalf of Government of Odisha invites sealed tender on percentage rate basis from registered contractor of Odisha PWD/WR/RWD/NH/MI/CPWD for the following work in conformity with the detail tender call notice.

| Sl. No. | Name of Work | Estimated Amount Put to Tender | Class of Contractor |
|---|---|---|---|
| 1 | Development of Model Hato at Hatbadra G.P | 6355962 | B |

**Time Line**
Availability of tender document at **http://mayurbhanj.odisha.gov.in** from on dt.18.11.2025 to 05.12.2025
Last date of submission of tender document : Dt.09.12.2025 upto 05.00 P.M.
Date of Opening of Tender Paper : Dt.11.12.2025
Interested Contractors/bidders are requested to follow up the schedule given above.

OIPR- Sd./- BDO, Kusumi



No.C-1492

**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Tender Call Notice No. 14876 (PW) Date : 15.11.2025**
**Tender ID : 2025_ORULB_121312**
**Bid Value : Rs.3.29 Lakhs to Rs.13.28 Lakhs**
Date and Time schedule :

| Start | End | Opening |
|---|---|---|
| 11.00 A.M. on dt.18.11.2025 | 5.00 P.M. on dt.27.11.2025 | 11.00 A.M. on dt.01.12.2025 |

Tender Details : Can be seen from the procurement portal : **www.tendersorissa.gov.in**

Sd./- Executive Engineer
City Division-II,
OIPR- CMC



**DISTRICT PROJECT OFFICE, SAMAGRA SHIKSHA, BALANGIR**
AT - COLLEGE CHOWK, PO-DIST : BALANGIR, 767001
Email ID : dpcbolangirssa.opepa@nic.in
No. XXIII / KGBV / 01 / 2025 / 3469/Dt: 15.11.2025

**NOTIFICATION FOR PUBLICATION OF PROVISIONAL MERIT LIST AND FINAL REJECT LIST OF THE APPLICANTS APPLIED FOR DIFFERENT VACANT POSTS UNDER KGBV HOSTELS (TYPE-III) - 2025**

**No.n-195** : In continuance to this Office Advertisement No. 1880 dated 25.06.2025 & Notification No.2539 dated 06.09.2025, it is hereby informed to all Applicants concerned, who had applied for different vacancies under KGBV Hostels (Type-III) of Balangir District, that **the Provisional Merit List and Final Reject List of the Applicants** are available in OSEPA and Balangir District websites i.e. www.osepa.odisha.gov.in and www.balangir.odisha.gov.in. All applicants are hereby requested to go through the list accordingly. The detail schedule of the **Written Test, Viva-voce Test and Original Certificates / Documents Verification**, as the case may be, for selection of the posts advertised, is enclosed herewith at **ANNEXURE-1** and all candidates, found place in the Provisional Merit List, are requested to go through the date schedule carefully and attend the same as per schedule, without fail. If any candidate, found place in the Prov. Merit List, failed to attend the Written Test, Viva-voce Test and Original Certificates / Documents verification, as the case may be, as per date schedule fixed for the purpose, her candidature shall not be taken into consideration, whatsoever the reason may be.

By Order of the
Collector-cum-Chairman,
Samagra Shiksha, Balangir
Sd./- District Education Officer & DPC,
OIPR- Samagra Shiksha, Balangir



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)
No. e-tender : // 4131 // RWC // BAM // Dated.07.11.2025

**OFFICE ORDER**
**Bid Identification No. Online Tender/37-2025-26/BPR**

**No.O-1494** : Due to unavoidable circumstances, the tender invited vide this office Bid Identification No. Online Tender/37-2025-26/BPR is hereby cancelled.

Sd./- Chief Construction Engineer,
OIPR- R.W. Circle, Berhampur



**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**
**TENDER CALL NOTICE**
**Notice No. : LXVI-27/2022 16911 Date : 15.11.2025**

**No.JJ-66** : Bidders are invited for submission of bids for Selection of Agency for Providing Manpower for the office of Transport Commissioner and Sub-Ordinate Offices by the office of Transport Commissioner for online submission latest by **08.12.2025**.

For details, please visit the websites www.odishatransport.gov.in and www.gem.gov.in.

By the orders of
Transport Commissioner, Odisha
Sd./- Additional CommissionerTransport (Admin.)
OIPR- STA, Odisha, Cuttack



**GOVERNMENT OF ODISHA** No.A-899
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, BARGARH IRRIGATION DIVISION, BARGARH**
e-mail : eecanalbgh11@gmail.com
**e-Procurement Notice No. BID-05/2025-26 dt.13.11.2025**

1. Name of the work : Improvement of canal
2. Total No. of works : 1 No.
3. Estimated cost : Rs.36.78 Lakh (approx)
4. Class of contractor : "C" and "B" class
5. Period of completion : 60 days excluding canal opening period
6. EMD required : Rs.36,800.00
7. Online for bidding : 19.11.2025 at 10.00 A.M. to 28.11.2025 up to 05.00 P.M.
8. Last date & time of seeking of tander clarification : Dt.25.11.2025 upto 01:00 P.M.
9. Date & time of opening of tender : Dt.29.11.2025 at 11.00 A.M.

Other details can be seen from the website **https://tendersodisha.gov.in**

Sd./- Superintending Engineer
OIPR- Bargarh Irrigation Division, Bargarh



**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail : pwdoff_khd@yahoo.com
**Tender Call Notice**
**Bid Identification No. S.E.-KHD-(R&B)-27/25-26**
**Letter No. 6375 dtd. 10.11.2025**

**No.B-685** : The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage rate bids in Single Cover System from appropriate Class of contractors as detailed below** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **Civil**. The bidder not registered under the State Government has to register under the State PWD & ELBO in appropriate class of eligiblity before signing of the agreement.

1. Nature of Work : **Civil Work**
2. No. of Work : 2 Nos.
3. Tender Cost : Rs.6000.00 (Online)
4. Class of Contractor : Sl. No.01-C & B Class Contractor; Sl. No.02-'D' & C Class Contractor
5. Available of Bid documents in the Website : From Dt.18.11.2025 at 12.00 Noon to Dt.27.11.2025 at 5.00 P.M.
6. Date of opening of Bids : Dt.28.11.2025 at 11.00 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

Sd./- Superintending Engineer
OIPR- Khordha (R&B) Division, Khordha

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ଢେଙ୍କାନାଳ ବନ୍ଦ ପାଳନ ଉପଲକ୍ଷେ ଜିଲା ଓକିଲ ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।



ବନ୍ଦ ପାଳନ ସମୟରେ ଢେଙ୍କାନାଳ ସହର ଶୂନ୍‌ଶାନ୍ । (ଫଟୋ-ମାନସ ତ୍ରିପାଠୀ)



ଷ୍ଟେଶନରେ ରେଳରୋକୋ କରାଯାଇଛି।



ବନ୍ଦ ପାଳନ ସମୟରେ ସହରର ପ୍ରମୁଖ ରାସ୍ତାରେ ଯୁବକମାନଙ୍କ କ୍ରିକେଟ ଖେଳ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୋଲିସ ମୁତୟନ।

# ଢେଙ୍କାନାଳ ବନ୍ଦ ଶାନ୍ତିପୂର୍ଣ୍ଣ, ସଫଳ

**ଟିପିସିଓଡିଏଲ୍‌ର ମନମୁଖି କାର୍ଯ୍ୟ ଓ ଶୋଷଣର ତୀବ୍ର ପ୍ରତିବାଦ**

- ରେଳରୋକୋ, ଜାତୀୟ ରାଜପଥ ଅବରୋଧ
- ସରକାରୀ କାର୍ଯ୍ୟାଳୟ, ଅଦାଲତ କାର୍ଯ୍ୟ ଓ ବ୍ୟାଙ୍କ ସେବା ବନ୍ଦ

ଢେଙ୍କାନାଳ,୧୭।୧୧(ରତନ ନାୟାର)



ଟିପିସିଓଡିଏଲ୍‌ର ମନମୁଖି କାର୍ଯ୍ୟ ଓ ଶୋଷଣର ତୀବ୍ର ପ୍ରତିବାଦ କରାଯାଇ ସୋମବାର ଜିଲା ଓକିଲ ସଂଘ ଆବାହାକତ୍ୱରେ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଢେଙ୍କାନାଳ ବନ୍ଦ ପାଳିତ ହୋଇଥିଲା। ବନ୍ଦ ସମୟରେ ରେଳରୋକୋ, ୫୫ନଂ ଜାତୀୟ ରାଜପଥ ସମେତ ବିଭିନ୍ନ ରାସ୍ତା ଅବରୋଧ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ଅଦାଲତ କାର୍ଯ୍ୟ ଓ ବ୍ୟାଙ୍କ ସେବା ବନ୍ଦ ଯୋଗୁ ସାଧାରଣ ଜୀବନ ଯାପନ ଠପ୍ ହୋଇଥିଲା । ୧୨ଘଣ୍ଟିଆ ବନ୍ଦ ଡାକରାରେ ଜିଲା ଓକିଲ ସଂଘ, ଜିଲା ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଏବଂ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବନ୍ଦ ପାଳନକୁ ସମର୍ଥନ ଦିଆଯାଇଥିବା ଦେଖାଯାଇଥିଲା । ଏହି ଉପଲକ୍ଷେ ସକାଳ ସାଢେ ୬ଟାରୁ ଜିଲା ଓକିଲ ସଂଘର ନେତୃତ୍ୱରେ ଢେଙ୍କାନାଳ ରେଳ ଷ୍ଟେଶନଠାରେ ରେଳରୋକୋ କରାଯାଇଥିଲା । ଏହାପରେ ୫୫ନଂ ଜାତୀୟ ରାଜପଥର କୋରିଆଁ ବାଇପାସ, ତାରେଣୀ ଛକ, କଣ୍ଟାନାଳୀ ବାଇପାସ, ମହିଷାପାଟ ବାଇପାସ, କାଠଗଡ଼ା ବାଇପାସ୍ ନିକଟରେ ରାଜପଥ ଅବରୋଧ କରାଯିବାରୁ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା । ସେହିପରି ସହର ମଧ୍ୟରେ ବାଜିଚୌକଠାରୁ ଆରମ୍ଭ କରି ବିଭିନ୍ନ ଗଳିକନ୍ଦି ରାସ୍ତା ଅବରୋଧ ହୋଇଥିଲା । ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ତଥା ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା । ଅଦାଲତ କାର୍ଯ୍ୟ ମଧ୍ୟ ବନ୍ଦ ରହିଥିଲା । ବନ୍ଦପାଳନକାରୀମାନେ ଦୁର୍ଗାବଜାର କୋର୍ଟ ଛକଠାରୁ ପୂର୍ବାହ୍ନ ସାଢେ ୧୦ଟାରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବାଜିଚୌକ ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣି ପ୍ରମୁଖ ବଜାର ଦେଇ ଫେରିଥିଲେ। ଏହି ଶୋଭାଯାତ୍ରାରେ ଟିପିସିଓଡିଏଲ୍ ବିରୋଧରେ ସ୍ଲୋଗାନବାଜି କରାଯାଇଥିଲା। ବନ୍ଦ ପାଳନକାରୀମାନେ ବିଭିନ୍ନ ବ୍ୟାଙ୍କ, ଜିଲାପାଳଙ୍କ କାର୍ଯ୍ୟାଳୟ, ଜିଲା ବନଖଣ୍ଡ କାର୍ଯ୍ୟାଳୟ, ତହସିଲ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଏସ୍‌ପିଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ସମଗ୍ର ସହର ଖାଁଖାଁ ହୋଇଯାଇଥିଲା । ଜିଲା ଓକିଲ ସଂଘ ପକ୍ଷରୁ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବିଶତପଥୀଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଓ ସଂଘର ସଦସ୍ୟ ଏବଂ ଅନ୍ୟ ଆଇନଜୀବୀ, ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ଗଙ୍ଗାଧର ରାଉତ, ଲକ୍ଷ୍ମୀକାନ୍ତ ସାହୁ, ଜିଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ ଓ ପୂର୍ବତନ ସଭାପତି ସୁନିଲ ଦାଶ, ଏଏପି ପକ୍ଷରୁ ଭରତ ଦାସ ଓ ପଙ୍କଜ ନାୟକ, ବିଜେଡି ପକ୍ଷରୁ ପୂର୍ବତନ ଏମ୍‌ପି ମହେଶ ସାହୁ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡଙ୍ଗୀ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ସୁକାନ୍ତ ମିଶ୍ର, ତିଳୋତ୍ତମା ଚୌଧୁରୀ, ଶୁଭଲକ୍ଷ୍ମୀ ସାହୁ, ବ୍ରହ୍ମାନନ୍ଦ ରାଉତ, ରଞ୍ଜନ ନାୟକ, ସାଗିର ମହମ୍ମଦ, ଅଜୟ ଭଞ୍ଜ, ପୂର୍ବତନ ଡ୍ରିଟ୍ ଅଧ୍ୟକ୍ଷ ଦେବୀପ୍ରସାଦ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ପ୍ରକାଶ ମିଶ୍ରଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା। ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଥିବା ବେଳେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ଜିଲା ଓକିଲ ସଂଘ ସଭାପତି ତଥା ବିଦ୍ୟୁତ କ୍ରିୟାନୁଷ୍ଠାନ କମିଟିର ଆବାହକ ଗୋପାଳଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

## ଗଁଦିଆରେ ବନ୍ଦ ସଫଳ




ଗଁଦିଆ,୧୭।୧୧(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବାର ଆସୋସିଏସନ ପକ୍ଷରୁ ସ୍ମାର୍ଟମିଟରକୁ ବିରୋଧ କରି ସୋମବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ସହ ଭୁବନ-ଢେଙ୍କାନାଳ ରାସ୍ତାକୁ ଅବରୋଧ କରାଯାଇଥିଲା। ଫଳରେ ବହୁ ସଂଖ୍ୟକ ଗାଡି ଅଟକି ରହିଥିଲା । ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ବନ୍ଦ କରିବା ପାଇଁ ଓକିଲ ସଂଘ ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଅନୁରୋଧ କରିଥିଲେ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗାଡ଼ି, ଆମ୍ବୁଲାନ୍ସ ଓ ରୋଗୀଙ୍କୁ ଛଡ଼ା ଯାଇଥିଲା। ଦଳମତ ନିର୍ବିଶେଷରେ ସାଧାରଣରେ ବନ୍ଦକୁ ସମର୍ଥନ ଜଣାଯାଇଥିଲା। ଆଇନଶୃଙ୍ଖଳା ପାଇଁ ସବୁ ଜାଗାରେ ପୋଲିସ ମୁତୟନ କରାଯାଇଥିଲା ବୋଲି ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଅସୁସ୍ଥ ହାତୀ ଛୁଆର ଚିକିତ୍ସା ଜାରି

ଢେଙ୍କାନାଳ,୧୭।୧୧(ରତନ ନାୟାର)



ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡ଼ଙ୍ଗୀ ରେଞ୍ଜ ଛୋଟତେନ୍ତୁଳି ଗ୍ରାମ ନିକଟରେ ସୋମବାର ଏକ ଅସୁସ୍ଥ ଅଣ୍ଡିରା ହାତୀଛୁଆର ଚିକିତ୍ସା କରାଯାଇଛି। ହାତୀ ପଲରେ ଥିବା ଦୁଇ ହାତୀ ମଧ୍ୟରେ ସଂଘର୍ଷ କିମ୍ବା ସୋଲାର କରେଣ୍ଟ ସଂସ୍ପର୍ଶରେ ଆସି ହାତୀଛୁଆଟି ଅସୁସ୍ଥ ହୋଇଥିବା ସନ୍ଦେହ କରାଯାଉଛି । ଏହି ହାତୀଛୁଆଟିର ବୟସ ୧୦ବର୍ଷରୁ କମ୍ ହେବ ଏବଂ ହାତୀଛୁଆଟି କଟକ ଜିଲା ଖୁଣ୍ଟୁଣୀ ରେଞ୍ଜ ପଟରୁ ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜ ଅଞ୍ଚଳକୁ ପଳାଇ ଆସିଥିବା ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ସୂଚନା ଦେଇଛନ୍ତି। ବନବିଭାଗ ପକ୍ଷରୁ ହାତୀଛୁଆଟିର ଚିକିତ୍ସା ଜାରି ରହିବା ସହ ତଦନ୍ତ ମଧ୍ୟ କରାଯାଉଛି। ସେହିପରି ଅନୁଗୋଳ ଜିଲା ପୁରୁଣାଗଡ଼ ସେକ୍ସନ କୁଲାସିଙ୍ଗା ଫରେଷ୍ଟ ବିଟ୍ ଅଞ୍ଚଳରୁ କାଦୁଅରେ ଫସି ଅସୁସ୍ଥ ୧୫ଦିନର ହାତୀଛୁଆକୁ କପିଳାସ ପ୍ରାଣୀ ଉଦ୍ୟାନ କେନ୍ଦ୍ରକୁ ଆଣି ବିଶେଷଜ୍ଞ ଓ ଚିକିତ୍ସକମାନଙ୍କ ଦ୍ୱାରା ଏହାକୁ ଚିକିତ୍ସା କରାଯାଉଛି। ଚିକିତ୍ସା ପରେ ଉକ୍ତ ହାତୀଛୁଆକୁ ବନ୍ତଲା ପଠାଇ ଦିଆଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି ।

## କପିଳାସ ରାସ୍ତାରେ ଅଜଗର ଛୁଆ

ଢେଙ୍କାନାଳ, ୧୭।୧୧(ରତନ ନାୟାର)



ଢେଙ୍କାନାଳ କପିଳାସ ରାସ୍ତାରେ ରବିବାର ସନ୍ଧ୍ୟାରେ ଏକ ଅଜଗର ସାପଛୁଆ ରାସ୍ତା ପାର ହେଉଥିବା ଦେଖିବାକୁ ମିଳିଥିଲା । କପିଳାସ ଅଭୟାରଣ୍ୟରୁ ଏହି ସାପଛୁଆଟି ରାସ୍ତା ପାର ହେଉଥିବା ବେଳେ ରାସ୍ତାରେ ଯାନବାହନଗୁଡ଼ିକ ଅଟକି ରହିଥିଲା। କପିଳାସ ଅଭୟାରଣ୍ୟ ପରିସରରେ ଅଧିକ ଅଜଗର ଓ ଅହିରାଜ ସାପ ଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।


# Classified Everyday

0674-2580101, 9692975378



REAL ESTATE

SALE

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରେ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ- **9438362273.** D-12

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। -7008634668 ଧ-୦୮

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10




The massage felt totally professional! & comfortable at all times- 7978109255. D-211

Full body massage by odia therapist in homely atmosphere. 907861337. D-2596

## AFFIDAVIT

I, Goutam Charan Sahoo, S/o.- Late Udayanath Sahoo, Resident of Plot No.- 356, N- 4 IRC Village, Nayapali, P.S.- Nayapali, Bhubaneswar, Dist.- Khordha, PIN- 751015, Odisha declare by this affidavit No.- 2299, Dtd.- 12.11.2025 that now onwards I shall be known as GAUTAM SAHOO for all future purposes. D2591

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Bhubaneswar, dated- 13.11.2025, I, Anima Panigrahy, W/o.- Chittaranjan Panigrahy, Vill./P.O.- Bipulingi, Dist.- Ganjam, Odisha- 761026, declare that I have changed my name from Anima Kumari Behera to Anima Panigrahy. Henceforth, I shall be known as Anima Panigrahy for all purposes.
Anima Panigrahy D-2592

By virtue of an affidavit sworn before Executive Magistrate, Kutra, Dated- 17.11.25, I, Sushmita Lakra, Address Vill.- Alanda, P.O.- Alanda, P.S.- Rajgangpur,Dist.- Sundargarh, Odisha,PIN- 770017 declare that I have changed my name from Sushmita Majhi to Sushmita Lakra. Henceforth,I shall be known as Sushmita Lakra for all purposes.
Sushmita Lakra D-2595

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before The Executive Magistrate, Bhubaneswar, Dated- 17.11.2025, I, Keshab Digal, At- Sadanmendi, Gumagarh, Dist.- Kandhamal, Odisha- 762029, declare that I have changed my Daughter's name from Angel Digal to K. Anshika Digal. Henceforth, She shall be known as K. Anshika Digal for all purposes.
Keshab Digal D-2593

By virtue of an affidavit sworn before Executive Magistrate, Erasama, dated- 10.09.2025, I, Rabi Chandra Samal (New name), Address At-Kiada, P.O.- Ambik, P.S.- Erasama, Dist.- Jagatsinghpur, PIN- 754139, declare that I have changed my name from RABINDRA SAMAL (Old name) to Rabi Chandra Samal (New name). Henceforth, I shall be known as Rabi Chandra Samal (New name) for all purposes.
Rabi Chandra Samal D-2594

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Notary Public, Borigumma, dated- 13.11.2025, I, RINKI RANI PARIDA (New Name) Address: At- Pallai Sahi, Kathamunda, P.O.- Shyamsundarpur, P.S.- Tihidi, Dist.- Bhadrak, Odisha- 756119 declare that have changed my name from RINKIRANI PALLAI (Old Name) to RINKI RANI PARIDA (New Name). Henceforth, I shall be known as RINKI RANI PARIDA (New Name) for all purposes. D-2567

## ମନେ ପଡନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ



ସ୍ୱ ଡ. ଗୋବିନ୍ଦ ଚନ୍ଦ୍ର ନାୟକ
ସ୍ଥାନ- ଭୁବନେଶ୍ୱର
ଆବିର୍ଭାବ- ୦୧.୦୭.୧୯୪୪
ତିରୋଧାନ- ୩୦.୧୧.୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟର ପ୍ରାର୍ଥନା। ତାଙ୍କର ଆଦର୍ଶ, କର୍ତ୍ତବ୍ୟବୋଧ, ସ୍ନେହ, ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ।

-:ଶୋକସନ୍ତପ୍ତ;-

ପତ୍ନୀ- ନମିତା, ଝିଅ- ଜ୍ୱାଇଁ, ନାତି ଓ ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ଜାରି ରଖନ୍ତୁ ସଫଳତା

**ସଫଳତା ହାସଲ କରିବା ଏତେଟା ସହଜ ନୁହେଁ। ଏଥିପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିଥାଏ। ତା'ସହ ସକାରାତ୍ମକ ମାନସିକତା ସହ ଆଗେଇବାକୁ ପଡ଼େ। ଏହି ବାଟରେ ଆସୁଥିବା ବାଧାବିଘ୍ନକୁ ସାହସର ସହ ମୁକାବିଲା କରିପାରିଲେ ଲକ୍ଷ୍ୟ ହାସଲ ଅନେକାଂଶରେ ସହଜ ହୋଇଥାଏ। ତେବେ ସଫଳତା ମିଳିବା ପରେ ତାହାକୁ ଜାରି ରଖିବାକୁ ପଡ଼ିଥାଏ। ଏହି ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକୁ ଧ୍ୟାନ ଦେଇପାରନ୍ତି...**



ସଫଳତା ଏମିତିରେ କାହାକୁ ସହଜରେ ମିଳିଯାଏନାହିଁ। ଏହାକୁ ପାଇବାକୁ ହେଲେ କେତେ ସଂଘର୍ଷ କରିବା ସହ ଏହାର ଯାତ୍ରା କଠିନମୟ ହୋଇଥାଏ। ଏହାଠୁ କେତେ କଠିନ ହୋଇଥାଏ ହାସଲ କରିଥିବା ସଫଳତାକୁ ବଜାୟ ରଖିବା। ପରିଶ୍ରମକରି ସଫଳତା ପାଇବା ଏଇଠି ସ୍ଥିର ରହିବା ପ୍ରଫେସନାଲ ଫ୍ରଣ୍ଟରେ ନିଜକୁ ନିରନ୍ତର ଭାବେ ସଜାଡ଼ି ରଖିବା। ଅସଲରେ ସଫଳତା ପାଇବା ପରେ ଏହାକୁ ସମ୍ଭାଳି ରଖିବା ଦୁଇଟି ଯାକ ବହୁ କଠିନ କାମ। ବେଳେବେଳେ ନିଜର ଅହଂକାର ଏବଂ ଅସହଯୋଗୀ ବ୍ୟବହାର କାରଣରୁ ଏହି ସଫଳତାକୁ ହରାଇବାକୁ ବେଶି ସମୟ ଲାଗି ନ ଥାଏ। ବହୁଚର୍ଚ୍ଚିତ ଏବଂ ସଫଳ ଲୋକ ଅଧିକ ସଂଘର୍ଷ ପରେ ପାଇଥିବା ସଫଳତା ଛୋଟ ଛୋଟ ଭୁଲ୍ ପାଇଁ ହରାଇ ବସନ୍ତି। ଏଥିରୁ ତାଙ୍କୁ ଅନେକ ଶିକ୍ଷା ମିଳିଥାଏ ଆଉ ନିଜର ଦୋଷତ୍ରୁଟି ପାଇଁ ସେମାନେ ସଚେତନ ରହିବା ବଡ଼ କଥା। ସଫଳତାର ଶିଖରରେ ପହଞ୍ଚିବା ପରେ ସଜାଗ ରହିବା ଆବଶ୍ୟକ।

**ସହଯୋଗିତା ଭାବନା**

ସଫଳତା ଜାରି ରଖିବା ପାଇଁ ସହଯୋଗୀ ଭାବନାର ଆବଶ୍ୟକତା ରହିଛି। ଯଦି ଏହି ସମୟରେ କେହି ସହଯୋଗର ହାତ ବଢ଼ାଉଛନ୍ତି ତେବେ ସେନେଇ ଭଲ ଭାବରେ ତର୍ଜମା କରନ୍ତୁ। ନିଜର ସଫଳତା ବଜାୟ ରଖିବାକୁ ହେଲେ ନିଜ ବ୍ୟବହାରରେ ସକାରାତ୍ମକ ଏବଂ ସହଯୋଗିତା ଭାବନା ରହିବା ଆବଶ୍ୟକ। ଏଥିପାଇଁ ନିଜ ଆତ୍ମବିଶ୍ୱାସକୁ ଯେତେ ସମ୍ଭବ ଦୃଢ଼ ରଖନ୍ତୁ। ଅନ୍ୟର ଭାବନାକୁ ସମ୍ମାନ କରନ୍ତୁ। ସଫଳତା ହାସଲକରିବା ପରେ ନିଜ ଦୋଷ ଦୁର୍ବଳତାକୁ ହେୟ ମନେକରନ୍ତୁ ନାହିଁ।

**କୃତଜ୍ଞତା ଭାବନା**

କୃତଜ୍ଞତା ଭାବନା ସଫଳତାକୁ ଆହୁରି ସାର୍ଥକ ଏବଂ ସଫଳ କରିଥାଏ। ଏଥିପାଇଁ ନିଜ ସଫଳତାରେ ଉତ୍ସବ ପାଳନ କରୁଥିଲେ ଏହି ଯାତ୍ରାରେ ସହଯୋଗୀ ରହିଥିବା ଲୋକଙ୍କୁ କେବେ ବି ଭୁଲନ୍ତୁ ନାହିଁ। ନିଜ ସଫଳତା ପାଇଁ ମାତାପିତା ହୁଅନ୍ତୁ କି ଶିକ୍ଷକ, ମିତ୍ର କିମ୍ବା ସହକର୍ମୀ ସମସ୍ତଙ୍କୁ ଧନ୍ୟବାଦ ଜଣାନ୍ତୁ। ସାଧାରଣତଃ ସଫଳତା ପାଇବା ପରେ ଲୋକ ଆତ୍ମକେନ୍ଦ୍ରିକ ହୋଇଯାଇଥାନ୍ତି। ଜୀବନଟା ହେଉଛି ସାପ-ଶିଡ଼ି ଖେଳ ଭଳି। ତେଣୁ ଅସଫଳ ହେଲେ ଭାଙ୍ଗିପଡ଼ନ୍ତୁ ନାହିଁ କିମ୍ବା ସଫଳତା ହାସଲ ପରେ ଖୁସିରେ ଆତ୍ମହରା ହୁଅନ୍ତୁ ନାହିଁ। କେତେବେଳେ ଉଚ୍ଚତାର ରାସ୍ତା ତ ବିଫଳତାର ସମୟ ଏପରି ପରିସ୍ଥିତି ବଦଳିଚାଲେ। ଏମିତିରେ ନିଜର ଭଲ ସମୟରେ ଅନ୍ୟ ସହ ଭଲ ଭାବେ ରୁହନ୍ତୁ,ସକାରାତ୍ମକ ବ୍ୟବହାର କରନ୍ତୁ , କାହାକୁ ଦୁର୍ବଳ ବୋଲି ଭାବନ୍ତୁ ନାହିଁ। ସଫଳତା ପାଇବା ପରେ ବି ଭଲ ବ୍ୟବହାରର ଗୁରୁତ୍ୱ ସରିଯିବନାହିଁ। ସତ କଥା ଏଇଆ ଯେ ନିଜ ସଫଳତା ବିଶେଷ ହୋଇଯାଏ। ଚେଷ୍ଟା କରନ୍ତୁ , ଆପଣ ଯଦି ପାରିବେ ସଂଘର୍ଷ କରୁଥିବା ବ୍ୟକ୍ତି ସେ ନିଜର ହୁଅନ୍ତୁ କି ପର ସମସ୍ତଙ୍କୁ ସାହାଯ୍ୟ କରିବାର ମନୋବୃତ୍ତି ରଖନ୍ତୁ। ଆଗକୁ ବଢ଼ିବା ଲାଗି ଭଲ ହେବା ପାଇଁ କାହାର ମାର୍ଗଦର୍ଶନକୁ ମଧ୍ୟ ଆପଣେଇପାରନ୍ତି। ଏପରି କରିବା ଦ୍ୱାରା ଆପଣ ନିଜେ ବି କିଛି ଶିଖିପାରିବେ। କେବେ କେବେ କିଛି ଭାଗରେ ଲକ୍ଷ୍ୟ ଉପରେ କାମକଲେ ଏହି ରଣନୀତି ଆପଣଙ୍କୁ ନୂଆ ଉଚ୍ଚତା ପର୍ଯ୍ୟନ୍ତ ନେଇପାରିବ। କାହାକୁ ଦିଆଯାଇଥିବା ସହଯୋଗ, ଆପଣଙ୍କ କୌଣସି ସମସ୍ୟାର ସମାଧାନର ମାର୍ଗ ବି ବାହାର କରିପାରେ। କୁହାଯାଏ ସହଯୋଗ ଦ୍ୱାରା ପୂରା ସମାଜର ଉନ୍ନତି ହୋଇଥାଏ। ସହଯୋଗୀ ବ୍ୟବହାର ଦ୍ୱାରା କେବଳ ଆତ୍ମୀୟତା ବଢ଼ିବା ସହ ପ୍ରଫେସନାଲ କ୍ଷେତ୍ରରେ ସମ୍ବନ୍ଧ ଆହୁରି ମଜଭୁତ ହୋଇଥାଏ।





**ନିଜ ଉପରେ ଭରସା ରଖନ୍ତୁ**

କୌଣସି କ୍ଷେତ୍ରରେ ସଫଳ ହେବାର ଅର୍ଥ ନୁହେଁ ଯେ ଏଇଠାରେ ହିଁ ସବୁକିଛି ଶେଷ ହୋଇଗଲା। ଆପଣଙ୍କୁ ପୁଣି ଆଗକୁ ଆଗେଇବାକୁ ପଡ଼ିବ। ଜୀବନ ରାସ୍ତାରେ ଅନେକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ସମୟରେ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି। ତା'ସହ ବିପଦ ସମୟରେ ନିଜକୁ ସମ୍ଭାଳି ନେବାର ଆବଶ୍ୟକତା ରହିଛି। ଅହଙ୍କାର ଠାରୁ ଦୂରେଇ ରହିବା ଭଲ। ସଫଳତାକୁ କଦାପି ଅହଙ୍କାରରେ ବଦଳିବାକୁ ଦିଅନ୍ତୁ ନାହିଁ। ସଫଳତା ରାସ୍ତାରେ ଚାଲିବା ବେଳେ ହେଉ ଅବା ନିଜ ଲକ୍ଷ୍ୟ ହାସଲ ପରେ ସବୁବେଳେ ବିନମ୍ର ରୁହନ୍ତୁ। ଅନ୍ୟମାନଙ୍କ ପ୍ରତି କୃତଜ୍ଞତାର ମନୋଭାବ ପୋଷଣ କରନ୍ତୁ। ଏହି ସମୟରେ ନିଜର ଆତ୍ମବିଶ୍ୱାସ ଯେତେ ଦୃଢ଼ ହେବ ସେହି ଅନୁସାରେ ଆପଣ ହାସଲ କରିଥିବା ସଫଳତାକୁ ବଜାୟ ରଖିପାରିବେ।

**ଖରାପ ଅଭ୍ୟାସଠାରୁ ଦୂରେଇ ରୁହନ୍ତୁ**

ସଫଳତା ରାସ୍ତାରେ ଖରାପ ଅଭ୍ୟାସ ଦ୍ୱାରା ଘେରିହୋଇ ରହୁଥିବା ଲୋକଙ୍କୁ ଅଧିକାଂଶ ଦେଖିବାକୁ ମିଳିଥାଏ। ଏଥିପାଇଁ ସଫଳତାକୁ କୌଣସି ସଂଜ୍ଞାହୀନ ବୋଲି କୁହନ୍ତୁ ନାହିଁ। ନିଜକୁ ଖାସ୍ ଦେଖାଇବାକୁ ହେଲେ ଅଜବ ପ୍ରକାର ଅଭ୍ୟାସର ଜାଲରେ ଫସନ୍ତୁ ନାହିଁ। ପ୍ରତିଥର ଆଜି କାମ ଆଜି ନ କରି କାଲିକୁ କରିବି-ପ୍ରଥମେ ଏଭଳି ମନୋଭାବ ଦୂର କରନ୍ତୁ। ପ୍ରତିଟି କାମକୁ ଯେଉଁ ସମୟରେ ତୁଲାଇବାର ଅଛି ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ।

**ଚିନ୍ତାଧାରା ବଦଳାନ୍ତୁ**

ସଫଳତା ହାସଲ କରିବା ପରେ କେତେକେ ଆବଶ୍ୟକତାଠାରୁ ଅଧିକ ଖୁସି ହୋଇଯାଆନ୍ତି। ସଫଳତା ବଜାୟ ରଖିବା ସହଜ କଥା ନୁହେଁ। ସେଥିପାଇଁ ନିଜର ଚିନ୍ତାଧାରାକୁ ବଦଳାନ୍ତୁ। ନିଜ ମନୋଭାବକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟାକରନ୍ତୁ। ସଫଳତା ପରେ ନିଜର ଆତ୍ମସମୀକ୍ଷା କରନ୍ତୁ। ଏହି ସମୟରେ ନିଜର ଦୋଷତ୍ରୁଟି ବିଷୟରେ ଅନେକାଂଶରେ ସୂଚନା ପାଇପାରିବେ।





ଫ୍ୟାଶନ

# ୱଇଣ୍ଟର ଫ୍ୟାଶନ

**ମହିଳାଙ୍କ ଲାଗି ବିଭିନ୍ନ ଡିଜାଇନ୍‌ର ସ୍ୱେଟର ଦେଖିବାକୁ ମିଳୁଛି, ଯାହାର ଏବେ ଟ୍ରେଣ୍ଡ ଚାଲିଛି। ତାଙ୍କ ଲାଗି କେତେକ ଅପ୍ସନ୍ ରହିଛି। ଶୀତ ଆସିଲା ମାନେ ମାର୍କେଟରେ ଗରମ କପଡ଼ାର ବହୁ ଡିଜାଇନ ଦେଖିବାକୁ ମିଳିଥାଏ। ସ୍ୱେଟର ଏପରି ଏକ ପରିଧାନ ଯାହା ଶୀତଦିନରେ ଷ୍ଟାଇଲ୍ ଓ କମ୍ଫର୍ଟ ଦୁଇଟି ଯାକ ଦେଇଥାଏ। ଏପରି କିଛି ସ୍ୱେଟର ବିଷୟରେ ସୂଚନା ଦିଆଯାଉଛି ଯାହାକୁ ଆପଣାଇ ପାରିବେ ...**



**କ୍ଲାସିକ୍ ଫୁଲ୍ ସ୍ଲିଭ୍ ସ୍ୱେଟର**

କ୍ଲାସିକ୍ ଫୁଲ୍ ସ୍ଲିଭ୍ ସ୍ୱେଟର ଏହା ସବୁ ବୟସର ମହିଳାଙ୍କ ଲାଗି ପର୍‌ଫେକ୍ଟ। ଏହା ଦେଖିବାକୁ ଷ୍ଟାଇଲିଶ୍ ହୋଇଥାଏ। ଏହି ସିଜିନରେ ହାଲ୍‌କା ରଙ୍ଗ ପେଷ୍ଟାଲଟୋନ୍ ସବୁଠାରୁ ଅଧିକ ପପୁଲାର । ଏହା ସବୁ ପ୍ରକାର ଆଉଟ୍‌ଫିଟ୍ ସହ ସହଜରେ ମ୍ୟାଚ୍ କରିଥାଏ।

**ଓଭର ସାଇଜ୍ ସ୍ୱେଟର**

କୁଲ୍ ଲୁକ୍ ସହ ଆରାମଦାୟକ ବି ହୋଇଥାଏ। ଏହାକୁ ଲେଗିଂସ୍ କିମ୍ବା ଟାଇଟ୍ ଜିନ୍ସ ସହ କ୍ୟାରି କରିବା ସବୁଠୁ ସହଜ। ଏହା ମଧ୍ୟ ଷ୍ଟାଇଲିଶ୍ କମ୍ବିନେସନ। ଏଥିସହ ଲଙ୍ଗ୍‌ବୁଟ୍ସ, ୱିଣ୍ଟର ଷ୍ଟାଇଲ୍‌କୁ ଆହୁରି ବଢ଼ାଇଥାଏ।

**କାର୍ଡିଗନ୍ ସ୍ୱେଟର**

ହାଲ୍‌କା ଏବଂ ସ୍ଲିମ୍ ଫିଟ୍ କାର୍ଡିଗନ କୌଣସି ବି ଶାଢ଼ି,ସ୍କର୍ଟ,ଟ୍ରାଉଜର ସହିତ ଖୁବ୍ ସହଜରେ ମ୍ୟାଚ୍ ହୋଇଯିବ। ଏହା ଲେୟାରିଂ ପାଇଁ ମଧ୍ୟ ବହୁ ପର୍‌ଫେକ୍ଟ।

**ହାଇବ୍ରିଡ୍ ସ୍ୱେଟର**

ହାଇବ୍ରିଡ୍ ସ୍ୱେଟର କହିଲେ ଯେମିତିକି ହୁଡ୍ ଥିବା ଜ୍ୟାକେଟ୍ । ଏହା ଷ୍ଟାଇଲିଶ୍ ହେବା ସହ ଥଣ୍ଡାରୁ ମଧ୍ୟ ରକ୍ଷା କରିଥାଏ। ଏହାକୁ ଜିନ୍ସ ଏବଂ ସ୍ନିକର ସହ ପିନ୍ଧି ସ୍ପୋର୍ଟି ଲୁକ୍ ଦେଇପାରିବେ।

**କଟ୍ ଆଉଟ୍ ସ୍ୱେଟର**

କଟ୍ ଆଉଟ୍ ସ୍ୱେଟରରେ ହାଲ୍‌କା କାନ୍ଧ ଥାଏ। ପଛ ଭାଗ ସମ୍ପୂର୍ଣ୍ଣ ଥାଏ। ଯାହା ଲୁକ୍‌କୁ ଆହୁରି ଷ୍ଟାଇଲିଶ୍ କରିଥାଏ। ଏହାକୁ ଜିନ୍ସ ଏବଂ ସ୍କର୍ଟ ସହ ପାର୍ଟି କାଜୁଆଲ ଦୁଇଟି ଲୁକ୍‌ରେ ପିନ୍ଧିପାରିବେ।

# ଗୃହିଣୀଙ୍କ ପାଇଁ...

**ଆଜିକାଲି ଫ୍ରିଜ୍ ବା ରେଫ୍ରିଜିରେଟର ବ୍ୟବହାର ଏକ ସାଧାରଣ କଥା ପାଲଟି ଗଲାଣି। ବିଭିନ୍ନ ଋତୁରେ ଏହାକୁ ଭିନ୍ନ ଭିନ୍ନ ମୋଡ୍‌ରେ ରଖି ଚଳାଇବାକୁ ପଡିଥାଏ। ତେବେ ବିଶେଷଭାବରେ ଶୀତଦିନେ ଏଥିପ୍ରତି ଅଧିକ ଗୁରୁତ୍ୱ ଦେବାକୁ ହୁଏ। ଜାଣନ୍ତୁ ସମ୍ପର୍କରେ...**



-ଫ୍ରିଜ୍‌ରେ ଖାଦ୍ୟ ପଦାର୍ଥ କେବେ ବି ଗରମ ଥିବା ଅବସ୍ଥାରେ ରଖନ୍ତୁ ନାହିଁ। ଗରମ ବାସନ ଫ୍ରିଜ୍ ଭିତରେ ରଖିବା ଦ୍ୱାରା ଫ୍ରିଜ୍ ମଧ୍ୟରେ ତାପମାନ ଅଚାନକ ବଢ଼ିଯାଏ। ଯାହା ଫଳରେ ବିଜୁଳିର ଖର୍ଚ୍ଚ ଅଧିକ ହୋଇଥାଏ। ଏହାଦ୍ୱାରା ଫ୍ରିଜ୍‌ର କମ୍ପ୍ରେସର ଉପରେ ପ୍ରଭାବ ପଡିଥାଏ।

-ଅଧିକାଂଶ ଲୋକ ଫ୍ରିଜ୍‌ରେ ଫଳରେ ପାଚିଲା କଦଳୀ ସେଓ,ନାସପାତି ଏଥିଲିନ୍ ଗ୍ୟାସ ଛାଡିଥାଏ। ଯାହା ପ୍ରାକୃତିକ ଗ୍ୟାସ ଫଳ ଏବଂ ପନିପରିବାକୁ ପଚାଉଥିବାରେ ସାହାଯ୍ୟ କରେ । ଫଳ ଏବଂ ପନିପରିବାକୁ ଅଲଗା ଅଲଗା କରି ରଖନ୍ତୁ।

-ଶୀତଦିନରେ ଫ୍ରିଜ୍‌ରେ ଆମେ ଆବଶ୍ୟକତା ଠାରୁ ଅଧିକ ଖାଦ୍ୟ ରଖି ଦେଇଥାଉ। ଏହାର ଓଭରଲୋଡ୍ କରିବା ଦ୍ୱାରା ଭିତରର ଥଣ୍ଡା ପବନର ସର୍କୁଲେସନ୍ ଠିକ୍ ଭାବେ ହୋଇ ନଥାଏ। ଫ୍ରିଜ୍‌ରେ ସବୁବେଳେ କିଛି ଖାଲି ସ୍ଥାନ ରଖନ୍ତୁ ।

-ଫ୍ରିଜ୍‌ରେ ଡୋର ସବୁବେଳେ ଖୋଲା ବନ୍ଦ କଲେ ତାହାର ପ୍ରଭାବ ଫ୍ରିଜ୍‌ର ତାପମାତ୍ରା ଉପରେ ପଡିଥାଏ। ଏଥିପାଇଁ ଚେଷ୍ଟା କରନ୍ତୁ ଫ୍ରିଜ୍‌କୁ ବେଶୀ ସମୟ ଖୋଲା ରଖନ୍ତୁ ନାହିଁ।

-ଶୀତଦିନରେ ଏହାର ମୋଡକୁ ସବୁବେଳେ ମିନିମମ୍ ରଖିବାକୁ ଚେଷ୍ଟା କରନ୍ତୁ।

ଖାଦ୍ୟରୁଚି

# ମିନି ପିଜା ପକେଟ୍ସ



**ଆବଶ୍ୟକ ସାମଗ୍ରୀ:** ଗହମ କିମ୍ବା ମଇଦା ୧ କପ୍, ଦହି ୨ ବଡ଼ ଚାମଚ, ବେକିଂ ପାଉଡର ଅଧା ଛୋଟ ଚାମଚ, ଛୋଟ ଆକାରରେ କଟାଯାଇଥିବା ମନପସନ୍ଦର ପନିପରିବା ଅଧାକପ୍, ଏବଂ ପିଆଜ, ପିଜା ସସ୍ ତିନୋଟି ବଡ଼ ଚାମଚ, ଅରେଗାନୋ ଏବଂ ଚିଲି ଫ୍ଲେକ୍ସ, ସ୍ୱାଦ ଅନୁସାରେ ଲୁଣ, ତେଲ ୨ ବଡ଼ ଚାମଚ ଏବଂ ଘିଅ ସେକିବା ଲାଗି।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଅଟାରେ ପାଣି, ଲୁଣ, ଛୋଟ ଚାମଚ ବେକିଂ ପାଉଡର, ଦହି ପକାଇ ଭଲଭାବେ ମିଶାଇ ପକାଇ ଚକଟି ତାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହି ଚକଟା ଅଟାକୁ ଏବେ ୧୦-୧୫ ମିନିଟ୍ ଢାଙ୍କି ରଖିଦିଅନ୍ତୁ। ଷ୍ଟଫିଙ୍ଗ୍ ଲାଗି ଏକ ପ୍ୟାନ୍ ନିଅନ୍ତୁ। ସେଥିରେ ପନିପରିବାକୁ ଭଲ ସେ ଭାଜି ଦିଅନ୍ତୁ। ଏବେ ଏଥିରେ ପିଜା ସସ୍, ଲୁଣ ଏବଂ ମସଲା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ ଅଟାର ଛୋଟ ଛୋଟ ଗୁଳାକରି ବେଲନ୍ତୁ। ମଝିରେ ପକେଟ୍ ପରି ଖୋଲା ରଖିଥିବା ସ୍ଥାନରେ ଷ୍ଟଫିଙ୍ଗ୍ ପୂରାନ୍ତୁ। ଏବେ ଏହାକୁ ତାୱାରେ ତେଲ ଦେଇ ସେକନ୍ତୁ। ଏହାକୁ ଏୟାର ଫ୍ରାୟରରେ କରିପାରିବେ କିମ୍ବା ମାଇକ୍ରୋୱେଭ୍‌ରେ ୧୦-୧୨ମିନିଟ୍ ପର୍ଯ୍ୟନ୍ତ ଫ୍ରାଏ କରିପାରିବେ।

ସୌନ୍ଦର୍ଯ୍ୟ

# ଶୀତଦିନରେ କେଶର ଯତ୍ନ

**ଶୀତଦିନ ଆରମ୍ଭ ହୋଇଗଲାଣି। ଏହା ସହ କେତେକଙ୍କ ପାଇଁ କେଶ ଝଡ଼ିବା ସମସ୍ୟା ଦେଖାଦେଉଛି। ଥଣ୍ଡା ଏବଂ ହାଲୁକା ପବନ ଆଦି କାରଣରୁ ସ୍କାଲ୍ପର ଶୁଖାପଣ କେଶକୁ ଦୁର୍ବଳ କରାଇଦିଏ। କିନ୍ତୁ ଚିନ୍ତା କରନ୍ତୁ ନାହିଁ। କେତୋଟି ଘରୋଇ ଉପାୟ ଆପଣାଇ ଏସବୁ ସମସ୍ୟାର ସମାଧାନ କରିପାରିବେ...**

**ଶୀତଦିନରେ କାହିଁକି ଅଧିକ କେଶ ଝଡ଼େ:** ଶୀତଦିନରେ କେଶ ଓଦାପଣ କମ୍ ହେବାକୁ ଲାଗେ। ଫଳରେ ସ୍କାଲ୍ପ ଡ୍ରାଏ ହୋଇଯାଏ ଏବଂ କେଶ ଛିଡ଼ିବା ଆରମ୍ଭକରେ। ଶୁଖିଲା ହେବା କାରଣରୁ ସ୍କାଲ୍ପରେ ମଇଳା ଜମାହେବାକୁ ଲାଗେ, ଯାହା ରୂପିର ରୂପ ନେଇଥାଏ। ଏହା ହେୟାର ଫଲ୍‌କୁ ଅଧିକ ବଢ଼ାଇ ଦେଇଥାଏ। ଏହିଦିନରେ ମେଟାବୋଲିଜମ୍ ଧୀରହେବା ସହ କମ୍ ପାଣି ପିଇବା ଦ୍ୱାରା କେଶକୁ ପର୍ଯ୍ୟାପ୍ତ ପରିମାଣରେ ପୋଷଣ ମିଳି ନ ଥାଏ।

**ନଖ ଉଷୁମ ତେଲରେ କରନ୍ତୁ ମାଲିସ୍:** ଏହିଦିନରେ କେଶକୁ ମସାଜ୍ କରିବା କେଶ ଲାଗି ବରଦାନ ତୁଲ୍ୟ ହୋଇଥାଏ। ଆପଣ ଏହିଦିନରେ ନଡ଼ିଆତେଲ, ବାଦାମତେଲକୁ ହାଲ୍‌କା ଗରମକରି ମୁଣ୍ଡରେ ଧୀରେଧୀରେ ମସାଜ୍ କରନ୍ତୁ। ଆଙ୍ଗୁଳି ସାହାଯ୍ୟରେ ଧୀରେ ପ୍ରତ୍ୟେକ କେଶକୁ ହାଲ୍‌କା ମସାଜ୍ କରନ୍ତୁ।

**ଏହିଦିନରେ ଲଗାନ୍ତୁ ହେୟାର ମାସ୍କ :** ସପ୍ତାହରେ ଥରେ କେଶକୁ ଡିପ୍ କଣ୍ଡିସନିଂ ଦେବା ଜରୁରୀ। ଅଣ୍ଡାର ଧଳା ଅଂଶ , ଦହି,ମହୁକୁ ଭଲଭାବେ ମିଶାଇ ଏକ ହେୟାର ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ୩୦ମିନିଟ୍ ପର୍ଯ୍ୟନ୍ତ କେଶରେ ଲଗାଇ ରଖନ୍ତୁ। ପୁଣି ମାଇଲ୍ଡ ସାମ୍ପୋ ଦ୍ୱାରା କେଶକୁ ଧୋଇଦିଅନ୍ତୁ। ଦହି ରୂପି ହେବାକୁ ଦିଏ ନାହିଁ, ଅଣ୍ଡା କେଶକୁ ପ୍ରୋଟିନ୍ ଦେଇଥାଏ ଏବଂ ମହୁ କେଶକୁ ଓଦାଳିଆ ରଖିବାରେ ସାହାଯ୍ୟ କରେ।

**ଶୀତଦିନରେ ପାଣି ଅଧିକ ପିଅନ୍ତୁ:** ଶୀତଦିନରେ ସାଧାରଣତଃ ଆମେ କମ୍ ପାଣି ପିଇଥାଉ। କିନ୍ତୁ ଏହି ଡିହାଇଡ୍ରେସନ୍ କାରଣରୁ ହେୟାର ଫଲ୍ ହୋଇଥାଏ। ଦିନକ ମଧ୍ୟରେ ପର୍ଯ୍ୟାପ୍ତ ପାଣି ପିଅନ୍ତୁ।

**ଗେଣ୍ଡୁଫୁଲ ଏବଂ ପିଆଜରସ ଲଗାନ୍ତୁ:** ଗେଣ୍ଡୁଫୁଲର ଏକ ପେଷ୍ଟ ନଡ଼ିଆତେଲରେ ମିଶାଇ ଲଗାନ୍ତୁ। ପିଆଜରୁ ରସ କାଢ଼ି ଏହାକୁ ସ୍କାଲ୍ପରେ ଲଗାଇ ୧ ଘଣ୍ଟା ପରେ ମୁଣ୍ଡକୁ ଭଲଭାବେ ଧୋଇଦିଅନ୍ତୁ। ଏହା କେଶ ଝଡ଼ିବା ସମସ୍ୟାକୁ କିଛି ମାତ୍ରାରେ କମ୍ କରିବାରେ ସାହାଯ୍ୟ କରିଥାଏ।





# ଅନିଲଙ୍କ ଶତକ: ଓଡ଼ିଶା ଅଗ୍ରଣୀ

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

କିଟ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ନାଗାଲାଣ୍ଡ ବିପକ୍ଷ ରଣଜୀ ଟ୍ରଫି ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଛି। ଚଳିତ ସିଜନରେ କୌଣସି ଦଳ ବିପକ୍ଷରେ ପ୍ରଥମଶ୍ରେଣୀ ଅଗ୍ରଣୀ ନେବା ଓଡ଼ିଶା ପାଇଁ ଏହା ପ୍ରଥମ। ଯୁବ ବ୍ୟାଟର ଅନିଲ ପରିଡ଼ା ନିଜ ରଣଜୀ କ୍ୟାରିୟରରେ ପ୍ରଥମ ଶତକ ହାସଲ କରିଛନ୍ତି। ଓଡ଼ିଶା ପ୍ରଥମ ଇନିଂସରେ ୨୭୫ ରନ ସଂଗ୍ରହ କରିଥିବାବେଳେ ନାଗାଲାଣ୍ଡ ପ୍ରଥମ ଇନିଂସ ୧୬୧ ରନରେ ସୀମିତ

**ରଣଜୀ ଟ୍ରଫି**

- ଦ୍ୱିତୀୟ ଦିବସରେ ୧୫ ଉଇକେଟର ପତନ
- ନାଗାଲାଣ୍ଡ ପ୍ରଥମ ଇନିଂସ ୧୬୧ରେ ସୀମିତ

ରହିଛି। ଘରୋଇ ପରିବେଶରୁ ଓଡ଼ିଶା ବୋଲରମାନେ ପ୍ରଥମଥର ପାଇଁ ଫାଇଦା ଉଠାଇ ନାଗାଲାଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ପ୍ରଥମ ଇନିଂସରେ ୧୧୪ ରନରେ ଅଗ୍ରଣୀ ରହିଥିବା ଓଡ଼ିଶା ସୋମବାର ଦ୍ୱିତୀୟ ଦିବସ ଶେଷ ବେଳକୁ ୧୬ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଫଳରେ ୮ ଉଇକେଟ ହାତରେ ଥାଇ ଓଡ଼ିଶା ମୋଟ ୧୩୦ ରନରେ ଅଗ୍ରଣୀଲାଭ କରିଛି। ଗୌରବ ଚୌଧୁରୀ ୭ ଓ ସାୱନ ପହାରିଆ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଛନ୍ତି। ନାଗାଲାଣ୍ଡର ଇମ୍ଲିୱାତି ଲେମଟୁର ଓ ଭିନୋ ଝିମୋମି ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଦ୍ୱିତୀୟ ଦିବସରେ ୧୫ ଉଇକେଟର ପତନ ଘଟିଥିବାରୁ ମ୍ୟାଚରୁ ଫଳାଫଳ ମିଳିବା ଆଶା କରାଯାଉଛି। ତୃତୀୟ ଦିବସର ପ୍ରଥମ ଦୁଇ ସେସନରେ ଦୃଢ଼ ବ୍ୟାଟିଂ କରି ବଡ଼ ଟାର୍ଗେଟ ଛିଡ଼ା କରିପାରିଲେ ଓଡ଼ିଶା ଫାଇଦାରେ ରହିପାରିବ।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୪୩/୭ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଦିବସ ପୂର୍ବାହ୍ନରେ ଆଉ ୩୨ ରନ ଯୋଗକରି ଅବଶିଷ୍ଟ ୩ ଉଇକେଟ ହରାଇଥିଲା। ଶତକ ହାସଲକାରୀ ଅନିଲ ପରିଡ଼ା ୧୧୮ ରନରେ ଅପରାଜିତ ରହିଥିବାବେଳେ ରାଜେଶ ମହାନ୍ତି ୧୪ ଏବଂ ତାପସ ଦାସ ଓ ବାଦଲ ବିଶ୍ୱାଳ ଖାତା ଖୋଲିପାରି ନ ଥିଲେ। ନାଗାଲାଣ୍ଡର ରଙ୍ଗସେନ ଜୋନାଥନ, ରୋନିତ ମୋରେ ଓ ଇମଲିୱାତି ଲେମଟୁର ଉଇକେଟ ୩ଟି ବାଣ୍ଟି ନେଇଥିଲେ।



ଶତକ ହାସଲ ପରେ ଅନିଲ ପରିଡ଼ା।

ନାଗାଲାଣ୍ଡ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲା। ଓପନିଂ ଯୋଡ଼ିରେ ୫୨ ରନର ଭାଗୀଦାରି ପରେ ସେଦେଝାଲି ରୁପେରୋ (୧୭)ଙ୍କୁ ସମ୍ବିତ ବରାଳ ଆଉଟ କରିବାପରେ ନାଗାଲାଣ୍ଡ ଇନିଂସ ଦିଗହରା ହୋଇଯାଇଥିଲା। ଓପନର ଡେଗା ନିଶ୍ଚଲ ୭୨ ରନର ଦୃଢ଼ ଇନିଂସ ଖେଳିଥିଲେ ହେଁ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ନାଗାଲାଣ୍ଡ ୫୭.୩ ଓଭରରେ ୧୬୧ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ରୋନିତ ମୋରେ ଦ୍ୱିତୀୟ ସର୍ବାଧିକ ୨୫ ରନ କରିଥିବାବେଳେ ୭ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଓଡ଼ିଶାର ସବୁ ବୋଲର ଭଲ ବୋଲିଂ କରିଥିଲେ। ରାଜେଶ ମହାନ୍ତି, ସମ୍ବିତ ବରାଳ ଓ ଗୋବିନ୍ଦ ପୋଦ୍ଦାର ୩ଟି ଲେଖାଏ ଏବଂ ତାପସ ଦାସ ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/ଅଲଆଉଟ (ଅନିଲ ପରିଡ଼ା-୧୧୮*, ବିପ୍ଳବ ସାମନ୍ତରାୟ-୯୨, ରଙ୍ଗସେନ ଜୋନାଥନ-୩/୬୭, ରୋନିତ ମୋରେ-୩/୬୪, ଇମଲିୱାତି ଲେମଟୁର-୩/୨୬, ଦୀପ ବୋରା-୧/୩୪)। ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/ଅଲଆଉଟ (ଡେଗା ନିଶ୍ଚଲ-୭୨, ରୋନିତ ମୋରେ-୨୫, ରାଜେଶ ମହାନ୍ତି-୩/୪୯, ସମ୍ବିତ ବରାଳ-୩/୩୩, ଗୋବିନ୍ଦ ପୋଦ୍ଦାର-୩/୨୨, ତାପସ ଦାସ-୧/୧୭)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୬/୨।

## କିଟ୍ ଗ୍ରାଉଣ୍ଡ ଅନିଲଙ୍କ ପାଇଁ ସ୍ମରଣୀୟ

କିଟ୍ କ୍ରିକେଟ ଗ୍ରାଉଣ୍ଡ ଅନିଲ ପରିଡ଼ାଙ୍କ ପାଇଁ ସ୍ମରଣୀୟ ହୋଇଛି। କାରଣ ନିଜର ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ସେ ଏଠାରେ ପ୍ରଥମଥର ପାଇଁ ଶତକ ହାସଲ କରିଛନ୍ତି। ଚଳିତ ସିଜନରେ କୌଣସି ଓଡ଼ିଶା ଖେଳାଳିଙ୍କ ପାଇଁ ମଧ୍ୟ ଏହା ପ୍ରଥମ ରଣଜୀ ଶତକ। ୨୯୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅନିଲ ୧୨ ଚୌକା ଓ ୧ ଛକା ସହାୟତାରେ ୧୧୮ ରନରେ ଅପରାଜିତ ରହିଥିବାବେଳେ ଓଡ଼ିଶା ପ୍ରଥମ ଇନିଂସରେ ୨୭୫ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ପୂର୍ବରୁ ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ସର୍ବୋଚ୍ଚ ସ୍କୋର ଥିଲା ୯୯* ରନ। ଚଳିତବର୍ଷ ପ୍ରାରମ୍ଭରେ ଜାନୁଆରୀ ୩୦ରୁ ଫେବୃଆରୀ ୨ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ଏକମାତ୍ର ମ୍ୟାଚର ଦ୍ୱିତୀୟ ଇନିଂସରେ ଓଡ଼ିଶା ଅଲ୍‌ଆଉଟ ହେବା ବେଳକୁ ସେ ୯୯ ରନରେ ଅପରାଜିତ ରହିଥିଲେ। ଚଳିତ ସିଜନରେ ନାଇଣ୍ଟିଜ୍ ମଧ୍ୟରେ ପ୍ରବେଶ କରି ଶତକ ହାସଲ କରିପାରି ନ ଥିବା ଅନ୍ୟ ୨ ଖେଳାଳି ହେଲେ ରାଜେଶ ଧୂପର (୯୪ ରନ) ଓ ବିପ୍ଳବ ସାମନ୍ତରାୟ (୯୨)।

# ଅଧିନାୟକ, ଅମ୍ପାୟର, ଅଫିସିଆଲ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

କିଟ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଶେଷରେ ଓଡ଼ିଶା ଓ ନାଗାଲାଣ୍ଡ ଦଳର ଖେଳାଳି ଓ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଉପସ୍ଥିତ ରହି ଅମ୍ପାୟର ଏବଂ ଦୁଇ ଦଳର ଅଧିନାୟକ ଓ ମ୍ୟାନେଜରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କିଟ୍ ଗ୍ରାଉଣ୍ଡରେ ରଣଜୀ ଟ୍ରଫି ମ୍ୟାଚ ଆୟୋଜନର ସୁଯୋଗ ଦେଇଥିବାରୁ ଅଚ୍ୟୁତ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ଧନ୍ୟବାଦ ଦେଇଛନ୍ତି। ବର୍ତ୍ତମାନ ନାଗାଲାଣ୍ଡ ଦଳର କୋଚ୍ ଥିବା ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଏହି ଅବସରରେ ଭାବପ୍ରବଣ ହୋଇଥିଲେ। ତାଙ୍କ ନାମରେ ଷ୍ଟାଡିୟମର ଏକ ଗ୍ୟାଲେରିକୁ ନାମିତ କରାଯାଇଥିବାରୁ ସେ ଅଚ୍ୟୁତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସେ କିଟ୍ ଓ କିସ୍ ପରିସରରେ ଉପଲବ୍ଧ ଥିବା ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିର ପ୍ରଶଂସା କରିଥିଲେ। ପ୍ରକାଶଯୋଗ୍ୟ, ଆଇକନିକ କିଟ୍ କ୍ରିକେଟ ଷ୍ଟାଡିୟମରେ ପୂର୍ବରୁ ୧୨ ରଣଜୀ ଟ୍ରଫି ମ୍ୟାଚ ହୋଇସାରିଛି।



ଓଡ଼ିଶା ଓ ନାଗାଲାଣ୍ଡ ଦଳର ଖେଳାଳି ଓ ଅଫିସିଆଲଙ୍କ ସହ ଅତିଥିବୃନ୍ଦ।

## ଅନୁୟା ସ୍ୱର୍ଣ୍ଣ, ପ୍ରାଞ୍ଜଳିଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୧୭।୧୧ (ପି.ଟି.): ଭାରତର ଅନୁୟା ପ୍ରସାଦ ଓ ପ୍ରାଞ୍ଜଳି ପ୍ରଶାନ୍ତ ଧୂମଲ ଟୋକିଓଠାରେ ଚାଲିଥିବା ବଧିର ଅଲିମ୍ପିକ୍ସର ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ହାସଲ କରିଛନ୍ତି। ଅନୁୟା ବଧିର ଫାଇନାଲ ବିଶ୍ୱ ରେକର୍ଡ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରାଞ୍ଜଳି କ୍ୱାଲିଫିକେଶନ ବିଶ୍ୱ ରେକର୍ଡ ସ୍କୋର ସହ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ଅନ୍ୟପକ୍ଷରେ ପୁରୁଷ ୧୦ମିଟର ଏୟାର ପିସ୍ତଲରେ ଅଭିନବ ଦେଶୱାଲ କ୍ୱାଲିଫିକେଶନ ବିଶ୍ୱ ରେକର୍ଡ ସହ ରୌପ୍ୟ ଜିତିଥିଲେ।

# ଡିସେମ୍ବର ୧ରୁ ଅନ୍‌ଲାଇନ, ୫ରୁ ଅଫ୍‌ଲାଇନ ଟିକେଟ ବିକ୍ରି



ସମୀକ୍ଷା ବୈଠକରେ ଉପସ୍ଥିତ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅନ୍ୟମାନେ। (ଫଟୋ: ରାଜକିଶୋର ମହାନ୍ତି)

- ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦
- ୬ କାଉଣ୍ଟରରେ ମିଳିବ ଟିକେଟ
- ଗ୍ୟାଲେରି କାର୍ଯ୍ୟ ଚାଲିଥିବା ଯୋଗୁ କମିବ ଟିକେଟ ସଂଖ୍ୟା

କଟକ, ୧୭।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

ଭାରତ ଓ ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ଡିସେମ୍ବର ୧ରୁ ଅନ୍‌ଲାଇନ ଟିକେଟ ବିକ୍ରି କରାଯିବ। ସେହିପରି ଡିସେମ୍ବର ୩ ଓ ୪ରୁ ଅନୁବନ୍ଧିତ ଅନୁଷ୍ଠାନଗୁଡ଼ିକୁ ଟିକେଟ ପ୍ରଦାନ କରାଯିବ ଏବଂ ୫ ତାରିଖରେ ଅଫ୍‌ଲାଇନ ଟିକେଟ ବିକ୍ରି କରାଯିବ। ଗୋଟିଏ ଦିନରେ ୬ଟି କାଉଣ୍ଟରରେ ଟିକେଟ ବିକ୍ରି କରାଯିବାର ବ୍ୟବସ୍ଥା କରାଯାଇଛି। ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେଶନ ଓ ୱେବସାଇଟରେ ଅନଲାଇନ ଟିକେଟ ଉପଲବ୍ଧ ହେବ। ୭ଟି ଗ୍ୟାଲେରୀ ସିଟକୁ ଚଉଡା କରାଯାଉଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ ଗୁଡିକୁ ୨୨ଇଞ୍ଚ କରାଯାଉଛି। ଗ୍ୟାଲେରୀ ନଂ ୫ ଓ ୬ରେ ଏହି ନିର୍ମାଣ କାମ ଶେଷ ହୋଇଥିବାବେଳେ ଅବଶିଷ୍ଟ ଗ୍ୟାଲେରୀ ଗୁଡିକର ନବୀକରଣ କାର୍ଯ୍ୟ ଜାରି ରହିଛି। ତେଣୁ ଏଥର ଟିକେଟ୍ ସଂଖ୍ୟା କମିବ ବୋଲି ସୂଚନା ମିଳିଛି। ଟି୨୦ ମ୍ୟାଚ୍‌କୁ ନଜରରେ ରଖି କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗତ ମ୍ୟାଚ୍ ସମୟରେ ବିଦ୍ୟୁତ୍ ବିଭ୍ରାଟ ଓ ଟିକେଟ କାଉଣ୍ଟରରେ ଅବ୍ୟବସ୍ଥାର ଯେପରି ପୁନରାବୃତ୍ତି ନ ହେବ ଏବଂ ସୁବ୍ୟବସ୍ଥିତ ଭାବେ ଏହାକୁ ପରିଚାଳନା କରାଯିବା ସହ ଅନ୍ୟାନ୍ୟ ବିଷୟ ଉପରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ)ର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଛି।

ଏନେଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି, ଷ୍ଟାଡିୟମରେ ବିଦ୍ୟୁତ୍ ଓ ଷ୍ଟ୍ରକ୍‌ଚରାଲ ସେଫ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହାସହ ଖାଦ୍ୟ, ମେଡିକାଲ ସୁବିଧା, ସାନିଟାଇଜେଶନ ଆଦି ଉପରେ ନଜର ରଖାଯିବ। ଟିକେଟ କାଉଣ୍ଟର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ସୁରକ୍ଷା କଡ଼ାକଡ଼ି କରାଯିବ। ଟିକେଟ କିଣିବାକୁ ଆସୁଥିବା ଲୋକଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯିବ। ମୁଖ୍ୟତଃ ପିଇବା ପାଣିର ବ୍ୟବସ୍ଥା କରାଯିବ। ଗତ ମ୍ୟାଚ୍ ସମୟରେ ଯେପରି ବିଦ୍ୟୁତ୍ ସମସ୍ୟା ହୋଇଥିଲା ତାହାକୁ ନଜରରେ ରଖି ପାୱାର ବ୍ୟାକ୍‌ଅପ ଓ ଡିଜି ରଖାଯିବ। ଏବେଠୁ ଷ୍ଟାଡିୟମରେ ସମସ୍ତ କାମର ଯାଞ୍ଚ କରାଯିବ ଏବଂ ଯାହା ଆବଶ୍ୟକ ଥିବ ତାହା ସମ୍ପୂର୍ଣ୍ଣ କରାଯିବ। ଏହାସହ ବିଦ୍ୟୁତ୍ ମରାମତି ଟିମ୍, ସାନିଟାଇଜେଶନ ଟିମ୍, ମେଡିକାଲ ଟିମ୍ ଆଦି ଅନ୍ୟାନ୍ୟ ୫ଟି ଟିମ୍ ପାଇଁ ଗ୍ରୀନ୍ କରିଡରର ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମ୍ୟାଚ୍‌କୁ ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ସିନ୍ଦେ କହିଛନ୍ତି। ଅନ୍ୟପଟେ ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି, ଦର୍ଶକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବ। ଚଳିତଥର ସିନିୟର ସିଟିଜେନଙ୍କ ପାଇଁ କାର୍ଟର ବ୍ୟବସ୍ଥା କରାଯିବ, ଯେଉଁଥିରେ ସେମାନେ ସୁରୁଖୁରୁରେ ଗ୍ୟାଲେରିକୁ ଯାଇପାରିବେ। ଟିକେଟ ପାଇଁ ପୂର୍ବ ରାତିରୁ ଧାଡ଼ିରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯିବ। ଚଳିତଥର ବାଉଁଶ ବ୍ୟାରିକେଡ୍ ନୁହେଁ ବରଂ ଲୁହା ବ୍ୟାରିକେଡ୍ କରାଯିବ। ଆଗାମୀ ମ୍ୟାଚ୍‌ରେ କୌଣସି ଗଣ୍ଡଗୋଳ ହେବ ନାହିଁ ବୋଲି ଆଶା କରୁଛୁ। ଏହାସହ ୧, ୩, ୫ ଓ ୬ ନଂ. ଗ୍ୟାଲେରିରେ ସିଟ୍ ସଂଖ୍ୟା କମିବ ଏବଂ କେଉଁ ଗ୍ୟାଲେରିରେ କେତେ ସଂଖ୍ୟାର ଟିକେଟ କରାଯିବ ସେ ନେଇ ଆଲୋଚନା କରାଯାଇ ବ୍ୟବସ୍ଥା କରାଯିବ ବୋଲି ବେହେରା କହିଛନ୍ତି।

# ଜାନୁଆରୀ ୭ରୁ ହୋଇପାରେ ଡବ୍ଲ୍ୟୁପିଏଲ୍

ନୂଆଦିଲ୍ଲୀ, ୧୭।୧୧

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଆଗାମୀ ସଂସ୍କରଣ ଆସନ୍ତା ବର୍ଷ ଜାନୁଆରୀ ୭ରୁ ଫେବୃଆରୀ ୩ ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ହେବାର ବିଶେଷ ସମ୍ଭାବନା ରହିଛି। ଡବ୍ଲ୍ୟୁପିଏଲ୍‌ର ଚତୁର୍ଥ ସଂସ୍କରଣ ଲାଗି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁମ୍ବାଇ ଓ ବରୋଦାକୁ ଭେନ୍ୟୁ ଭାବେ ଚୟନ କରିଛି। ପ୍ରଥମ ପର୍ଯ୍ୟାୟ ନଭି ମୁମ୍ବାଇସ୍ଥିତ ଡିୱାଇ ପାଟିଲ ଷ୍ଟାଡିୟମରେ ହେବ। ଯଦି ସବୁ କିଛି ଯୋଜନା ମୁତାବକ ଚାଲେ, ତେବେ ଫାଇନାଲ ବରୋଦାସ୍ଥିତ କୋଟାମ୍ବି ଷ୍ଟାଡିୟମରେ ଖେଳାଯିବ।

# ଟାଇଟଲ ବଜାୟ ରଖିଲେ ସିନର

ତୁରିନ୍, ୧୭।୧୧ (ଏପି)

ଜାନିକ ସିନର ଏଟିପି ଫାଇନାଲ୍ସ ଟାଇଟଲ ବଜାୟ ରଖିଛନ୍ତି। ରବିବାର ରାତିରେ ଅନୁଷ୍ଠିତ ଟାଇଟଲ ମୁକାବିଲାରେ ସେ ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ କାର୍ଲୋସ ଅଲ୍‌କାରାଜଙ୍କୁ ୭-୬ (୪), ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ବର୍ତ୍ତମାନ ଏହି ଦୁଇ ଖେଳାଳିଙ୍କର ପୁରୁଷ ଟେନିସରେ ଆଧିପତ୍ୟ ରହିଛି। ଚଳିତବର୍ଷ ଦୁହେଁ ବିଭିନ୍ନ ଟୁର୍ନାମେଣ୍ଟରେ ପରସ୍ପରକୁ ୬ଥର ଭେଟିଛନ୍ତି। ସିନର

**ଏଟିପି ଫାଇନାଲ୍ସ**

ତାଙ୍କ ଦେଶ ଇଟାଲୀରେ ଘରୋଇ ସମର୍ଥକଙ୍କ ଉପସ୍ଥିତିରେ ଏହି ବିଜୟ ଲାଭ କରିଛନ୍ତି। ଚଳିତବର୍ଷ ଅଲ୍‌କାରାଜଙ୍କ ବିପକ୍ଷରେ ଏହା ଥିଲା ଦ୍ୱିତୀୟ ବିଜୟ। ପୂର୍ବରୁ ସ୍ପାନିଶ ଖେଳାଳିଙ୍କୁ ୱିମ୍ବଲେଡନ ଫାଇନାଲରେ ପରାସ୍ତ କରିଥିଲେ। ବର୍ଷର ଶ୍ରେଷ୍ଠ ୮ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇ ଆସୁଥିବା ଏହି ଇଭେଣ୍ଟରେ ପ୍ରଥମଥର ଫାଇନାଲକୁ ଉନ୍ନୀତ ହୋଇପାରିଥିଲେ। ଏଥିରେ ପରାଜିତ ହୋଇଥିଲେ ମଧ୍ୟ ପୂର୍ବରୁ ସେ ବର୍ଷ ଶେଷର ନମ୍ବର-୧ ର୍‍ୟାଙ୍କିଂ ହାସଲ କରିସାରିଛନ୍ତି। କ୍ୟାରିୟରରେ ସିନରଙ୍କ ବିପକ୍ଷରେ ଏପର୍ଯ୍ୟନ୍ତ ଖେଳିଥିବା ମ୍ୟାଚ୍‌ଗୁଡ଼ିକରେ ଅଲ୍‌କାରାଜଙ୍କ ବିଜୟ ପରାଜୟ ରେକର୍ଡ ୧୦-୬ ରହିଛି। ସିନର ଓ ଅଲ୍‌କାରାଜ ଗତ ତିନୋଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପରସ୍ପରକୁ ଭେଟିଛନ୍ତି। ଫ୍ରେଞ୍ଚ ଓପନରେ ଅଲ୍‌କାରାଜ ଏକ ୫ ସେଟ୍ ବିଶିଷ୍ଟ ଟାଇବ୍ରେକରରେ ବିଜୟ ଲାଭ କରିଥିଲେ। ସିନର ୱିମ୍ବଲେଡନରେ ଏହି ପରାଜୟର ପ୍ରତିଶୋଧ ନେଇଥିଲେ। ତେବେ ପରେ ଅଲ୍‌କାରାଜ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରି ୟୁଏସ୍ ଓପନରେ ଟାଇଟଲ ବିଜୟୀ ହୋଇଥିଲେ। ଚଳିତବର୍ଷ ଦୁହେଁ ଇଟାଲିଆନ ଓପନ ଫାଇନାଲରେ ପରସ୍ପରକୁ ଭେଟିଥିଲେ। ଏଥିରେ ଅଲ୍‌କାରାଜ ବିଜୟୀ ହୋଇଥିଲେ। ସିନ୍‌ସିନାଟି ଓପନ ଫାଇନାଲ ଅସୁସ୍ଥତା ଯୋଗୁ ସିନର ମ୍ୟାଚ ଅଧାରୁ ରିଟାୟର୍ଡ ନେଇଯିବାରୁ ଅଲକାରାଜ ବିଜୟୀ ଘୋଷିତ ହୋଇଥିଲେ। ସିନର ଫାଇନାଲରେ ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ପରାସ୍ତ କରି ଅଷ୍ଟ୍ରେଲିଆନ ଓପନ ଜିତିଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ